# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୫/୨୦୨୦ (୧୨ ପୃଷ୍ଠା) | Bhubaneswar, Saturday, September 5/2020 | ★★★★

୪୬ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଆଇପିଏଲ୍‌ରୁ ଓହରିଲେ ହରଭଜନ


ସିନିୟର ଅଫ୍‌ସ୍ପିନର ହରଭଜନ ସିଂ ବ୍ୟକ୍ତିଗତ କାରଣ ଦର୍ଶାଇ ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯାଇଛନ୍ତି।

୧୨ | ୦୨

## ବିଗ୍‌ବସ୍-୧୪ରେ ଆସିପାରନ୍ତି ଆମ୍ରପାଲି

ବିଗ୍ ବସ୍ ସିଜନ୍-୧୪ରେ ଭୋଜପୁରୀ ଅଭିନେତ୍ରୀ ଆମ୍ରପାଲି ଦୁବେଙ୍କୁ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।






# ନଭେମ୍ବର ୨୯ ପୂର୍ବରୁ ଉପନିର୍ବାଚନ

- ବାଲେଶ୍ୱର ସଦର, ତିର୍ତ୍ତୋଲ ଉପ ନିର୍ବାଚନ
- ବିହାର ବିଧାନସଭା ନିର୍ବାଚନ ସହ ଏକକାଳୀନ ହେବ



ଭୁବନେଶ୍ୱର/ନୂଆଦିଲ୍ଲୀ, ୪।୯(ବ୍ୟୁରୋ)

ଆସନ୍ତା ନଭେମ୍ବର ୨୯ ତାରିଖ ପୂର୍ବରୁ ଓଡ଼ିଶାରେ ଖାଲି ରହିଥିବା ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ। ବିଧାୟକଙ୍କ ମୃତ୍ୟୁ ଯୋଗୁ ଉଭୟ ଆସନ ଖାଲି ରହିଛି। ଏହାକୁ ମିଶାଇ ଦେଶରେ ଖାଲି ପଡିଥିବା ମୋଟ ୬୫ ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ସହ ବିହାରରେ ବିଧାନସଭା ନିର୍ବାଚନ ହେବ। ଶୁକ୍ରବାର ଅନୁଷ୍ଠିତ ବୈଠକ ପରେ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି।

ବିଭିନ୍ନ ରାଜ୍ୟରେ ୬୪ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ଖାଲି ପଡିଛି। ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ମିଳିଥିବା ରିପୋର୍ଟକୁ ଆଧାରକରି ବୈଠକରେ ସମୀକ୍ଷା କରାଯାଇଥିଲା। କରୋନା ମହାମାରୀ ସାଙ୍ଗକୁ ରାଜ୍ୟରେ ଦେଖା ଦେଇଥିବା ବନ୍ୟା ପରିସ୍ଥିତିକୁ ନେଇ ଅନେକ ରାଜ୍ୟ ସରକାର ଉପ ନିର୍ବାଚନ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଆସନ୍ତା ନଭେମ୍ବର ୨୯ ତାରିଖ ସୁଦ୍ଧା ବିହାରର ୨୪୩ଟି ବିଧାନସଭା ଆସନ ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ତେଣୁ ଏହି ସମୟ ପୂର୍ବରୁ ସମସ୍ତ ଉପନିର୍ବାଚନ ଶେଷ କରିବାକୁ କମିଶନ ନିଷ୍ପତ୍ତି ନେଇଛନ୍ତି। ଉପନିର୍ବାଚନ ପାଇଁ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇ ଦିଆଯାଇଛି।

କରୋନା ମହାମାରୀ ସମୟରେ ନିର୍ବାଚନ ହେଉଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଗାଇଡଲାଇନକୁ କଡାକଡି ପାଳନ କରିବାକୁ ହେବ। ପ୍ରାର୍ଥୀମାନେ ଅନଲାଇନରେ ପ୍ରାର୍ଥୀପତ୍ର ଦାଖଲ କରିବେ। ଶୋଭାଯାତ୍ରା କରି ନାମାଙ୍କନ ପତ୍ର ଦାଖଲକୁ ବାରଣ କରାଯାଇଛି। ଯଦି କେହି ବ୍ୟକ୍ତିଗତ ଭାବେ ନାମାଙ୍କନ ପତ୍ର ଦାଖଲ କରିବାକୁ ଚାହିଁବେ ସେଥିପାଇଁ ମାତ୍ର ଦୁଇ ଜଣଙ୍କୁ ଅନୁମତି ମିଳିବ। ମୁହଁରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା କରି ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିବେ। ରାଜ୍ୟର ଦୁଇଟି ବିଧାନସଭା ଉପନିର୍ବାଚନ ଲାଗି ମଧ୍ୟ ଖୁବଶୀଘ୍ର ତାରିଖ ଘୋଷଣା ହେବ। ଏଠାରେ ସୂଚନା ଯୋଗ୍ୟ ଯେ ବାଲେଶ୍ୱର ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କର ଜୁନ ୧୭ ତାରିଖରେ ପରଲୋକ ହୋଇଥିଲା। ସେହିପରି ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କର ଜୁଲାଇ ୬ ତାରିଖରେ ବିୟୋଗ ହୋଇଥିଲା। ଉଭୟ ସଦସ୍ୟଙ୍କ ପରଲୋକ ଯୋଗୁ ଏହି ଦୁଇଟି ଆସନ ଖାଲି ରହିଛି । କରୋନା ମହାମାରୀ ସଂକ୍ରମଣ ବ୍ୟାପୀଥିବାରୁ ଉପ ନିର୍ବାଚନ ପାଇଁ ପ୍ରସ୍ତୁତି ସରଗରମ ହୋଇ ନାହିଁ। ଏହା ସତ୍ତ୍ୱେ ବିଜେଡି, କଂଗ୍ରେସ ଓ ଭାଜପା ଉପ ନିର୍ବାଚନ ପାଇଁ ନିଜର ପ୍ରସ୍ତୁତି ଇତି ମଧ୍ୟରେ ଆରମ୍ଭ କରି ଦେଇଛନ୍ତି।

# ଆସନ୍ତା ବର୍ଷ ମଧ୍ୟଭାଗ ସୁଦ୍ଧା ଆସିବନି କରୋନା ଟିକା: ଡବ୍ଲ୍ୟୁଏଚ୍‌ଓ

ଜେନେଭା,୪।୯




ଆସନ୍ତା ବର୍ଷ ମଧ୍ୟଭାଗ ସୁଦ୍ଧା କରୋନା ଟିକା ପ୍ରସ୍ତୁତ ହୋଇପାରିବ ନାହିଁ ବୋଲି ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚ୍‌ଓ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଯେତେସବୁ କମ୍ପାନୀ କରୋନା ଟିକା ପ୍ରସ୍ତୁତ କରୁଛନ୍ତି ସେମାନେ ଏପର୍ଯ୍ୟନ୍ତ ୫୦ ପ୍ରତିଶତ ସଫଳତା ପାଇ ନାହାନ୍ତି ବୋଲି ଡବ୍ଲୁଏଚ୍‌ଓର ପ୍ରବକ୍ତା ମାଗରିଟ ହ୍ୟାରିସ କହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱରେ ଅକ୍ଟୋବର କିମ୍ବା ନଭେମ୍ବର ସୁଦ୍ଧା କରୋନା ଟୀକା ପ୍ରସ୍ତୁତ ହୋଇଯିବ ବୋଲି ଆମେରିକାର ହେଲ୍‌ଥ ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରୋବେଶନ(ସିଡିସି)ର ଜନସ୍ୱାସ୍ଥ୍ୟ ସହ ଜଡିତ ଏଜେନ୍ସି କହିଛି। ଏହାସହ ଆମେରିକାର ଏସଟ୍ରାଜେନେକା ଦ୍ୱାରା ପ୍ରସ୍ତୁତ କରାଯାଇଥିବା କରୋନା ଟିକାର ପରୀକ୍ଷଣ ତୃତୀୟ ସ୍ତରରେ ପହଞ୍ଚିଥିବା କୁହାଯାଉଛି। କମ୍ପାନୀର ସୂଚନା ମୁତାବକ ଆମେରିକାରେ ପାଖାପାଖି ୮୦ ସ୍ଥାନରେ ୩୦ ହଜାର ସ୍ୱେଚ୍ଛାସେବୀଙ୍କ ଠାରେ ଏହାର ପରୀକ୍ଷା କରାଯାଉଛି। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏସଟ୍ରାଜେନେକା ଦ୍ୱାରା ପ୍ରସ୍ତୁତ କରାଯାଇଥିବା କରୋନା ଟିକାର ପରୀକ୍ଷଣ ତୃତୀୟ ସ୍ତରରେ ଥିବା କହିଥିଲେ। ଏହା ଖୁବ୍‌ଶୀଘ୍ର ବଜାରକୁ ଆସିବ ବୋଲି ମଧ୍ୟ କୁହାଯାଇଥିଲା।

## ଆଜି ଯୁକ୍ତ୨ କଳା ପରୀକ୍ଷାଫଳ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇବ। ଏଥିସହିତ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ମଧ୍ୟ ବାହାରିବ ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଡ଼ା ମେସେଜ**

# ସୌଭିକ୍, ମିରାଣ୍ଡାଙ୍କୁ ଗିରଫ କଲା ଏନ୍‌ସିବି

- ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାରେ ବଢ଼ିଲା ରିଆଙ୍କ ଅଡୁଆ
- ଡ୍ରଗ୍ସ ଲିଙ୍କ୍‌ର ଖୋଳତାଡ଼ କରୁଛି ଏନ୍‌ସିବି
- ସକାଳେ ଉଭୟଙ୍କ ଘରେ ଚଢ଼ାଉ ହୋଇଥିଲା

ମୁମ୍ବାଇ,୪।୯


ସୌଭିକ୍ ଚକ୍ରବର୍ତ୍ତୀ

ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କ୍‌ର ତଦନ୍ତ କରୁଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶୁକ୍ରବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏନ୍‌ସିବି ରିଆ ଚକ୍ରବର୍ତ୍ତୀଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀ ଓ ସୁଶାନ୍ତଙ୍କ ହାଉସ୍ ମ୍ୟାନେଜର ସାମୁଏଲ ମିରାଣ୍ଡାଙ୍କୁ ଗିରଫ କରିଛି। ଏହାପୂର୍ବରୁ ଏନ୍‌ସିବି ପକ୍ଷରୁ ପ୍ରଥମ ଥର ପାଇଁ ରିଆ ଚକ୍ରବର୍ତ୍ତୀ ଏବଂ ସାମୁଏଲ ମିରାଣ୍ଡାଙ୍କ ଘରେ ଯାଞ୍ଚ କରାଯାଇଥିଲା। ସକାଳ ପ୍ରାୟ ସଢ଼େ ୬ଟାରେ ଦୁଇଟି ଅଲଗା ଅଲଗା ଟିମ୍ ଏହି ଚଢ଼ାଉ କରି ପ୍ରାୟ ଅଢ଼େଇ ଘଣ୍ଟା ଧରି ସୌଭିକ୍‌ଙ୍କ ଡ୍ରଗ୍ସ ସମ୍ପର୍କର ଖୋଳତାଡ଼ କରିଥିଲା। ଏନ୍‌ସିବି ଅଧିକାରୀମାନେ ବିଭିନ୍ନ କାଗଜପତ୍ର, କମ୍ପ୍ୟୁଟର, ଲାପଟପ୍ ଆଦି ଯାଞ୍ଚ କରିଥିଲେ। ☞ପୃଷ୍ଠା-୪




# ‘ମଣିଷ ପଣିଆ ଜାରି ରଖ’

**ହାଇଦ୍ରାବାଦ୍,୪।୯(ପିଟି)**

କୋଭିଡ୍-୧୯ ମହାମାରୀ ସମୟରେ ଦେଶବାସୀ ପୋଲିସର ମଣିଷ ପଣିଆକୁ ଦେଖିଛନ୍ତି। ଆଉ ଏହି ମଣିଷ ପଣିଆକୁ ଜାରି ରଖିପାରିଲେ ଦେଶର ପ୍ରଭୁତ ଉନ୍ନତି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀ (ଏସ୍‌ଭିପିଏନ୍‌ପିଏ)ରେ ଭାରତୀୟ ପୋଲିସ ସେବା (ଆଇପିଏସ୍) ୨୦୧୮ ବ୍ୟାଚ୍‌ର ଶିକ୍ଷାନବିଶ (ପ୍ରୋବେଶନ)ଙ୍କ ଦୀକ୍ଷାନ୍ତ ସମାରୋହକୁ ଭର୍ଚୁଆଲ୍ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କରୋନା ମହାମାରୀ ସମୟରେ ଦେଶବାସୀ ପୋଲିସ ଖାକିର ମଣିଷ ପଣିଆ ଦେଖିଛନ୍ତି। ଲୋକମାନଙ୍କୁ ଭୟଭୀତ ନ ହେବା ପାଇଁ ପୋଲିସ ରାସ୍ତାରେ ଗୀତ ବୋଲନ୍ତି। ଏପରି କି ଯେଉଁମାନେ ରାସ୍ତାକଡ଼ରେ ରହୁଥିଲେ ସେମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇଛନ୍ତି। ବିଶେଷକରି ନିଜ ଜୀବନକୁ ବିପଦରେ ପକାଇ ରୋଗୀଙ୍କୁ ହସ୍ପିଟାଲକୁ ନେଇଛନ୍ତି। ସାଧାରଣ ଲୋକର ଆଖିରେ ପୋଲିସ ଖାକି ପ୍ରତି ଏକ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇପାରିଛି। ଆମେ କହିପାରିବା ନାହିଁ ଯେ, ପୂର୍ବରୁ ପୋଲିସ କିଛି ଭଲ କାମ କରୁ ନ ଥିଲା। କିନ୍ତୁ କରୋନା ମୁକାବିଲା ସମୟରେ ପୋଲିସର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି ବୋଲି ମୋଦି କହିଛନ୍ତି। ଯୋଗ ଓ ପ୍ରାଣାୟମ ଶରୀର ପାଇଁ ଜରୁରୀ ଅଟେ। ଏହା ମନରେ ଆସୁଥିବା ଅବସାଦକୁ ଦୂର କରିଥାଏ। ଯଦି ତୁମେମାନେ ହୃଦୟରୁ କୌଣସି କାମ କରିବ ତେବେ ଏହାର ସୁଫଳ ନିଶ୍ଚିତଭାବେ ପାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ଏଠାରେ ଟ୍ରେନିଂ ନେଉଥିବା ଶିକ୍ଷାନବିଶଙ୍କ ସହ ମୋଦି ଦୀର୍ଘ ସମୟ ଧରି ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତାଳପ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ବିପଦ ସମୟରେ ପୋଲିସର ସେବା ମନୋଭାବ ସମାଜ ପାଇଁ ନିତାନ୍ତ ଜରୁରୀ। ଯାହାଦ୍ୱାରା ଏକ ସାଧାରଣ ନାଗରିକର ପୋଲିସ

## ଶିକ୍ଷାନବିଶ ଆଇପିଏସ୍‌ଙ୍କୁ ମୋଦି ମନ୍ତ୍ର


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ପ୍ରତି ବିଶ୍ୱାସ ବଢ଼ିପାରିବ। ପୋଲିସର ସେବାମୂଳକ କାର୍ଯ୍ୟଧାରା ପ୍ରତ୍ୟେକ ପୋଲିସ ଷ୍ଟେଶନଗୁଡ଼ିକରେ ଲିଖିତ ଭାବେ ରହିବା ଆବଶ୍ୟକ। ବିଶେଷକରି ଏହି ସବୁ କାର୍ଯ୍ୟରେ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକ ସାମିଲ କରିବାକୁ ହେବ। ଫଳରେ ଏହା ଦ୍ୱାରା ବୃଦ୍ଧ, ଯୁବଗୋଷ୍ଠୀ ଏବଂ ଆଗାମୀ ପିଢ଼ି ପୋଲିସର କାର୍ଯ୍ୟଧାରା ସମ୍ପର୍କରେ ଜାଣିପାରିବେ। କରୋନା ମହାମାରୀ ପୋଲିସ କର୍ମଚାରୀଙ୍କୁ ନେତୃତ୍ୱ ନେବାର ଏକ ସୁଯୋଗ ପ୍ରଦାନ କରିଛି। ପୋଲିସ କର୍ମଚାରୀମାନେ ଯେ, କେବଳ ପ୍ରବାସୀ ଶ୍ରମିକଙ୍କୁ ସେବା ଯୋଗାଇଛନ୍ତି ତା’ ନୁହେଁ ବରଂ ନିଜ ଭିତରେ ଏକ ପ୍ରକାର ନେତୃତ୍ୱ ନେବାର ଶକ୍ତି ମଧ୍ୟ ବୃଦ୍ଧି କରିଛନ୍ତି। ପୋଲିସ ଅଧିକାରୀମାନେ ଯେପରି ଜାତୀୟ ପତାକାକୁ ନେଇ ଗର୍ବିତ ମନେ କରନ୍ତି ସେହିଭଳିଭାବେ ପୋଲିସ ପୋଷାକକୁ ନେଇ ମଧ୍ୟ ଗର୍ବ କରିବାର ଆବଶ୍ୟକତା ରହିଛି। ଖାକି ପୋଷାକକୁ ନେଇ ଗର୍ବ କରିବା ଉଚିତ, ଏହାର କ୍ଷମତାକୁ ନୁହେଁ ବୋଲି ଶିକ୍ଷାନବିଶଙ୍କୁ ମୋଦି କହିଛନ୍ତି। ସମ୍ପ୍ରତି ପୋଲିସ ସେବାରେ ଟେକ୍ନୋଲୋଜିର ବ୍ୟବହାର ନିତାନ୍ତ ଜରୁରୀ ହୋଇପଡ଼ିଛି। କନ୍‌ଷ୍ଟେବଲସ୍ତରରୁ ସମସ୍ତେ ନୂଆ ନୂଆ ଟେକ୍ନୋଲୋଜି ସହିତ ବିଶେଷଭାବେ ଅବଗତ ହେବା ଆବଶ୍ୟକ। ବିଗ୍ ଡାଟା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ସୋସିଆଲ୍ ମିଡିଆ ପୋଲିସର ନୂଆ ଅସ୍ତ୍ର ସାଜିଛି। ଏହାକୁ ଠିକ୍‌ଭାବେ ବ୍ୟବହାର କରିବାର ଆବଶ୍ୟକ ରହିଛି। ଯୁବ ଅଫିସରମାନେ କ୍ଷେତ୍ରସ୍ତରରେ କାର୍ଯ୍ୟକରିବା ପାଇ ବେଶ୍ ପ୍ରସ୍ତୁତ ରହିଛନ୍ତି। ହେଲେ ଆମମାନଙ୍କୁ ସତର୍କ ମଧ୍ୟ ରହିବାକୁ ପଡ଼ିବ ବୋଲି ମୋଦି କହିଛନ୍ତି। ଏହି ଦୀକ୍ଷାନ୍ତ ସମାରୋହରେ ମୋଟ ୧୩୧ଜଣ ଶିକ୍ଷାନବିଶ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ୨୮ଜଣ ମହିଳା ଅଛନ୍ତି।

# ପବ୍‌ଜୀ ପରେ ଏବେ ଆସିବ ଫଉଜୀ: ଅକ୍ଷୟ

**ମୁମ୍ବାଇ,୪।୯**

ଭାରତ ସରକାର ଚାଇନିଜ୍ ଆପ୍ ବ୍ୟାନ କରି ପଡୋଶୀ ଦେଶ ଉପରେ ଡିଜିଟାଲ ଷ୍ଟ୍ରାଇକ୍ କରିଛନ୍ତି ବୋଲି କହୁଛନ୍ତି। ଭାରତ ସରକାର ୧୧୮ ଚାଇନିଜ ଆପ୍ ବ୍ୟାନ କରିଥିବା ବେଳେ ଦେଶରେ ସବୁଠାରୁ ଲୋକପ୍ରିୟ ଗେମିଙ୍ଗ ଆପ୍ ପବ୍‌ଜୀର ମଧ୍ୟ ଏଥିରେ ପାଳି ପଡିଛି। ହେଲେ ପବ୍‌ଜୀ ବ୍ୟାନ ହେବାର ଦ୍ୱିତୀୟ ଦିନରେ ବଲିଉଡ୍‌ର ଖିଲାଡି ବୟ ଅକ୍ଷୟ କୁମାର ପବ୍‌ଜୀ ଖେଳାଳୀଙ୍କ ପାଇଁ ଏକ ଖୁସି ଖବର ଦେଇଛନ୍ତି। ସେ କହିଛନ୍ତି ପବ୍‌ଜୀକୁ ମିସ୍ କରୁଥିବା ଲୋକଙ୍କ ପାଇଁ ଖୁବ୍‌ଶୀଘ୍ର ଏହାର ବିକଳ୍ପ ଅର୍ଥାତ୍ ଫଉଜୀ ଆସିଯିବ। ଏହା ଅକ୍ଷୟ କୁମାରଙ୍କ ମେଣ୍ଟରଶିପରେ ପ୍ରସ୍ତୁତ କରାଯିବ ଯାହା ଏକ ମଲ୍ଟିପ୍ଲେୟାର ଆକ୍ସନ ଗେମ୍ ହେବ। ଏହା ସମ୍ପୂର୍ଣ୍ଣ ରୂପେ ଭାରତର ହେବ। ଆଉ ଏଥିରୁ ଆୟ ଅର୍ଥର ୨୦





ପ୍ରତିଶତ ‘ଭାରତର ବୀର ଟ୍ରଷ୍ଟ’କୁ ଦାନ କରାଯିବ। ଏଥିରେ ଭାରତୀୟ ଯବାନଙ୍କୁ ସହଯୋଗ ମିଳିବ। ଅକ୍ଷୟ କହିଛନ୍ତି ଯୁବବର୍ଗ ପାଇଁ ଗେମିଂ ଇଣ୍ଟରନେଟର ଏକ ଜରୁରୀ ଅଂଶ ପାଲଟି ଯାଇଛି। ଏହି ଫଉଜୀକୁ ଅକ୍ଟୋବର ମାସରେ ଲଞ୍ଚ କରିବାକୁ ଅକ୍ଷୟ ଲକ୍ଷ୍ୟ ରଖିଛନ୍ତି। ଏହା ଉଭୟ ଗୁଗଲ ପ୍ଲେ ଷ୍ଟୋର ଓ ଆପଲ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ।

# ମୌସୁମୀ ଅଧିବେଶନ ପୂର୍ବରୁ ଏମ୍‌ପିଙ୍କ ହେବ କରୋନା ଟେଷ୍ଟ

**ନୂଆଦିଲ୍ଲୀ,୪।୯(ପିଟି)**

ଆସନ୍ତା ୧୪ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ପାଇଁ ଏସ୍‌ଓପି ଜାରି କରାଯାଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ଏମ୍‌ପିମାନଙ୍କ କରୋନା ଟେଷ୍ଟ କରାଯିବ। ଆଉ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ଆସିବ ସେହିମାନଙ୍କୁ ପାର୍ଲାମେଣ୍ଟରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ବୋଲି ଏସ୍‌ଓପି ଜାରି କରାଯାଇଛି। ପାର୍ଲାମେଣ୍ଟ ଅଧିବେଶନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ତେଣୁ ଏମ୍‌ପିମାନେ ପାର୍ଲାମେଣ୍ଟକୁ




ଆସିବା ପୂର୍ବରୁ ସେମାନଙ୍କ ସଂସଦୀୟ କ୍ଷେତ୍ରରୁ କରୋନା ପରୀକ୍ଷା କରି ଆସିବାକୁ କୁହାଯାଇଛି। ଯେଉଁମାନେ ନ କରିଥିବେ ସେମାନେ ସଂସଦ ଭବନର ରିସେପ୍ସନ ନିକଟରେ ଆଣ୍ଟିଜେନ ଟେଷ୍ଟ କରିବେ। ରିପୋର୍ଟ ନେଗେଟିଭ୍ ଆସିଲେ ମଧ୍ୟ ଯଦି କରୋନାର କୌଣସି ଲକ୍ଷଣ ପରିଲକ୍ଷିତ ହୁଏ ତେବେ ସେମାନଙ୍କ

## ନେଗେଟିଭ୍ ରିପୋର୍ଟ ଥିବା ସଦସ୍ୟଙ୍କୁ ଅଧିବେଶନକୁ ଅନୁମତି

ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ରେଜଲ୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ହୋମ୍ ଆଇସୋଲେଶନରେ ରଖାଯିବ। ଆଉ ରିପୋର୍ଟ ଯଦି ପଜିଟିଭ୍ ଆସିବ ତେବେ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ୍‌କୁ ପଠାଯିବ ବୋଲି କୁହାଯାଇଛି। ଏପରିକି କୌଣସି ଏମ୍‌ପିଙ୍କ ପରିବାର ସଦସ୍ୟଙ୍କ ପଜିଟିଭ୍ ଥିବ ଏବଂ ଏମ୍‌ପିଙ୍କ ରିପୋର୍ଟ ନେଗେଟିଭ୍ ଆସିବ, ତଥାପି ତାଙ୍କୁ ୧୪ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ବୋଲି କୁହାଯାଇଛି।

# ୫ ଆଇଏସ୍‌ଜେକେ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୪।୯:** ଗତ ମେ ୨୦ରେ ଶ୍ରୀନଗର ପାଣ୍ଡାଚରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପର୍ଦ୍ଦାଫାଶ୍ ହୋଇଛି। ଆକ୍ରମଣରେ ସାହାଯ୍ୟ କରିଥିବା ୫ ଆଇଏସ୍‌ଜେକେ ଆତଙ୍କବାଦୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନଙ୍କଠାରୁ ଦୁଇଟି ଆମ୍ବୁଲାନ୍ସ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଗିରଫ ଆତଙ୍କବାଦୀମାନେ ଆକ୍ରମଣ ଲାଗି ଗାଡ଼ି ଏବଂ ଗୋଳାବାରୁଦ ଯୋଗାଇଥିଲେ। ଉକ୍ତ ଆକ୍ରମଣ ଘଟଣାରେ ଦୁଇ ଯବାନ ଶହୀଦ୍ ହୋଇଥିଲେ ଏବଂ ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟିନେଇଥିଲେ।

# ନିଟ୍, ଜେଇଇ ପରୀକ୍ଷା ସ୍ଥଗିତ ଆବେଦନ ଖାରଜ

**ନୂଆଦିଲ୍ଲୀ,୪।୯(ପିଟି)**

ନିଟ୍ ଓ ଜେଇଇ ପରୀକ୍ଷା ସ୍ଥଗିତ କରିବା ସହ ଅଗଷ୍ଟ ୧୭ରେ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟର ପୂନର୍ବିଚାର ନିମନ୍ତେ ହୋଇଥିବା ଏକାଧିକ ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ଏବେ ଦେଶରେ କୋଭିଡ୍-୧୯ର ସ୍ଥିତି ଜଟିଳ ଥିବାରୁ ପିଲାମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଦେଖି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଆବେଦନରେ ଦର୍ଶାଯାଇଥିଲା। ବିଚାରପତି ଅଶୋକ ଭୂଷଣ, ବି.ଆର୍. ଗାଭାଇ ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ପରୀକ୍ଷା କୌଣସି ବଳିଷ୍ଠ ଏବଂ ଯୁକ୍ତିଯୁକ୍ତ




ପ୍ରମାଣ ନ ମିଳିବାରୁ ଆବେଦନକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ, ପଞ୍ଜାବ, ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ୬ ଶିକ୍ଷା ମନ୍ତ୍ରୀଙ୍କ ପକ୍ଷରୁ ଏହି ଆବେଦନ କରାଯାଇଥିଲା। ଇତିମଧ୍ୟରେ ବିଭିନ୍ନ ରାଜ୍ୟରେ ଜେଇଇ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଆସନ୍ତା ସପ୍ତାହରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

## ଫୁର୍‌ସତ୍


# ବିଗ୍‌ବସ୍-୧୪ରେ ନଜର ଆସିପାରନ୍ତି ଆମ୍ରପାଲି

ବିଗ୍ ବସ୍‌ର ପୂର୍ବ ସିଜନ ଦର୍ଶକଙ୍କ ମଧ୍ୟରେ ଢେର୍ ଲୋକପ୍ରିୟତା ହାସଲ କରିଥିଲା। ଏଥର ମଧ୍ୟ ଦର୍ଶକମାନେ ବିଗ୍ ବସ୍ ସିଜନ୍ ୧୪ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଶୋ’ରେ ପ୍ରତିଯୋଗୀଙ୍କ ନାମ ଧୀରେ ଧୀରେ ପ୍ରକାଶ ପାଉଛି। ବିଗ୍ ବସ୍ ୧୪ରେ ଭୋଜପୁରୀ ତାରକା ଖେରୀ ଲାଲ ଯାଦବ, ନିରୁହୁ (ଦୀନେଶ ଲାଲ ଯାଦବ) ଏବଂ ପରେ ପ୍ରମୁଖ ଭୋଜପୁରୀ ଅଭିନେତ୍ରୀ ଆମ୍ରପାଲି ଦୁବେଙ୍କୁ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି। ଖବର ଅନୁଯାୟୀ, ଆମ୍ରପାଲିଙ୍କୁ ବିଗ୍ ବସ୍-୧୪ର ଅଫର ଦିଆଯାଇଛି। ତେବେ ଏହି ଖବର ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ବିଗ୍ ବସ୍ କିମ୍ବା ଆମ୍ରପାଲିଙ୍କଠାରୁ ଏହି ଆଲୋଚନା ଉପରେ ମୋହର ଲାଗିନି। ବାସ୍ତବରେ ଆମ୍ରପାଲି ସଲମାନ ଖାନଙ୍କର ବଡ ପ୍ରଶଂସକ। ଏକ ସାକ୍ଷାତକାରରେ ଆମ୍ରପାଲି ସଲମାନଙ୍କ ପ୍ରତି ନିଜର ପ୍ରେମ ବ୍ୟକ୍ତ କରିଥିଲେ। ସେ ମଧ୍ୟ ସଲମାନଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ବିଚାରକୁ ନେଇ ଆମ୍ରପାଲି ଶୋ’ରେ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି କଳ୍ପନା ଜଳ୍ପନା ଲାଗି ରହିଛି। ଅମ୍ରପାଲିଙ୍କ ପୂର୍ବରୁ ଅନେକ ଭୋଜପୁରୀ ତାରକା ବିଗ୍ ବସ୍‌ରେ ଆସିଛନ୍ତି। ସେମାନଙ୍କ ମଧ୍ୟରେ ସମ୍ଭାବନା ସେଠ୍, ମୋନାଲିସା, ଦୀପକ ଠାକୁରଙ୍କ ନାମ ରହିଛି। ଆମ୍ରପାଲି ହିନ୍ଦୀ ଟିଭି ସିରିଏଲ ‘ରେହନା ହୈ ତେରି ପଲ୍‌କୋ କି ଛାଓଁ ମେଁ’ରୁ ଅଭିନୟ ଆରମ୍ଭ କରିଥିଲେ। ଏହା ପରେ ସେ ‘ମାଏକା’, ‘ସାତ୍ ଫେରେ’ ଏବଂ ‘ମେରା ନାମ କରେଗା ରୋଶନ’ ଶୋ’ରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। ଟିଭିରେ କାମ କରିବା ସମୟରେ ତାଙ୍କୁ ଭୋଜପୁରୀ ସିନେମାରୁ ଅଫର ଆସିଥିଲା। ପରେ ସେ ଭୋଜପୁରୀ ସିନେମାରେ ଭାଗ୍ୟ ପରୀକ୍ଷା କରିଥିଲେ। ସେଠାରେ ସେ ବହୁ ଲୋକପ୍ରିୟତା ହାସଲ କରିଛନ୍ତି। ବିଗ୍ ବସ୍ ୧୪ରେ ନିଆ ଶର୍ମା, ପବିତ୍ର ପୁନିଆ, ନୈନା ସିଂ, ଆକାଂକ୍ଷା ପୁରୀ, ଆମୀର ଅଲି ଏବଂ ଶିବିନ ନାରଙ୍ଗ ସାମିଲ ହେବେ ବୋଲି ପ୍ରକାଶ ପାଇଛି। ଏଥର ଶୋ’ରେ ସେଲିବ୍ରେଟିଙ୍କ ବ୍ୟତୀତ ସାଧାରଣ ଲୋକ ମଧ୍ୟ ରହିବେ। ବିଗ୍ ବସ୍ ୧୪ ସେପ୍ଟେମ୍ବରରୁ ଆରମ୍ଭ ହେବାର ଥିଲା, କିନ୍ତୁ ସେଟ୍ ଭାଙ୍ଗିବା ହେତୁ ଏଥିରେ ବିଳମ୍ବ ହୋଇଛି।


ଆମ୍ରପାଲି ଦୁବେ

# ସଚେତନତା ପେଣ୍ଟିଂ

ବେଙ୍ଗାଲୁରୁ: କରୋନାକୁ ନେଇ ଏବେ ବି ସ୍ଥିତି ଗମ୍ଭୀର ରହିଛି। ତେଣୁ ସମସ୍ତେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ରକ୍ଷା କରିବା ଉଚିତ୍। ଲୋକଙ୍କୁ ଏହି ବାର୍ତ୍ତା ଦେବାପାଇଁ ଏବେ ବାଙ୍ଗାଲୋରର ରାସ୍ତାକଡ଼ରେ ହୋଇଛି ପେଣ୍ଟିଂ। ବାଙ୍ଗାଲୋରର କଳାକାର ବାଦଲ ନାଞ୍ଜୁନଦାସ୍ୱାମୀ ଲୋକଙ୍କ ସଚେତନତା ପାଇଁ ଏଭଳି ଷ୍ଟ୍ରିଟ୍ ପେଣ୍ଟିଂ କରି ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବାଙ୍ଗାଲୋରର ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ବାଦଲ ତିଆରି କରିଛନ୍ତି ସୁନ୍ଦର ସୁନ୍ଦର ପେଣ୍ଟି। କିନ୍ତୁ ସବୁ ପେଣ୍ଟିଂର ଥିମ୍ ଗୋଟିଏ, ତାହା ହେଉଛି କରୋନା ନେଇ ସଚେତନତା। ଅର୍ଥାତ୍ କେଉଁଠି ପେଣ୍ଟିଂରେ ମାସ୍କ ପିନ୍ଧିବା ପାଇଁ କୁହାଯାଇଛି ତ କେଉଁଠି ହ୍ୟାଣ୍ଡ ୱାଶରେ ହାତ ଧୋଇବା ଆଉ କେଉଁଠି ସାନିଟାଇଜାର ଲଗାଇବା ଏମିତି ବିଭିନ୍ନ ପ୍ରକାର କୋଭିଡ୍ କଟକଣା। ବାଦଲଙ୍କ କହିବା ଅନୁସାରେ ଏବେ ବି ଅନେକ ସ୍ଥାନରେ ଲୋକେ କରୋନା ନେଇ ସମ୍ପୂର୍ଣ୍ଣ ସଚେତନ ନାହାନ୍ତି। ତେଣୁ ଏକ ସମୟରେ ବହୁ ସଂଖ୍ୟାରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସେ ଏପରି କରିଛନ୍ତି। ରାସ୍ତାକଡ଼ରେ ଖାଲିଥିବା କାନ୍ଥ, ପ୍ରାଚୀର, ଦୋକାନ କିମ୍ବା ଅନ୍ୟ ଘରର ଶଟର, ପିଲାର, ଷ୍ଟେଶନ୍, ମାର୍କେଟ ଆଦିର ବିଭିନ୍ନ ସ୍ଥାନରେ ପେଣ୍ଟିଂ କରୁଛନ୍ତି। ତାଙ୍କର ଏଭଳି କଳାକୁ ବହୁ ସଂଖ୍ୟାରେ ଲୋକ ପ୍ରଶଂସା ବି କରୁଛନ୍ତି। ଛୋଟ ପିଲାମାନେ



ରାସ୍ତାକଡ଼ରେ ଥିବା ତାଙ୍କର ପେଣ୍ଟିଂକୁ ଦେଖି କରୋନାଠାରୁ ଦୂରେଇ ରହିବା ପାଇଁ ସମସ୍ତ ସଚେତନତା ସମ୍ପର୍କରେ ଜାଣିପାରୁଛନ୍ତି। କରୋନା ସମୟରେ ନିଜକୁ ନିରାପଦରେ ରଖିବା ପାଇଁ ଏଭଳି ପେଣ୍ଟିଂ ନିଶ୍ଚିତଭାବେ ସହାୟକ ହୋଇପାରିବ।

# ବହିର ସୁରକ୍ଷା ପାଇଁ ବାଦୁଡ଼ି ପାଳନ

ଲିସ୍‌ବନ୍: ପର୍ତ୍ତୁଗାଲ, ୟୁରୋପର ଏହି ଦେଶ ଫୁଟବଲ ଖେଳ ଲାଗି ବିଶ୍ୱରେ ଜଣାଶୁଣା। ଅବଶ୍ୟ ଏହି ଦେଶରେ ଏଭଳି କଥା ଅଛି, ଯାହା ଅନ୍ୟ ଦେଶଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଐତିହ୍ୟ ଦୃଷ୍ଟିରୁ ପର୍ତ୍ତୁଗାଲ ୟୁରୋପରେ ଅଷ୍ଟମ ଏବଂ ବିଶ୍ୱରେ ୧୭ତମ ସ୍ଥାନରେ ରହିଛି। ପର୍ତ୍ତୁଗାଲର କୋୟମ୍ବୁରା ବିଶ୍ୱବିଦ୍ୟାଳୟ ବିଶ୍ୱର ସବୁଠୁ ପୁରୁଣା ବିଶ୍ୱବିଦ୍ୟାଳୟ। ଏହା ୧୨୯୦ ଖ୍ରୀଷ୍ଟାବ୍ଦରେ ଲିସ୍‌ବନ ସହରରେ ସ୍ଥାପନ କରାଯାଇଥିଲା। ଏଠାରେ ଥିବା ଏକ ଲାଇବ୍ରେରିର ରହିଛି ସ୍ୱତନ୍ତ୍ର ପରିଚୟ। ଏହାର କାନ୍ଥରେ ସୁନାର ଲେପ ଦିଆଯାଇଛି। ଏଥିସହିତ ଏଠାରେ ଥିବା ବହିକୁ ସୁରକ୍ଷିତ ରଖିବା ପାଇଁ ଭିନ୍ନ ଧରଣର ଉପାୟ ଅବଲମ୍ବନ କରାଯାଇଛି। ଅର୍ଥାତ୍ ଏଠାରେ ବାଦୁଡ଼ି ପାଳନ କରାଯାଇଛି, ଯାହା ଉଇମାନଙ୍କୁ ଖାଇଯିବେ। ଖାଲି ଏତିକି ନୁହେଁ, ଏହି ଲାଇବ୍ରେରିରେ ଥିବା କିଛି ବହିରେ ସୁନାର କଭର ମଧ୍ୟ ଲାଗିଛି।



# ୫୩ କିଲୋମିଟର ପହଁରିଲେ ୧୬ ବର୍ଷର ବାଳିକା

ନୂଆଦିଲ୍ଲୀ: ଦୃଢ଼ ମନୋବଳ ଥିଲେ ସବୁ ଅସମ୍ଭବ ମନେହେଉଥିବା କାମ ବି ସହଜରେ ହୋଇପାରେ। ଏହାର ଏକ ଉଦାହରଣ ହେଉଛନ୍ତି ବ୍ରିଟେନର ଭେରା ରିଭାର୍ଡ। ମାତ୍ର ୧୬ ବର୍ଷ ବୟସରେ ସେ ଏକାଥରକେ ୫୩ କିଲୋମିଟର ପର୍ଯ୍ୟନ୍ତ ପହଁରି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଛନ୍ତି। ଭେରା ରିଭାର୍ଡ ପ୍ରଥମେ ନ୍ୟୁ



ହମ୍ପସାୟାରଠାରୁ ପହଁରିବା ଆରମ୍ଭ କରି ଇଂଲିଶ୍ ଚ୍ୟାନେଲ ଦେଇ ୩୩ ମାଇଲ୍ (୫୩ କିଲୋମିଟର) ପହଁରିବା ପରେ ଏକ ବିଚ୍ ପାଖରେ ଅଟକିଥିଲେ। ପହଁରିବା ସମୟରେ ସେ ‘ରୋଲି ପୋଲି’ ତରଙ୍ଗକୁ ବି ଅତିକ୍ରମ କରିଛନ୍ତି, ଯେଉଁଠାରେ ପାଣି ୧୮ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ରହିଥାଏ। ରିଭାର୍ଡ ପହଁରିବା ସମୟରେ ତାଙ୍କ ସହ ସୁରକ୍ଷା ନିମନ୍ତେ ଏକ ପାଇଲଟ୍ ବୋଟ୍ ମଧ୍ୟ ଯାତ୍ରା କରିଥିଲା। ତାଙ୍କ ମାଆ ଓ ବଡ଼ ଭଉଣୀ ମଧ୍ୟ ତାଙ୍କ ସହ କ୍ରିଉ ମେମ୍ବରଭାବେ ଯାତ୍ରା କରିଥିଲେ। ରିଭାର୍ଡଙ୍କୁ ଏତେ ବାଟ ପହଁରିବା ପାଇଁ ୧୪ ଘଣ୍ଟା ଲାଗିଥିଲା। ଏତେ କମ୍ ବୟସରେ ତାଙ୍କର ଏଭଳି ଦୁଃସାହସିକ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ଇଂଲିଶ୍ ଚ୍ୟାନେଲକୁ ଅତିକ୍ରମ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ବ୍ୟକ୍ତି।

ଛୋଟବେଳରୁ ରିଭାର୍ଡଙ୍କର ପହଁରିବାର ସଉକ ରହିଛି। ସେ ମାତ୍ର ୧୦ ବର୍ଷ ବୟସରେ ୧ ମାଇଲ୍ ବା ୧.୬ କିଲୋମିଟର ପର୍ଯ୍ୟନ୍ତ ପହଁରି ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ଏହା ପରଠାରୁ ପହଁରିବାର ଅଭ୍ୟାସକୁ ସେ ଜାରି ରଖିଥିଲେ। ଧୀରେ ଧୀରେ ତାଙ୍କର ପହଁରିବା ଅଭ୍ୟାସ ତାଙ୍କୁ ଆଜି ଏହି ସଫଳତା ପ୍ରଦାନ କରିଛି। ଏତେ ଲମ୍ବା ବାଟ ପହଁରିବା ପାଇଁ ତାଙ୍କର ସାହସିକ ପଦକ୍ଷେପକୁ ପରିବାର ଲୋକେ ପ୍ରଶଂସା କରିଛନ୍ତି। ଏତେ ସମୟ ପହଁରିବା ପାଇଁ ରିଭାର୍ଡ କେବଳ ପ୍ରତି ୪୫ ମିନିଟରେ ଥରେ କିଛି ଏନର୍ଜି ଡ୍ରିଙ୍କ୍ ନେଉଥିଲେ। କିନ୍ତୁ ପାଣି ଭିତରୁ ବାହାରକୁ ଆଦୌ ଯାଇ ନ ଥିଲେ। କିନ୍ତୁ ସୂର୍ଯ୍ୟାସ୍ତ ହେବା ବେଳକୁ ସେ ତାଙ୍କ ପହଁରିବା ଅଭିଯାନକୁ ବନ୍ଦ କରିଥିଲେ। ତେବେ ତାଙ୍କ ସହ ଯାଇଥିବା ବୋଟ୍ ତାଙ୍କୁ ଯେପରି ଦେଖିପାରିବ ସେଥିପାଇଁ ସେ ତାଙ୍କ ଗଗଲ୍ସ ପଛପାଖରେ ଏକ ଆଲୋକ ଲଗାଇଥିଲେ।



## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପଣ୍ଡିତ ମାନଗୋବିନ୍ଦ ମହାସୁପକାର**
ଗୋଡ଼ି ପୋଖରୀ ସାହି, ଭୁବନେଶ୍ୱର-୨
ଆବିର୍ଭାବ: ୧୧।୦୩।୧୯୩୩
ତିରୋଧାନ: ୨୭।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଶୋକସନ୍ତପ୍ତ:-
ପୁତ୍ର: ଗଣେଶ, ଗୁଣନିଧି, ବିଷ୍ଣୁ ଚରଣ, ପୁତ୍ରବଧୂ: ପ୍ରଦୀପ୍ତା, ସଂଯୁକ୍ତା, ଜୟଲକ୍ଷ୍ମୀ, ନାତି: ଆଶିଷ, ଅର୍ଜୁନ, ଋଷି, ଜଗନ, ନାତୁଣୀ: ଖୁସି, ବନ୍ଧୁ ଓ ପରିବାରବର୍ଗ ।
ଧ-୫୯୫୩୪

**Shradhanjali**



**Late Sri Bachu Narasimha Murty**
Date of Birth: 01.04.1956
Date of Demise: 24.08.2020
For a lifetime of Ups and Downs, you were with us. Your sudden demise and merging with the Almighty, has created a void in our lives. We hold you close to our hearts in love and remembrance. We pray that you find peace at the lotus feet of Bhagwan Baba.
Members of Bereaved family Relative, near and dear.
Contact: 9437021145.
D-69335

**ଦଶାହ ଉପଲକ୍ଷେ**



**ଂ ନଳିନୀ ସାଇଁ**
ଆବିର୍ଭାବ : ୦୨.୦୪.୧୯୫୨
ତିରୋଧାନ : ୨୭.୦୮.୨୦୨୦
(ଭାଦ୍ରବ ଶୁକ୍ଳପକ୍ଷ ନବମୀ ଗୁରୁବାର)
ସାମୀ - ବସନ୍ତ କୁମାର ସାଇଁ
EB-110 ଲକ୍ଷ୍ମୀ ସାଗର ବ୍ରିଟ୍ କଲୋନୀ, ଭୁବନେଶ୍ୱର
ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମ୍ଭେ କେବେ ହେଲେ ଭୁଲି ପାରିବୁ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ :-
ପ୍ରସନ୍ନ, ଗଗନ, ପ୍ରକାଶ, ଅର୍ଜ୍ଜୁନି, ପପୁ, ବିଲୁ, ସଞ୍ଜୟ, ବିଦ୍ୟୁ, ବିନି, ମନି, ଜ୍ୟୋତି, ମମତା, ମିଲି, ମୀତା, ବିଣା, ସଞ୍ଜୁ, ପ୍ରତୀମା, ସୁମି, ସାଲୁ, ସିଙ୍କୁ, ନିଶାନ, ସାୟନ, ଶୁଭଶ୍ରୀ, ସାୟିତିକା।
ଧ-୧୮୧୧୮

**ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବଂଶୀଧର ମିଶ୍ର**
ଜନାର୍ଦ୍ଦନପୁର, ମଙ୍ଗଳପୁର, ପିପିଲି, ପୁରୀ
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୧୧୬

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୫୭୧,୬୪୭ | ୮,୭୪,୮୪୭ | ୧୮,୭୫୨,୪୯୬ |
| ଭାରତ | ୩୯,୯୩,୪୧୨ | ୬୯,୨୧୪ | ୩୦,୮୬,୫୪୫ |
| ଓଡ଼ିଶା | ୧,୧୬,୬୭୮ | ୫୩୧(+୫୩) | ୮୭,୩୫୧ |

ଶୁକ୍ରବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବଲାଙ୍ଗୀର ଉପଜିଲାପାଳ ନିଲମ୍ବିତ

## ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ


ସଞ୍ଜୟ କୁମାର ମିଶ୍ର

- ଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ
- ଉପଜିଲାପାଳଙ୍କ ଅଫିସରୁ ମହିଳା କର୍ମଚାରୀଙ୍କୁ ବଦଳି
- ପୀଡିତା ମହିଳା କର୍ମଚାରୀଙ୍କ କାଉନସେଲିଂ କଲେ ତିନିଜଣିଆ କମିଟି

ବଲାଙ୍ଗୀର ଅଫିସ, ୪।୯

ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ବିରୋଧରେ ତାଙ୍କ ଅଫିସ୍‌ର ଜଣେ ମହିଳା କର୍ମଚାରୀ ଅଭିଯୋଗ ଆଣିଛନ୍ତି। ଉପଜିଲାପାଳ ମିଶ୍ର ଅଫିସ ଭିତରେ ସମ୍ପୃକ୍ତ ମହିଳାଙ୍କୁ ଅସଦାଚରଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୀଡିତା ମହିଳା ଜଣକ ଜିଲାପାଳଙ୍କୁ ଲିଖିତ ଜଣାଇ ସୁରକ୍ଷା ଲୋଡିଥିବା ଜଣାପଡିଛି। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସମ୍ପୃକ୍ତ ବିଧବା ମହିଳା କର୍ମଚାରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଉପଜିଲାପାଳଙ୍କ ଅଫିସରୁ ଅନ୍ୟତ୍ର ବଦଳି କରାଯାଇଛି। ଏକ ୩ଜଣିଆ ଜିଲାସ୍ତରୀୟ କମିଟିକୁ ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଉପଜିଲାପାଳ ମିଶ୍ରଙ୍କୁ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବା ପରେ ଏହା ଏକ ବିବାଦୀୟ ପ୍ରସଙ୍ଗ। ଏଣୁ ଏହା ଉପରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାରେ ଉପଜିଲାପାଳ ମିଶ୍ରଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ଉପଜିଲାପାଳଙ୍କ ଅଫିସରେ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଥିବା ଜଣେ ବିଧବା ମହିଳାଙ୍କୁ କିଛିଦିନ ତଳେ ଉପଜିଲାପାଳ ମିଶ୍ର ତାଙ୍କ ଅଫିସକୁ ଡାକିଥିଲେ। ସେଠାକୁ ଯିବା ପରେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଉପଜିଲାପାଳ ମିଶ୍ର କୁଆଡେ ଅସଦାଚରଣ କରିଥିଲେ ବୋଲି ଅଭିଯୋଗ ହୋଇଛି।

# ଦିନକରେ ୩,୨୬୭ ଚିହ୍ନଟ, ୯ ମୃତ

- ଖୋର୍ଦ୍ଧାରେ ସର୍ବାଧିକ ୮୫୯ ପଜିଟିଭ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଖୋର୍ଦ୍ଧାରେ ସଂକ୍ରମଣ ରେକର୍ଡ ଭାଙ୍ଗିଛି। ଶେଷ ୨୪ ଘଣ୍ଟାରେ ୩,୨୬୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଖୋର୍ଦ୍ଧାରୁ ସର୍ବାଧିକ ୮୫୯ ରହିଛନ୍ତି। ଏହି ଜିଲାରେ ଏବେ ସଂକ୍ରମଣ ଶୀର୍ଷରେ ରହିଥିବାବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ରାଜ୍ୟରେ ସର୍ବାଧିକ ରହିଛି। ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯,୭୪୦ରେ ପହଞ୍ଚିଛି। ଗଞ୍ଜାମ ଜିଲା ଦ୍ୱିତୀୟକୁ ଖସି ଆସିଛି। ଜୁଲାଇ ୨ରୁ ଶହେ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଅନ୍ୟପକ୍ଷରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ତଳକୁ ରହିଛି କଟକ ୩୮୪, ପୁରୀ ୨୩୫, ରାୟଗଡ଼ା ୧୬୯, ଭଦ୍ରକ ୧୩୮, ମୟୂରଭଞ୍ଜ ୧୩୪, ସୁନ୍ଦରଗଡ଼ ୧୨୭, ବରଗଡ଼ ୧୨୦, କେନ୍ଦୁଝର ୧୦୭, ନବରଙ୍ଗପୁର ୮୫, କୋରାପୁଟ ୮୩, ସମ୍ବଲପୁର ୮୦, ନୟାଗଡ଼ ୭୦, ଜଗତ୍‌ସିଂହପୁର ଓ ସୁବର୍ଣ୍ଣପୁରରୁ ୬୬ଜଣ ଲେଖାଏ, ଅନୁଗୋଳ ୬୦, କେନ୍ଦ୍ରାପଡ଼ା ୫୧, ବୌଦ୍ଧ ୪୪, ବଲାଙ୍ଗୀର ୪୩, ନୂଆପଡ଼ା ୪୦, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ୩୬ଜଣ ଲେଖାଏ, କନ୍ଧମାଳ ୨୭, ଦେବଗଡ଼ ଓ ଯାଜପୁରରୁ ୨୩ଜଣ ଲେଖାଏ, ଢେଙ୍କାନାଳ ୧୮, ମାଲକାନଗିରି ୧୭ ଓ ବାଲେଶ୍ୱରରେ ୯ଜଣ ରହିଛନ୍ତି। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧,୧୬,୬୭୮କୁ ବୃଦ୍ଧି ପାଇଛି। ସେପଟେ କରୋନାରେ ୯ଜଣଙ୍କ ଜୀବନ ଯାଇଛି। ମୃତ୍ୟୁସଂଖ୍ୟା ୫୩୧ ଛୁଇଁଛି।



**A Good Teacher Is Like a Candle. It Consume Itself To Light The Way For Others.**

**Happy Teachers' Day!**



KBRC

**KALINGA BHARATI RESIDENTIAL COLLEGE**

**ADMISSION OPEN 2020-21**

**For +2 Science, +2 Commerce & +3 Science**

Pirabazar, Gopalpur, Infront of Sadar Police Station, Cuttack, Odisha



- Coaching Classes for Jee Main, NEET, AIIMS, CLAT, IMBA, Olympiad and other scholarship Test.
- Experienced & Ex-IIT as our faculty members.
- 24 hours Security System.
- Air conditioned Digital Class Room.

| Area | Contact No |
|---|---|
| Paradeep, Kujanga, Rahama, Jajpur, Angul, Talcher, Dhenkanal, Kamakshya Nagar, Keonjhar, Barbil, Ghatagaon | 9937367900 |
| Bhadrak, Balasore, Mayurbhanj, Anandapur, Jharkhand, Kuakhai, Ghasipura, Jajpur town, Baitaraniraod, Bari | 9337780549 |
| Bolangir, Nuapada, Khariar Road, Sonepur, Boudh, Rasola, Balakati & Siso | 9338115123 |
| Jagatsinghpur, Erasama, Puri, Cuttack, Panikoeli, Mukhiguda, Kalampur, Khiar, Jaipatna, Sambalpur, Jharsuguda, Sundargarh | 9337780546 |
| Kendrapara, Banei,Bhabanipatna, Junagada, Damanjodi,Jaypur, Nabarangpur, Narsingpur,Bhubaneswar,Singpur,Banki, Rayagada | 9438259328 |
| Sunabeda, Koraput, Rajnagar, Mahakalpada, Attagarh, Badamba | 8658691878 |

Campus Office : 9178711397, 9437332568, 9337201432 www.kalingabharati.in

# ଏମ୍‌ପି ରମେଶ ମାଝି, ବିଧାୟକ ପ୍ରଶାନ୍ତ ମୁଦୁଲି ସଂକ୍ରମିତ



ଏମ୍‌ପି ରମେଶ ମାଝି ଓ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି।

**ଭୁବନେଶ୍ୱର,୪।୮(ବ୍ୟୁରୋ):** ନବରଙ୍ଗପୁର ଏମ୍‌ପି ରମେଶ ମାଝି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ ହୋମ୍ ଆଇସୋଲେଶନରେ ରହିଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଛନ୍ତି। ସେ ଏବେ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି। ସେହିପରି ଜଗତସିଂହପୁର ବିଧାୟକ ତଥା ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ କୁମାର ମୁଦୁଲି ଶୁକ୍ରବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ସେ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ସେ ଏବେ ସୁସ୍ଥ ଥିବାବେଳେ ନିଜ ଘରେ ସଙ୍ଗରୋଧରେ ରହିଛନ୍ତି। ତାଙ୍କ ସଂସ୍ପର୍ଷରେ ଆସିଥିବା ଲୋକମାନେ ନିଜର କୋଭିଡ୍ ପରୀକ୍ଷା କରାଇ ନେବାକୁ ସେ ଅନୁରୋଧ କରିଛନ୍ତି। ମୁଦୁଲି ଜଗତସିଂହପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।

# ଗିରଫ ପରେ ବାରିପଦା ବିଧାୟକଙ୍କୁ ଜାମିନ


ପ୍ରକାଶ ସୋରେନ

- ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ମାଡ଼ ଅଭିଯୋଗ
- ରାସ୍ତାରୋକୋ କଲେ ସମର୍ଥକ

ବାରିପଦା ଅଫିସ, ୪।୯

ମୟୂରଭଞ୍ଜ ଜିଲା ଆଇଟିଡିଏର ସହକାରୀ ନିର୍ବାହୀଯନ୍ତ୍ରୀ ଗଣପତି ଜେନାଙ୍କୁ ମାଡ଼ ମାରିବା ଅଭିଯୋଗରେ ଫସିଛନ୍ତି ବାରିପଦା ବିଧାୟକ ପ୍ରକାଶ ସୋରେନ। ଶୁକ୍ରବାର ଟାଉନ ଥାନା ପୋଲିସ ତାଙ୍କୁ ଗିରଫ କରିଥିବାବେଳେ ସନ୍ଧ୍ୟାରେ ସ୍ଥାନୀୟ ଏସ୍‌ଡିଜେମ୍ କୋର୍ଟରୁ ସର୍ତ୍ତ ମୂଳକ ଜାମିନ ମିଳିଛି। ତାଙ୍କ ନାମରେ ଦଫା ୨୯୪, ୩୨୩, ୩୨୪, ୩୪୧, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (ନଂ.୫୯୦/୨୦) ରୁଜୁ ହୋଇଛି। ତେବେ ଉଦ୍ଦେଶ୍ୟମୂଳକ ଭାବେ ବିଧାୟକଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଅଭିଯୋଗ କରି ଭାଜପା କର୍ମକର୍ତ୍ତା ଓ ବିଧାୟକଙ୍କ ସମର୍ଥକମାନେ ଟାଉନ ଥାନା ସମ୍ମୁଖ ବଡ଼ବଜାର ରାସ୍ତାକୁ ୬ଘଣ୍ଟା ଅବରୋଧ କରିବା ସହ ବିକ୍ଷୋଭ କରିଥିଲେ।

ଆଇଟିଡିଏ ପକ୍ଷରୁ କାର୍ଯ୍ୟ କରୁଥିବା ଜଣୈକ ଠିକାଦାରଙ୍କ ବିଲ ପାସ୍ କରିବାରେ ବିଳମ୍ବ କରୁଥିବା ନେଇ ବିଧାୟକ ସୋରେନ ସହକାରୀ ନିର୍ବାହୀଯନ୍ତ୍ରୀ ଜେନାଙ୍କୁ ଗୁରୁବାର ସର୍କିଟହାଉସକୁ ଡକାଇଥିଲେ। କାର୍ଯ୍ୟ ବ୍ୟସ୍ତତା ପାଇଁ ରାତି ସାଢେ ୭ଟାରେ ଜେନା ସର୍କିଟ ହାଉସ୍‌ରେ ପହଞ୍ଚିବା ପରେ ବିଲ୍ ଦେବାରେ ବିଳମ୍ବ, ଦଳୀୟ କର୍ମୀଙ୍କୁ କାମଦେବା, ଏକ ବର୍ଷ ଧରି ପଡ଼ିରହିଥିବା ବିଲ୍ ପାସ୍ କରିବା ପାଇଁ ବିଧାୟକ କହିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ବିଧାୟକ ସୋରେନ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗୋଇଠା ମାରିଥିଲେ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ଏତଲାରେ ଉଲ୍ଲେଖ କରିଛନ୍ତି। ବିଧାୟକଙ୍କ ପ୍ରରୋଚନାରେ ସେଠାରେ ଥିବା ଦଳୀୟ କର୍ମୀମାନେ ମଧ୍ୟ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ପିଟିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ ଜିଲାପାଳ, ପିଏ ଆଇଟିଡିଏ ଏବଂ ଏସ୍‌ପିଙ୍କୁ ଜଣାଇବା ପରେ ଯନ୍ତ୍ରୀ ଜେନା ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଯନ୍ତ୍ରୀ କୌଣସି କାର୍ଯ୍ୟ ଠିକ ଭାବେ କରୁ ନ ଥିବା, ବିଧାୟକଙ୍କ ହାତପାଣ୍ଠିକୁ ବିନିଯୋଗ କରିବାରେ ବିଳମ୍ବ କରିବା ବାବଦରେ ତାଗିଦ୍ କରିବା ସହ ଗାଳିଗୁଲଜ କରିଥିଲେ ବୋଲି ବିଧାୟକ ସୋରେନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

DSPL - 30



**ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା**

ପବିତ୍ର ଗୁରୁ ଦିବସ-୨୦୨୦ ପାଳନ ଅବସରରେ ଆମର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଗୋଟିଏ ଜାତି ଗଠନରେ ଶିକ୍ଷାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ । ଚେତନାର ବିକାଶ ସହିତ ମାନବୀୟ ମୂଲ୍ୟବୋଧର ସୁରକ୍ଷା, ଅନୁସନ୍ଧିତ୍ସା ଏବଂ ଏକ ଆଦର୍ଶ ଶୃଙ୍ଖଳିତ ଜୀବନ ପାଇଁ ପ୍ରେରଣା ଶିକ୍ଷାରୁ ହିଁ ମିଳିଥାଏ । ତେଣୁ ଶିକ୍ଷାକୁ ଅଧିକ ଅର୍ନ୍ତମୁଖୀ କରିବା ଦିଗରେ ଶିକ୍ଷକମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

କୋଭିଡ-୧୯ ପରିସ୍ଥିତିରେ ବର୍ତ୍ତମାନ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବନ୍ଦ ରଖାଯିବା ସହ ପାଠ୍ୟକ୍ରମରେ ମଧ୍ୟ କେତେକାଂଶରେ ପରିବର୍ତ୍ତନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯେପରି କୌଣସି ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଶିକ୍ଷକମାନେ ମଧ୍ୟ ଯତ୍ନବାନ ହୁଅନ୍ତୁ । ଆସନ୍ତୁ, ଗୁରୁଶିଷ୍ୟ ପରଂପରାର ଏହି ମହାନ୍ ଦିବସ ଅବସରରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତତର କରି ଆକାଂକ୍ଷିତ ଲକ୍ଷ୍ୟ ହାସଲ ପାଇଁ ସମସ୍ତେ ସମ୍ମିଳିତ ଉଦ୍ୟମ ଜାରି ରଖିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27013/13/0001/2021

DSPL - 30



**ଗୁରୁ ଦିବସ ପାଳନ ଅବସରରେ ବାର୍ତ୍ତା**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଅନୁସାରେ "ଶିକ୍ଷା ହେଉଛି ଜଣେ ମଣିଷ ମଧ୍ୟରେ ଥିବା ସର୍ବୋତ୍କୃଷ୍ଟ ଶାରୀରିକ ତଥା ଆତ୍ମିକ ଶକ୍ତିର ଉପଲବ୍ଧି ଏବଂ ବିକାଶର ମାଧ୍ୟମ" । ତେଣୁ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷକ ସମାଜ ପାଇଁ, ସଭ୍ୟତା ପାଇଁ, ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ଜଣେ ବ୍ୟକ୍ତି ଜନ୍ମ ଲାଭ କରିବାଠାରୁ ମରିବା ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥାଏ । ପ୍ରାଥମିକ ସ୍ତରରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଲାଭ ପର୍ଯ୍ୟନ୍ତ ଜଣେ ଶିକ୍ଷକ ତା ଅଧିନରେ ଥିବା ଛାତ୍ରମାନଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ । ତେବେ ଶିକ୍ଷା ସହିତ ଶୃଙ୍ଖଳା ଅଙ୍ଗାଅଙ୍ଗୀ ଭାବେ ଜଡିତ । ଶିଶୁ ଅବସ୍ଥାରୁ ଜଣେ ଯଦି ଶିକ୍ଷା ସହିତ ଶୃଙ୍ଖଳା ଲାଭ କରିଥାଏ ଭବିଷ୍ୟତରେ ସେ ନିଶ୍ଚିତ ଏକ ସୁନାଗରିକ ଭାବରେ ନିଜର ଦାୟିତ୍ୱ ତଥା କର୍ତ୍ତବ୍ୟ ସମ୍ପାଦନ କରିପାରିବ । ଜଣେ ଶିକ୍ଷକ ସର୍ବଦା ପବିତ୍ର ଭାବନାରେ ପରିପୂର୍ଣ୍ଣ ହୋଇ ଶିକ୍ଷାଦାନ କରିବା ଉଚିତ୍ । ସଦ୍‌ଗୁଣ, ସଦ୍‌ଭାବନା, ଭକ୍ତି, ଶୃଙ୍ଖଳା, ଦାୟିତ୍ୱବୋଧ, କର୍ତ୍ତବ୍ୟ ପରାୟଣତା ଇତ୍ୟାଦି ଜଣେ ଶିକ୍ଷକର ଆଭୁଷଣ ହେବା ଆବଶ୍ୟକ । ଗୋଟେ ସଭ୍ୟ ସମାଜ ପାଇଁ ଶିକ୍ଷକମାନଙ୍କର ଅବଦାନ ଆମେ ତୁଳନା କରିପାରିବା ନାହିଁ । ଶିକ୍ଷକମାନେ ଏକ ସୁସ୍ଥ ସମାଜ, ସମୃଦ୍ଧ ରାଷ୍ଟ୍ର ତଥା ଏକ ବିକଶିତ ସଭ୍ୟତାର ବିଶ୍ୱକର୍ମା । ଆଜିର ଏ ଗୁରୁ ଦିବସ ଉପଲକ୍ଷେ ରାଷ୍ଟ୍ର ଗଠନର ବିଶ୍ୱକର୍ମାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

(ସମୀର ରଞ୍ଜନ ଦାଶ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-27013/13/0001/2021

**ଆଜିର ମନ୍ତବ୍ୟ**

କରୋନା ସମୟରେ ପୋଲିସ ଭଲ କାମ କରିଛି, ସେଥିପାଇଁ ଖାକି ପୋଷାକ ପ୍ରତି ଥିବା ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଶୁ
ପରିବାରବର୍ଗ


ବିଶାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନ ନିଷ୍ପତ୍ତିକୁ ଭାଜପାର ନିନ୍ଦା

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ରାଜ୍ୟ ସରକାର ପ୍ରସ୍ତାବିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ-୧୯୮୯ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ-୨୦୦୫ ପ୍ରତ୍ୟାହାର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା କ୍ଷୁର୍ଣ୍ଣ କରିବ। ଏହାସହ ଶିକ୍ଷାର ମାନଦଣ୍ଡକୁ ମଧ୍ୟ ପ୍ରଭାବିତ କରିବ। ଏହାଦ୍ୱାରା ଶିକ୍ଷା ଓ ଗବେଷଣାର ମାନ ହ୍ରାସ ପାଇବ। ବିଶ୍ୱବିଦ୍ୟାଳୟଗୁଡ଼ିକ କଲେଜ ଭଳି କାମ କରିବ ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ କୁଳପତିଙ୍କ ପଦ ମର୍ଯ୍ୟାଦା ଓ କ୍ଷମତା ସଙ୍କୁଚିତ ହେବ। ଛାତ୍ର, ସମାଜ ଏବଂ ଦେଶ ଭବିଷ୍ୟତ ପାଇଁ ଏହା ଚିନ୍ତାଜନକ ବିଷୟ। ଉଚ୍ଚଶିକ୍ଷାର ମାନଦଣ୍ଡକୁ ହ୍ରାସ କରାଇବା ପାଇଁ ଷଡଯନ୍ତ୍ର ରଚାଯାଇଛି। ସରକାରୀ ଅଧିକାରୀଙ୍କ ହସ୍ତକ୍ଷେପ ବିଶ୍ୱବିଦ୍ୟାଳୟକୁ ନଷ୍ଟ କରିଦେଇପାରେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତିନୋଟି କେନ୍ଦ୍ରରେ ଗ୍ରହଙ୍କ ଅବସ୍ଥିତି ହେତୁ କାମଗୁଡ଼ିକୁ ଧୀର ଗତିରେ ଲକ୍ଷ୍ୟସ୍ଥଳକୁ ନେବାରେ ସାହାଯ୍ୟ କରିବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ରହିବ। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ପରିସ୍ଥିତି ସୁଧୁରିଯିବ। ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। ଅଫିସିଆଲି କାମରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଘରେ ବନ୍ଧୁ ମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସୀ ହୋଇଯିବେ। ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଦୀର୍ଘଦିନର ବକେୟା ପାଇପାରନ୍ତି କିମ୍ବା ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରୁ ମଧ୍ୟ ଲାଭାନ୍ୱିତ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ।

**କର୍କଟ** ଗତକାଲିଠାରୁ ଅଟକି ରହିଥିବା କାମଗୁଡ଼ିକ ଆଜି ସୁବିଧାରେ ହୋଇଯିବ । ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ଚିନ୍ତିତ ରହିବେ। ଉଦ୍ଦେଶ୍ୟମୂଳକ ଭାବରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି।

**ସିଂହ** ବନ୍ଧୁମାନଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ। ସାମାଜିକ ସ୍ତରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ର କରି ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଉପକୃତ ହେବେ।

**କନ୍ୟା** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ କିଛିଟା ବ୍ୟତିକ୍ରମ ଦେଖାଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ତୁଲାଇ ନେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସିପ, ପ୍ରଭୃତିରେ ଉନ୍ନତି କରିବେ।

**ତୁଳା** ଯାହା ଓ ଯେତିକି ପାଇବା କଥା ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ କଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇ ପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ। ଅନିୟମିତତା କାରଣରୁ ଶାରୀରିକ ଅସୁସ୍ଥତାର ଆଶଙ୍କା ରହିଛି।

**ବିଛା** କୌଣସି କ୍ଷେତ୍ରରେ ବିବାଦ ଆଗକୁ ନ ବଢାଇ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବା ଭଲ ହେବ । ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପାଖ ଲୋକଙ୍କ ଭୂମିକା ଅତ୍ୟନ୍ତ ଜରୁରୀ ହୋଇପାରେ। କଳା, ସାହିତ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ।

**ଧନୁ** ଆପଣଙ୍କର ସୁସ୍ଥ ମାନସିକତା କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତି ପ୍ରଦାନ କରିବ। ବନ୍ଧୁମାନଙ୍କ ଗ୍ରହଣରେ ଅପ୍ରିୟସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ମକର** ସହନଶୀଳତା ଗୁଣରୁ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ବହୁତ ପୂର୍ବରୁ ଆଲୋଚନା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶ୍ରବଣା ନକ୍ଷତ୍ର ସକାଶେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**କୁମ୍ଭ** ଆଜି ଯେଉଁ କାମ କଲେ ମଧ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ପରିବର୍ତ୍ତିତ ସମୟକୁ ଆଖି ଆଗରେ ରଖି କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଠିକ୍ ହେବ। ଅତି ନିଜର ଭଳି ମନେହେଉଥିବା ବନ୍ଧୁଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି। ପବ୍ଲିକେଶନ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ମୀନ** ଆଜିର ସାଂସ୍କୃତିକ ଅନୁଷ୍ଠାନରେ ପ୍ରଶଂସନୀୟ କାମକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବା କ୍ଷେତ୍ରରେ ଯତ୍ନବାନ ହେଲେ ତାହା ନିଜ ପାଇଁ ବହୁତ ହିତକର ସାବିତ୍ ହେବ । ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁଁ ଚିନ୍ତିତ ହୋଇପାରନ୍ତି।

ଆଜି ଗୁରୁ ଦିବସ, ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ବିଦ୍ୟାବାଚସ୍ପତି ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ଜୟନ୍ତୀ, ଭାଦ୍ରବ କୃଷ୍ଣ ତୃତୀୟା ଶନିବାର, ସେପ୍ଟେମ୍ବର ୫ ତାରିଖ, ରାଶିନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଶ୍ରାଦ୍ଧ, ଧନୁରାଶିର ଘାତଚନ୍ଦ୍ର, ଦିବା ଘ.୦୯.୪୧ମି.ଗତେ ଘ.୧୨.୫୯ମି.ମଧ୍ୟେ, ରାତ୍ରି ଘ.୦୮.୧୪ମି. ଗତେ ଘ.୧୦.୩୫ମି. ମଧ୍ୟେ,ଘ.୧୨.୦୮ ମି.ଗତେ ଘ.୦୧.୪୨ମି.ମଧ୍ୟେ, ଘ.୦୨.୨୮ମି.ଗତେ ଘ.୦୪.୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୦୮.୪୦ମି. ଗତେ ଘ. ୧୦.୧୩ମି.ମଧ୍ୟେ ରାହୁକାଳ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ଅଳସୁଆ କୃଷିକି ନାଶଇ**
**ଋଷିକି ନାଶଇ ଦାସୀ**
**ହସାହସି ପାଠ ବିନେମତା ନାଶେ**
**ଚୋରକୁ ନାଶଇ ଖାଶି।**

ଚାଷବାସ ପାଇଁ ଶାରୀରିକ ପରିଶ୍ରମ ଲୋଡ଼ା। ଯିଏ ଅଳସୁଆ ତା'ଦ୍ୱାରା ଏ କାମ ହୋଇପାରି ନ ଥାଏ। ଋଷିମୁନି ସାଂସାରିକ ମୋହ ବନ୍ଧନ ତୁଟାଇ ଏକାନ୍ତରେ ଜପତପ ବା ଯୋଗସାଧନା କରିଥାନ୍ତି। ଦାସୀ ପାଖରେ ରହିଥିଲେ ଏଥିରେ ବ୍ୟାଘାତ ସୃଷ୍ଟି ହେବାର ବହୁ ସମ୍ଭାବନା ରହିଥାଏ।

ମନ ଧ୍ୟାନ ଲଗାଇ ପାଠ ପଢ଼ିଲେ ପାଠ ଭଲ ମନେରୁହେ। ପାଠକୁ ହାଲକା ଭାବରେ ନେଲେ ବା ହସମଜାରେ ପାଠ ପଢ଼ିଲେ ପାଠ ପଢ଼ିବାର ଏକାଗ୍ରତା ନଷ୍ଟ ହୋଇଯାଇଥାଏ। ସେହିପରି ଚୌର୍ଯ୍ୟ ବୃତ୍ତି ପାଇଁ କାଶ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନରମାୟା**
**ନାରାୟଣଙ୍କୁ ଅଗୋଚର।**

ମଣିଷର ମାୟା ଭିତରେ ପଶିବା କାଠିକର ପାଠ। ତାଙ୍କ ମନର କଥା କେହି ବୁଝିପାରି ନ ଥାନ୍ତି କି ତା'ର ଟେର ମଧ କେହି ପାଇପାରି ନ ଥାନ୍ତି। ସ୍ୱୟଂ ଭଗବାନ ମଧ୍ୟ ତାଙ୍କ ମାୟା ବୁଝିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।
**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

# କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର କୋଟିପତି ଡେପୁଟି ଡାଇରେକ୍ଟର ଗିରଫ

- ଦେଢ଼କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଆୟବହିର୍ଭୂତ ସମ୍ପତ୍ତି ଜବତ
- ରୁପା ଗ୍ଲାସରେ ପିଉଥିଲେ ପାଣି, ବିଦେଶ ବୁଲିବା ଥିଲା ସଉକ

ଭୁବନେଶ୍ୱର,୪।୯ (ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡାଇରେକ୍ଟୋରେଟ ଅଫ୍ ଫ୍ୟାକ୍ଟୋରିଜ ଆଣ୍ଡ୍ ବଏଲର୍ସ ବା କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ କେସ୍ ନଂ.୨୭/୨୦ ରୁଜୁ କରି ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ୧୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ଭିଜିଲାନ୍ସ ପକ୍ଷରୁ ୬ଟି ସ୍ଥାନରେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ଘାଟିକିଆସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁରଘର, ଯାଜପୁର କୋରେଇସ୍ଥିତ ପୈତୃକ ଘର, କଟକ ସିଡିଏରେ ଥିବା ଫ୍ଲାଟ, କଟକ ଓ ଭୁବନେଶ୍ୱର ଅଫିସ ଏବଂ ପୁଡୁଚେରୀରେ ଥିବା ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ମୋଟ ୧କୋଟି ୪୮ ଲକ୍ଷ ୫୯ ହଜାର ୪୬୬ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ କହିଛି। ଭୁବନେଶ୍ୱର ଘାଟିକିଆସ୍ଥିତ ୩ ବିଏଚ୍‌କେ ଫ୍ଲାଟର ମୂଲ୍ୟ ୪୧ ଲକ୍ଷ ୭୫ ହଜାର ୬୮୩ ଟଙ୍କା, ଖୋର୍ଦ୍ଧା ଓ ଯାଜପୁରରେ ଥିବା ୩ ମହଲା ଘରକୁ ୨୮ ଲକ୍ଷ ୪୯ ହଜାର ୫୨୩ ଟଙ୍କା, କଟକ, ଯାଜପୁର, ରାୟଗଡ଼ା ଆଦି ସ୍ଥାନରେ ଥିବା ୫ ପ୍ଲଟର ମୂଲ୍ୟ ୯ ଲକ୍ଷ ୫୯ ହଜାର ଟଙ୍କା, ଗୋଟିଏ ୪ ଚକିଆ ଯାନର ମୂଲ୍ୟ ୮ ଲକ୍ଷ ୭୫ ହଜାର ୬୫୫ଟଙ୍କା, ଗୋଟିଏ ସ୍କୁଟିର ମୂଲ୍ୟ ୬୦ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କ ଜମା ୨୬ ଲକ୍ଷ ୪୩ ହଜାର ୧୯୮ ଟଙ୍କା, ୧୧ଲକ୍ଷ ୫ହଜାର ୪୨୦ ଟଙ୍କାର ଜୀବନ ବୀମା, ଜବତ ଅଳଙ୍କାର ମୂଲ୍ୟ ୮ ଲକ୍ଷ ୧୯ ହଜାର ୫୭ ଟଙ୍କାରେ ଭିଜିଲାନ୍ସ ହିସାବ କରିଥିବାବେଳେ ନଗଦ ୧ଲକ୍ଷ ୮୬ ହଜାର ୬୫୦ ଟଙ୍କା ଓ ୧୧ ଲକ୍ଷ ୮୫ ହଜାର ୨୮୦ ଟଙ୍କାର ବିଭିନ୍ନ ସାମଗ୍ରୀ ମିଳିଛି। ସବୁଠୁ ବଡ଼ କଥା ହେଲା, ଅଭିଯୁକ୍ତ ରମେଶ ରୁପା ଗ୍ଲାସରେ ପାଣି ପିଉଥିଲେ। କେବଳ ସେତିକି ନୁହେଁ, ବିଦେଶ ବୁଲିବା ମଧ ବଡ଼ ସଉକ ଥିଲା। ରୁଷିଆ, ସିଙ୍ଗାପୁର, ଚାଇନା ଯାଇ ବିପୁଳ ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ଭିଜିଲାନ୍ସ ତଦନ୍ତବେଳେ ଜାଣିବାକୁ ପାଇଛି।


ରମେଶ ଚନ୍ଦ୍ର ବେହେରା

# ହତ୍ୟାକାରୀ ଜେଲ୍ ଫେରନ୍ତା ଦୂର ସମ୍ପର୍କୀୟ ନାତି

- ମାଟି ତଳୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା
- ଗିରଫ ପରେ ପୁଣି ଜେଲ ଗଲେ

କୁଆଁରମୁଣ୍ଡା,୪।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ କାଦୋବାହାଲ ଗ୍ରାମ ଗାଡ଼ାଟୋଲିରେ ନିଜ ଝିଅ ଜ୍ୱାଇଁଙ୍କ ଘରେ ରହୁଥିବା ହାତୀବାରି ଥାନା ଟୁଆବାହାଲ ଗ୍ରାମର ଇସାକ କେର୍କେଟା(୬୧)ଙ୍କ ମୃତ୍ୟୁ ଘଟଣାର ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୃତ ଇସାକଙ୍କ ଜ୍ୱାଇଁ ଯାନିଆରୁସ୍ ଡୁଙ୍ଗଡୁଙ୍ଗଙ୍କ ଭଣଜା ଅର୍ଥାତ୍ ଦୂର ସମ୍ପର୍କୀୟ ନାତି ସମୀର କେର୍କେଟା(୨୮)। ରାଏବୋଗା ଥାନାଧିକାରୀ ବିଜୟ କୁମାର ସିଂ ଫେରାର ସମୀରଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ବେଳେ ଗୁରୁବାର ଅପରାହ୍ନରେ ତାଙ୍କୁ କୁଆଁରମୁଣ୍ଡା ବଜାରରୁ ଗିରଫ କରିଥିଲେ । ଏହାପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ବେଳେ ମଦ ପିଇବାକୁ ବାରଣ କରିବାରୁ ଇସାକଙ୍କୁ ରାଗରେ ତଣ୍ଟି ଚିପି ମାରିଦେବା ସହ ମାମୁଁଘର ବାଡି ପଛପଟେ ଗାତ ଖୋଳି ପୋତି ଦେଇଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି । ଶୁକ୍ରବାର ଅଭିଯୁକ୍ତଙ୍କୁ ରାଉରକେଲା କୋର୍ଟକୁ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଏକ ହତ୍ୟା ଘଟଣାରେ ପୂର୍ବରୁ ଜେଲ ଯାଇ ଗତ ଅଗଷ୍ଟ ୨୬ ତାରିଖରେ ଫେରିଥିବା ସମୀର ପୁଣି ସମ୍ପର୍କୀୟ ଅଜାଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଗଲେ ।

# ଓଡ଼ିଶା ମଡେଲକୁ ନୀତି ଆୟୋଗଙ୍କ ପ୍ରଶଂସା

## ଶିଶୁ ବିକାଶ ଯୋଜନାରେ ମହିଳା ଏସ୍ଏଚ୍‌ଜିଙ୍କୁ ସାମିଲ

ଭୁବନେଶ୍ୱର,୪।୯(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଓଡ଼ିଶା ମଡେଲ୍‌କୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ଏ ନେଇ ସମନ୍ୱିତ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ସଫଳତା ଓ ପ୍ରଦର୍ଶନ ସମ୍ପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଚିଠି ଲେଖିଛନ୍ତି। ଓଡ଼ିଶା ଓ କେରଳରେ ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କୁ ଶୁଖିଲା ଖାଦ୍ୟ ପ୍ରସ୍ତୁତିରେ ନିୟୋଜିତ କରିବା ବେଶ୍ ଫଳପ୍ରଦ ହୋଇଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଏହି ବ୍ୟବସ୍ଥା ଦ୍ୱାରା ପରିପୂରକ ପୁଷ୍ଟିସାଧନ ନିମନ୍ତେ ଶୁଖିଲା ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନରେ ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବା ସହ ମଧ୍ୟସ୍ଥମାନଙ୍କୁ ବାଦ୍ ଦେଇ ଏହି ପ୍ରକ୍ରିୟା ଶୃଙ୍ଖଳିତ ଭାବେ ପରିଚାଳିତ ହୋଇପାରିଛି। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସଶକ୍ତ ହେବା ସହ ସେମାନଙ୍କୁ ରୋଜଗାରର ନୂତନ ପନ୍ଥା ଯୋଗାଇ ଦିଆଯାଇ ପାରିଛି ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

ମହିଳା ଓ ଶିଶୁମାନଙ୍କ ପରିପୂରକ ପୁଷ୍ଟିସାଧନ ନିମନ୍ତେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମର ଅଧିକ ସଫଳତା ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହି ମଡେଲକୁ ଆପଣେଇବା ଲାଗି ସେ ଅନୁରୋଧ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଗର୍ଭବତୀ ଓ ପ୍ରସୂତି ମହିଳା ତଥା ଶୂନରୁ ୬ ବର୍ଷର ଶିଶୁମାନଙ୍କ ପୁଷ୍ଟି ସାଧନ ପାଇଁ ଯୋଗାଇ ଦିଆଯାଉଥିବା ଶୁଖିଲା ଖାଦ୍ୟ ପ୍ରସ୍ତୁତି ଓ ପ୍ୟାକେଜିଂ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରଦାନ କରାଯାଇଛି। ମାସର ୧ ତାରିଖରେ ଛତୁଆ, ଚିକି, ରାଶି ଲଡୁ ଆଦି ବଣ୍ଟନ କରାଯାଉଛି। ଏହି ପ୍ରକ୍ରିୟା ଆରମ୍ଭ ଠାରୁ ଯୋଗାଣ ପର୍ଯ୍ୟନ୍ତ ସମସ୍ତ ପରିଚାଳନାକୁ 'ମୋ ଛତୁଆ'ଆପ୍ ଏବଂ ୱେବ୍‌ସାଇଟ ଜରିଆରେ ତଦାରଖ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଆଜି ଯୁକ୍ତ୨ ...

ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଅପରାହ୍ନ ୪ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ଫଳ ଘୋଷଣା କରାଯିବ। ଏହାପରେ ଛାତ୍ରୀଛାତ୍ରମାନେ www.oris-saresults.in ୱେବ୍‌ସାଇଟ୍‌ରେ ରୋଲ୍ ନମ୍ବର ଓ ଆବଶ୍ୟକ ତଥ୍ୟ ଦେଇ ପରୀକ୍ଷା ଫଳ ଜାଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ କଳାରେ ୨ ଲକ୍ଷ ୨୫ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଧନ୍ଦାମୂଳକରେ ୭,୭୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏହାପୂର୍ବରୁ ଅଗଷ୍ଟ ୧୨ରେ ଯୁକ୍ତ୨ ବିଜ୍ଞାନ ଓ ୧୯ରେ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି।

### ସୌଭିକ୍, ମିରାଣ୍ଡାଙ୍କୁ ...

ପରେ ସେମାନେ ସୁଶାନ୍ତଙ୍କ ମ୍ୟାନେଜର ମିରାଣ୍ଡାଙ୍କୁ ନିଜ ସହ ନେଇଯାଇଥିଲେ। ତାଙ୍କୁ କେଉଁ ସ୍ଥାନକୁ ଓ କାହିଁକି ନିଆଯାଇଥିଲା ସେ ନେଇ କୌଣସି ତଥ୍ୟ ଏନ୍‌ସିବି ପକ୍ଷରୁ ଦିଆଯାଇ ନ ଥିଲା। କୁହାଯାଉଛି ଯେ, ପୂର୍ବରୁ ଏନ୍‌ସିବି ପକ୍ଷରୁ ମିରଣ୍ଡାଙ୍କୁ ନୋଟିସ ଦିଆଯାଇଥିଲା ଓ ତାଙ୍କୁ ପଚରାଉଚରା ପାଇଁ ନିଆଯାଇଥିଲା। ତେବେ ପରେ ସୌଭିକ୍ ଓ ମିରାଣ୍ଡାଙ୍କୁ ଗିରଫ କରାଯାଇଥିବା ଏନ୍‌ସିବି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଏହାପୂର୍ବରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଜୈଦ ବିଲାତ୍ରା, ଅବଦୁଲ ବାସିତ ପରିହାରଙ୍କ ସମେତ ମୋଟ୍ ୫ଜଣଙ୍କୁ ଗିରଫ କରିସାରିଛି। ସମ୍ପୃକ୍ତ ୫ଜଣ ରିଆ, ସୌଭିକ୍ ଏବଂ ମିରାଣ୍ଡାଙ୍କ ସହ ସମ୍ପର୍କରେ ଥିବା ନେଇ ଏନ୍‌ସିବିକୁ ତଥ୍ୟ ଦେଇଥିବା କୁହାଯାଉଛି।

**classifieds Everyday**
**0674-2580101, 2549302**




**SALE**

**Gharabari developed plot with boundary near Phulnakhara (Synergy College), 9937166932.** D-69333

Contact for construction of Simplex/ Duplex/ Apartment and Interior Design of TV unit, Wardrobe and Modular Kitchen from the experts. MPlanets: 7008550473. D-18124

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-69910

**2BHK flat near Tamando Market, Starts @45,15,000/-, 9937166932.** D-69332

**2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746.** D-69152

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK-9937329999.** D-69907

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69153

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Plot near AIIMS Hospital, close to 40ft Revenue road, yellowzone. 8018412115. D-18110

**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150

**PURCHASE**

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157




1BHKX2 at Ogalapada NH side near Bhuasuni Temple Janla, Bhubaneswar, 7064507241. D-69334

3BHK apartment with two toilets and garage at Baishnav Vihar, Bomikhal, Bhubaneswar: 9238574993. D-18109




Monika massage centre: Get body massage with smart lady therapist, room service provide here 8235379277. D-18094

Herbal full body massage smart Lady Therapist. 9437453813. D-69908

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Herbal full body massage by smart / expert therapist. Contact: 8338067247. D-69737

**ପଞ୍ଚଦଶ ଜନ୍ମଦିବସ**



**ବିଶାଳ ପ୍ରିୟଦର୍ଶନ**
୦୫।୦୯।୨୦ (ଗୁରୁଦିବସ)
ଜଗତରନାଥ ଜଗନ୍ନାଥ ଓ ଜଗତଜନନୀ ମା' ଶାରଳାଙ୍କ ନିକଟରେ ଦୀର୍ଘାୟୁ କାମନା କରୁଅଛୁ।
**-:ଶୁଭେଚ୍ଛା ସହ:-**
ମାଆ, ବାପା, ଅଜା, ବଡ଼ବାପା, ବଡ଼ମାଆ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ।
ଧ-୬୩୯୮୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ବଲିଉଡ୍ ସିନେ ଅଟୋଗ୍ରାଫରଙ୍କ ନାଁରେ ଅଭିଯୋଗ**

**ଭୁବନେଶ୍ୱର(ବ୍ୟୁରୋ):** ଜଣେ ଓଡ଼ିଆ ବଲିଉଡ୍ ସିନେ ଅଟୋଗ୍ରାଫର ତଥା କ୍ୟାମେରା ମ୍ୟାନ୍‌ଙ୍କ ନାମରେ ପାରିବାରିକ ହିଂସା ନେଇ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହୋଇଛି। ଡନ୍, ତାରେ ଜମିନ୍ ପର, ରଇସ୍, ଜୱାନୀ ଜାନେମନ୍, ଫକ୍ରେ ତଲାସି ଭଳି ୨୦ ସିନେମାରେ କାମ କରିଥିବା ଏହି କଳାକାର ଜଣକ ଇ-ବ୍ୟାଙ୍କିଙ୍ଗ୍ ଜରିଆରେ ଦେଢ଼କୋଟି ଟଙ୍କା ନେଇଯାଇଥିବା ତାଙ୍କ ସ୍ତ୍ରୀ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ସମ୍ପୃକ୍ତ ସିନେ କଳାକାରଙ୍କୁ ନୋଟିସ୍ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଗୁରୁ: ଆଲୋକର ବାଟ ଦେଖାନ୍ତି

ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରିବାରେ ଗୁରୁ ହିଁ ସାଜନ୍ତି ଆଲୋକବର୍ତ୍ତିକା। କେବେ କଠୋର ଅନୁଶାସନ ତ କେବେ ଉତ୍ସାହପ୍ରଦ ପ୍ରେରଣା ମାଧ୍ୟମରେ ଏମାନେ ଦେଶ, ସମାଜ ଓ ମଣିଷ ଗଠନରେ ନେଇଥାନ୍ତି ଉତ୍ତର ଦାୟିତ୍ୱ। ପାଠ ହେଉ କି ନୃତ୍ୟସଙ୍ଗୀତ, କ୍ରୀଡ଼ା ହେଉ କି ଅଭିନୟ, ପ୍ରତିଟି କ୍ଷେତ୍ରରେ ଗୁରୁଙ୍କ ମାର୍ଗଦର୍ଶନ ଯୁବସମାଜକୁ ବାଟ କଢାଇଥାଏ। ସେହି ମହାନ୍ ଜନନାୟକଙ୍କ ଉଦ୍ଦେଶ୍ୟରେ ଆଜି ସମଗ୍ର ଦେଶ ଗୁରୁଦିବସ ପାଳନ କରୁଥିବାବେଳେ ନିଜ ଗୁରୁଙ୍କୁ ସେହି ଶିଷ୍ୟଙ୍କ ଅଜସ୍ର ପ୍ରଣାମ।

## ‘ଭଗବାନ ମୋର ପ୍ରଥମ ଗୁରୁ’



ଜୀବନର ପ୍ରତି ମୁହୂର୍ତ୍ତରେ ଶିଖିବାର ମନୋବୃତ୍ତି ରଖି ଆଗେଇ ଯିବାକୁ ପଡ଼େ। ଆଜି ଯିଏ ଶିଖୁଛି କାଲି ସିଏ ଶିକ୍ଷକ ହେବ। ଏହା ଏକ ପ୍ରବହମାନ ଧାରା। ମୋ ଜୀବନରେ ମୁଁ ଯେତିକି ଶିକ୍ଷା ପାଇଛି ଓ ଆଜି ଯେଉଁଠାରେ ଛିଡ଼ା ହୋଇଛି, ତା’ର ସବୁ ଶ୍ରେୟ ମୁଁ ମୋ ଶିକ୍ଷକମାନଙ୍କୁ ଦେବି। ନୃତ୍ୟ କ୍ଷେତ୍ରରେ ସାଧନା ପାଇଁ ଭଗବାନଙ୍କୁ ଶ୍ରେୟ ଦେବି। ଭଗବାନ ମୋତେ କଳାକାର କରିବା ପାଇଁ ଉପାଦାନ ଦେଇଥିଲେ ବୋଲି ମୁଁ ଆଜି ତିଷ୍ଠିଛି। ସେ ହେଉଛନ୍ତି ମୋର ପ୍ରଥମ ଗୁରୁ। ତାଙ୍କୁ ମୁଁ ଦେଖିନି, କେବଳ ଅନୁଭବ କରିଛି। ଏ ପାର୍ଥିବ ଜଗତରେ ଗୁରୁଙ୍କ ମାଧ୍ୟମ ଦେଇ ମୁଁ ଭଗବତ କୃପା ପାଇଛି। ତେଣୁ ମୋ ବାପା, ମା’ ମୋର ଦ୍ୱିତୀୟଗୁରୁ। ସେମାନେ ମୋତେ ଶିକ୍ଷା ଦେଇ, ମୋ ହାତ ଧରି ଆଗକୁ ଆଣିଛନ୍ତି। ତା’ପରେ ଆସିଲେ ମୋତେ ଶିକ୍ଷାଦାନ କରିଥିବା ମୋ ସ୍କୁଲ୍ ଓ କଲେଜର ଗୁରୁ। ନୃତ୍ୟକୁ ଯଦି ଆଜି ମୁଁ ବୁଝିପାରୁଛି ସେଥିପାଇଁ ମୋ ସ୍କୁଲ ଓ କଲେଜ ଗୁରୁଙ୍କୁ ଶ୍ରେୟ ଦେବି। ଆଜି ଯଦି ନୃତ୍ୟ ଜଗତରେ ମୋର କିଛିଟା ଅବଦାନ ଅଛି ବୋଲି ଲୋକେ ଭାବୁଛନ୍ତି ତାହା ହେଉଛି ମୋ ଗୁରୁ ଶ୍ରୀଗଙ୍ଗାଧର ପ୍ରଧାନଙ୍କ ପାଇଁ। ମାଟି ପିଣ୍ଡୁଳାରୁ ମୂର୍ତ୍ତି ଗଢିବା ଭଳି ସେ ମୋତେ ଗଢିତୋଳିଛନ୍ତି। ସେ କେବଳ ନୃତ୍ୟ ଶିଖାଇ ନାହାନ୍ତି, ଜଣେ କଳାକାରର ଜୀବନରେ କ’ଣ ରହିବା କଥା, ଆଚାର, ବିଚାର, କର୍ମ କିଭଳି ହେବା କଥା ତାହା ସେ ଶିଖାଇଛନ୍ତି। ଶିକ୍ଷକ ଓ ଗୁରୁ ଭିତରେ ବହୁ ତଫାତ ଅଛି। ଯିଏ କେବଳ ଶିକ୍ଷାଦାନ କରେ ସେ ହେଉଛି ଶିକ୍ଷକ। ହେଲେ ଯିଏ ଶିକ୍ଷାଦାନ ସହ ଛାତ୍ରକୁ ବାଟ କଢାନ୍ତି ସେ ହେଉଛନ୍ତି ଗୁରୁ। ସେଭଳି ଜଣେଗୁରୁ ଥିଲେ ଗୁରୁ ଗଙ୍ଗାଧର ପ୍ରଧାନ। ସେସର୍ବଦା ଚିରନମସ୍ୟ। ଶେଷରେ ଏତିକି କହିବି, ସେ ଛୋଟହୁଅନ୍ତୁ ବା ବଡ଼, ଶୁକ ହେଉ ବା ଶାରୀ, ସାଧୁ ହେଉ କି ମୁନି, ବାଟରେ ଫଳ ବିକୁଥିବା ଦୋକାନୀଟିଏ ହେଲେବି ଯାହାଙ୍କ ପଦେ କଥା ତୁମ ଜୀବନକୁ ଅଭିବୋଧ କଲା ଓ କିଛି ଶିଖାଇଲା ତା’ହେଲେ ସେ ଗୁରୁ ପଦବାଚ୍ୟ। ଜୀବନରେ ଜାଣତରେ ହେଉ ବା ଅଜାଣତରେ ମୋ ଜୀବନରେ ସେଭଳି ଅନେକ ଗୁରୁ ଆସିଛନ୍ତି, ଯାହାଙ୍କ ନିକଟରେ ମୁଁ ଆଜି କୃତଜ୍ଞ।

*–ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟ ଶିଳ୍ପୀ*

## ‘ବାଳିକା ମାଷ୍ଟରର ନାତି କହିଲେ ମୋତେ ଜାଣନ୍ତି’



ମୋ ଜେଜେଙ୍କ ନାଁ ପୀତାମ୍ବର ପରିଡ଼ା। ଇଂରେଜ ଶାସନ ସମୟରେ ଯେତେବେଳେ ଯୁବତୀ, ମହିଳାମାନେ ଘର ବାହାରକୁ ଗୋଡ଼ କାଢୁ ନ ଥିଲେ, ସେ ସମୟରେ ମୋ ଜେଜେ ବୁଲି ବୁଲି ଝିଅମାନଙ୍କୁ ପାଠ ପଢାଉଥିଲେ। କେନ୍ଦୁଝର ଜିଲାରେ ନାରୀ ଜାଗରଣ କରାଇବାର ଏକ ଗୁରୁ ଦାୟିତ୍ୱ ସେ ତୁଲାଇଥିଲେ। ସେହି ସମୟରେ ମୋତେ ରାଇମୋହନ ପରିଡ଼ା ଭାବେ ନୁହେଁ, ଲୋକେ ବାଳିକା ମାଷ୍ଟରର ନାତି ନାମରେ ଜାଣିଥିଲେ। ଆଉ କେଉଁ ପରିଚୟ ଅପେକ୍ଷା ବାଳିକା ମାଷ୍ଟର ନାତି ପରିଚୟ ନେବାକୁ ମୁଁ ଆଜି ବି ଗର୍ବ ଅନୁଭବ କରେ। ତାଙ୍କ ଭଳି ଶିକ୍ଷକ ମିଳିବା ବିରଳ।

ବାପା, ମା’ ଜନ୍ମକରି ଗୁରୁଙ୍କ ପାଖରେ ଛାଡ଼ିଦିଅନ୍ତି। ସେମାନଙ୍କ ଜୀବନକୁ ଗୁରୁ ହିଁ ସଜାଡ଼ି ଥାନ୍ତି। ସେଭଳି ମୋ ଜୀବନକୁ ପ୍ରତି ସୋପନରେ ଜଣେ ଜଣେ ଗୁରୁ ସଜାଡ଼ିଛନ୍ତି। ନାଟକ କ୍ଷେତ୍ରରେ ମୋର ଗୁରୁ ହେଲେ ଗୋବିନ୍ଦ ପରିଡ଼ା। ମୋ ଗାଁର ଜଣେ ଭାଇ ହେବେ। ଜୀବନର ପ୍ରଥମ ନାଟକ ତାଙ୍କ ପାଖରେ ଶିକ୍ଷା କରିଥିଲି। ତା’ପରେ ଗୌରୀଶଙ୍କର ଦାସ, ମୋ ଅଧ୍ୟାପକ ପଞ୍ଚାନନ ପାତ୍ର, ଉମାକାନ୍ତ ସାର୍, ଅଜିତ ଦାସ ଓ ଧୀର ମଲ୍ଲିକଙ୍କୁ ମୁଁ ଗୁରୁଭାବେ ଗ୍ରହଣ କରିଛି। ସେହିଭଳି ସିନେମା କ୍ଷେତ୍ରରେ ପ୍ରଶାନ୍ତ ନନ୍ଦ, ରାଜେନ୍ଦ୍ର ସିଂ, ବିଜୟ ଭାସ୍କର ରେଡ୍ଡୀ ହେଉଛନ୍ତି ଗୁରୁ। ମଣିଷର ସଫଳତା ପାଇଁ ଗୁରୁଙ୍କ ଉପସ୍ଥିତି ଅପରିହାର୍ଯ୍ୟ। ନାଟକ କିମ୍ବା ସିନେମାରେ କେବେ ଗୁରୁ ହେବାକୁ ଚେଷ୍ଟା କରିନି। ଯାତ୍ରାରେ କିନ୍ତୁ ମୁଁ ନିଜକୁ ଗୁରୁଭାବେ ପ୍ରତିପାଦିତ କରିପାରିଛି ବୋଲି ଭାବୁଛି। ଯାତ୍ରା ଜଗତର କିଛି ଗୁରୁଙ୍କ ଭିତରେ ମୋ ନାମ ଆସେ ବୋଲି କହିପାରିବି।

*–ରାଇମୋହନ ପରିଡ଼ା, ଅଭିନେତା*

**MARUTI PHARMACY COLLEGE**
Barahgoda, Bargarh (Odisha)
Recognised by Govt. of Odisha Approved by PCI New Delhi
**ADMISSION OPEN**
**D.PHARM** (60 SEATS) Management Seats (20-21) Eligibility +2 Sc.Pass.
**MARUTI HIGHER SECONDARY SCHOOL**
**+2 SC. & COMM.**
Contact for Admission
9438066954, 8763637625, 7605930501

## ‘ପ୍ରତି ଗୀତରେ ଗୁରୁଙ୍କ କଥା ମନେପଡ଼େ’



ଗୁଣର ପୂଜାରୀ ଥିଲେ ଗୁରୁ ବାଳକୃଷ୍ଣ ସାର୍। ସେ ଖାଲି ସଙ୍ଗୀତ କ୍ଷେତ୍ରରେ ଶିଷ୍ୟଶିଷ୍ୟାଙ୍କ ସ୍ୱରକୁ ଚମକାଇ ନ ଥିଲେ, ବରଂ ଉଦାର ହୃଦୟରେ ସମସ୍ତଙ୍କୁ ଆପଣାର କରିବାର କଳା ଶିଖାଉଥିଲେ। ସଙ୍ଗୀତ ଜଗତର ଏହ ବରପୁତ୍ରଙ୍କ ସାନ୍ନିଧ୍ୟ ପାଇବା ପୂର୍ବଜନ୍ମର ଭଲ କର୍ମର ଫଳ ନିଶ୍ଚିତ। ସାର୍‌ଙ୍କ ସହ ମୋର ଭେଟ ହୋଇଥିଲା ମାତ୍ର ୭ବର୍ଷ ବୟସରେ। ସେବେଠୁ ଆଜିପର୍ଯ୍ୟନ୍ତ ମୁଁ ମୋ କଣ୍ଠରେ ଗୀତଟିଏ ଉଠାଇବା ବେଳେ ସାର୍‌ଙ୍କ କଥା ମନେପଡ଼ିଯାଏ। ମୋ ବାପା ବାସୁଦେବ ବାରିକ ଖୁବ୍ ସଂଗୀତ ପ୍ରିୟ ଥିଲେ। ବାଳକୃଷ୍ଣ ଦାଶ ସାର୍‌ଙ୍କ ପାଖେ ଗୀତ ଶିଖିବି ଓ ରେଡିଓରେ ସେ ମୋକଣ୍ଠସ୍ୱର ଶୁଣିବେ ବୋଲି ବାପାଙ୍କର ବହୁତ ଇଚ୍ଛା ଥିଲା। ମତେ ଗୀତ ଶିଖାଇବା ନିଶାରେ ବାପା ମତେ ସାଥିରେ ନେଇ କଟକରେ ରହୁଥିବା ସାର୍‌ଙ୍କ ଘରେ ପହଞ୍ଚିଥିଲେ। ନିମାପଡ଼ାର ଏକ ମଫସଲ ଗାଁରୁ ଯାଇଥିଲେ ହେଁ ସାର୍ ମୋତେ ଶ୍ରଦ୍ଧାରେ ଆପଣେଇ ଗୀତ ଘରକୁ ଡାକିନେଇ କହିଲେ, କ’ଣ ଗୋଟେ ଗୀତ ଗାଇଲୁ। ମୁଁ ବଡ଼ ପାଟିରେ ଗାଇବା ପରେ ସାର୍ ହସିଦେଇ କହିଲେ, ଆଉ ଟିକେ ବଡ଼ ହୋଇଯା’ ଶିଖିବୁ। ଟିକେ ବଡ଼ ହେବାପରେ ମୋତେ ଧରି ପୁଣି ସାର୍‌ଙ୍କ ଭୁବନେଶ୍ୱର ଘରକୁ ବାହାରିଲେ। ସେତେବେଳେ ତାଙ୍କ ସାମ୍ନାରେ ମୁଁ ‘ମଙ୍ଗଳ ମୟ, ମଙ୍ଗଳମୟ ମଙ୍ଗଳ କରହେ...’ ଗୀତ ଗାଇଥିଲି। ସାର୍ ମୋ ପିଠି ଥାପୁଡ଼େଇ ବାପାଙ୍କୁ କହିଲେ, ସଙ୍ଗୀତ ମହାବିଦ୍ୟାଳୟରେ ଝିଅର ନାମ ଲେଖାଇ ଦିଅ। ସେଠି ଶିଖିବ ଓ ମୋ ପାଖରୁ ମଧ୍ୟ ଶିଖିବ। ସେୟା ହେଲା। ସାର୍ ମୋ ପାଇଁ ପ୍ରଥମ ଗୀତ ‘ହେ ଚକାନୟନ ଅଗତିର ଗତି ଦିନ ଦୁଃଖ ନାଶନ’ର ସ୍ୱର କଲେ। କାର୍ତ୍ତିକ ମାସ ବୈକୁଣ୍ଠ ଚତୁର୍ଦ୍ଦଶୀରେ ପୁରୀରେ ହେଉଥିବା ଭଜନ ସମାରୋହରେ ସାର୍ ମତେ ଗାଇବାକୁ ସୁଯୋଗ ଦେଲେ। ସେହି ଗୀତଟି ଗାଇ ସାରିବା ପରେ ଶ୍ରୋତାମାନେ ଭୂରିଭୂରି ପ୍ରଶଂସା କଲେ। ଏହାପରେ ସାର୍‌ଙ୍କ ପାଇଁ ମୁଁ ଯେଉଁଠି କି ବି ଯାଉଥିଲି ବିଜୟୀ ହୋଇ ଫେରୁଥିଲି। ସାର୍ ଏତେବଡ଼ କଳାକାର ଥିଲେ, କିନ୍ତୁ ଟିକେବି ଗର୍ବ ନ ଥିଲା। ତାଙ୍କଠୁ ସଙ୍ଗୀତ ଶିଖିବା କାଳରେ ସେ ଖାଲି ଆମକୁ ସ୍ୱରରେ ସିଦ୍ଧ କରାଇ ନ ଥିଲେ, ତାଙ୍କ ସଂସ୍ପର୍ଶରେ ଆସି ମଣିଷ ପଣିଆ ଶିଖିଥିଲୁ। ଯେପର୍ଯ୍ୟନ୍ତ ସଂଗୀତର ଗୁଞ୍ଜରଣ ଶୁଭୁଥିବ, ସେପର୍ଯ୍ୟନ୍ତ ବାଳକୃଷ୍ଣ ସାର୍‌ଙ୍କ ସଂଗୀତର ଝଙ୍କାର ସୃଷ୍ଟି ହେଉଥିବ।

*–ଶାନ୍ତିଲତା ଛୋଟରାୟ ବାରିକ, କଣ୍ଠଶିଳ୍ପୀ*




# ଗୋପାଳପୁରରେ ହେବ ବୃହତ୍ ଔଷଧୀୟ ପାର୍କ

- ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି
- ଖର୍ଚ୍ଚ ହେବ ୧୫୦୦ କୋଟି
- ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ଚଳିତ ମାସ ୨୫ ସୁଦ୍ଧା କେନ୍ଦ୍ରକୁ ପ୍ରକଳ୍ପ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଗୋପାଳପୁର ସ୍ଥିତ ଟାଟା ସ୍ୱତନ୍ତ୍ର ଅର୍ଥନୈତି ଜୋନ(ଏସଇଜେଡ୍)ରେ ବୃହତ ଔଷଧୀୟ ପାର୍କ ପ୍ରତିଷ୍ଠା ହେବ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପାର୍କରେ ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହଯୋଗ ଯୋଗାଇ ଦେବେ।

ଏହି ପାର୍କର ବିକାଶ ପାଇଁ ଇଡ୍‌କୋ ଏବଂ ଟାଟା ମଧ୍ୟମରେ ଏକ ଏସପିଭି (ସ୍ପେଶାଲ ପର୍ପସ ଭେହିକିଲ) ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଇଡ୍‌କୋ ପ୍ରମୁଖ ଅଂଶିଦାର ରହିବ। ଏହି ପାର୍କରେ ପ୍ରାୟ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକଳ୍ପର ରିପୋର୍ଟ ପ୍ରସ୍ତୁତ କରି ଆସନ୍ତା ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବାକୁ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ପାର୍କ ପାଇଁ ଗୋପାଳପୁର ଟାଟା ଏସ୍‌ଇଜେଡ୍‌ରେ ୧ ହଜାର ଏକର ଜମି ରହିଛି। ଏହି ସ୍ଥାନକୁ ବନ୍ଦର, ରେଳ ଏବଂ ଜାତୀୟ ରାଜପଥ ସଂଯୁକ୍ତ ରହିଛି। ଗୋପାଳପୁରରେ ମଧ୍ୟ ଏକ ଏୟାର ଷ୍ଟ୍ରିପ ରହିଛି। ଭୁବନେଶ୍ୱର ବିମାନ ବନ୍ଦରରୁ ମାତ୍ର ଦୁଇ ଘଣ୍ଟାରୁ କମ ସମୟରେ ଗୋପାଳପୁରରେ ପହଞ୍ଚି ହେବ। ଏସବୁ ଦୃଷ୍ଟିରେ ରଖି ସେଠାରେ ଔଷଧୀୟ ପାର୍କ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏଠାରେ ସାଧାରଣ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ, ମାଲଗୋଦାମ, ସ୍ୱତନ୍ତ୍ର ବିଦ୍ୟୁତ ବିତରଣର ବ୍ୟବସ୍ଥା, ସାଧାରଣ ବାଷ୍ପ ସୃଷ୍ଟି ଓ ବଣ୍ଟନ ପ୍ଲାଣ୍ଟ, ଆଧୁନିକ ପରୀକ୍ଷାଗାର, ବୈଷୟିକ ଇନକ୍ୟୁବେଟର, ବୌଦ୍ଧିକ ସମ୍ପତ୍ତି ସମ୍ବନ୍ଧିତ ସେବା ଆଦି ଏହି ସାଧାରଣ ଭିତ୍ତିଭୂମିର ମୁଖ୍ୟ ଅଂଶ ହେବ। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ସଚିବ ଅଶୋକ ମୀନା, ରାଜସ୍ୱ ବିଭାଗ ସଚିବ ବିଷ୍ଣୁପଦ ସେଠୀ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଇପିକଲର ପରିଚାଳନା ନିର୍ଦ୍ଦେଶକ ନୀତୀନ ଭାନୁଦାସ ଜୱାଲେ ପ୍ରମୁଖ ଯୋଗ ଦେଇଥିଲେ।

# ବିଧାନସଭା ସ୍ଥାୟୀ କମିଟିର ୬ଷ୍ଠ ବୈଠକ

ଭୁବନେଶ୍ୱର,୪।୯(ବ୍ୟୁରୋ)

ବିଧାନସଭା ସ୍ଥାୟୀ କମିଟି-୬ଙ୍କର ଷଷ୍ଠ ବୈଠକ ଶୁକ୍ରବାର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ପ୍ରକୋଷ୍ଠ ସଂଖ୍ୟା-୫୯ରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କରେ ଆଲୋଚନା ହୋଇଛି। ବିଧାନସଭାର ଗତ ଅଧିବେଶନରେ ସମବାୟ ବିଭାଗ ସମ୍ପର୍କିତ ଗୃହରେ ଉପସ୍ଥାପିତ କମିଟିର ସୁପାରିସ ଉପରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଆନନ୍ଦପୁର ଓ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ସ୍ୱତନ୍ତ୍ର ସମୀକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ସେହିଭଳି ବିଧାନସଭାର ଗତ ଅଧିବେଶନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କିତ ଗୃହରେ ଉପସ୍ଥାପିତ କମିଟିର ସୁପାରିଶ ଉପରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଧାନର ଅଭାବୀ ବିକ୍ରି ଏବଂ କୋଭିଡ୍-୧୯ ସମୟରେ ଖାଦ୍ୟଶସ୍ୟ ଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଛି। କମିଟି ସଦସ୍ୟ ଓ ଉଭୟ ବିଭାଗ ବରିଷ୍ଠ ପଦାଧିକାରୀଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥୀ ଯୋଗ ଦେଇଥିଲେ।

# ୮ରୁ ଯୁକ୍ତ୩ ଇ-ନାମଲେଖା ପାଇଁ ଆବେଦନ

**ଭୁବନେଶ୍ୱର, ୪।୯(ବ୍ୟୁରୋ):** ରାଜ୍ୟରେ ଡିଗ୍ରୀ କଲେଜଗୁଡ଼ିକରେ ଇ-ନାମଲେଖା ପାଇଁ ଆସନ୍ତା ୮ ତାରିଖ ପୂର୍ବାହ୍ନ ୧୧ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୨୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ଏନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୮ ତାରିଖରେ ପ୍ରଥମ ମେରିଟ୍‌ଲିଷ୍ଟ ପ୍ରକାଶ ପାଇବ। ଅକ୍ଟୋବର ୧ ପର୍ଯ୍ୟନ୍ତ ଚୟନ ହୋଇଥିବା ଛାତ୍ରୀଛାତ୍ର ସାମ୍‌ସ ଆକାଉଣ୍ଟରେ ନାମଲେଖା ବାବଦ ଫି’ ଡିପୋଜିଟ୍ କରିବେ ଓ ୨୯ରୁ ଅକ୍ଟୋବର ୨ ମଧ୍ୟରେ ନାମଲେଖା କରିବେ। ୮ ତାରିଖରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚୟନ ଛାତ୍ରୀଛାତ୍ର ସାମ୍ସ ଆକାଉଣ୍ଟରେ ନାମଲେଖା ଫି’ ଡିପୋଜିଟ୍ କରିବେ ଏବଂ ୯ରୁ ୧୨ତାରିଖ ରାତି ୧୧ଟା ୪୫ ଭିତରେ ନାମ ଲେଖାଇବେ।

# ଭୁବନେଶ୍ୱରରେ ସଂକ୍ରମଣ ଆହୁରି ବଢ଼ିବ

- ଲୋକଙ୍କ ଆଣ୍ଟିବଡି ପ୍ରିଭେଲାନ୍ସ ୫.୧୫ %
- ଆଉ ୫୫୧ ନୂଆ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଭୁବନେଶ୍ୱରରେ ସଂକ୍ରମଣ ଆହୁରି ବଢ଼ିବାର ଆଶଙ୍କା ରହିଛି। ଏଠାରେ ଲୋକଙ୍କ ଆଣ୍ଟିବଡି ପ୍ରିଭେଲାନ୍ସ କମ୍ ଯୋଗୁ ଆଗକୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିପାରେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୬୦୦ କମ୍ୟୁନିଟି ସାମ୍ପଲ ଟେଷ୍ଟ କରାଯାଇଛି। କିନ୍ତୁ ଏଯାଏ ସେରୋ ସର୍ଭିଲାନ୍ସରେ ହାଇରିସ୍କ ଗ୍ରୁପ୍‌ର ଟେଷ୍ଟ କରାଯାଇ ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ସେରୋ ସର୍ଭେର ପ୍ରଥମ ଫେଜ୍ ରେଜଲ୍ଟ ମିଳିସାରିଛି। ଭୁବନେଶ୍ୱରରେ ଆଣ୍ଟିବଡି ପ୍ରିଭେଲାନ୍ସ ୫.୧୫ ପ୍ରତିଶତ ରହିଛି। ଭୁବନେଶ୍ୱରର ସ୍ଥିତି ଭଲ ଅଛି, କିନ୍ତୁ ପ୍ରିଭେଲାନ୍ସ କମ୍ ଯୋଗୁ ରିସ୍କ ବଢ଼ିଛି। ଲୋକଙ୍କ ଆଣ୍ଟିବଡି ପ୍ରିଭେଲାନ୍ସ କମ୍ ଯୋଗୁ ଆଗକୁ ସଂଖ୍ୟା ବଢ଼ିପାରେ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ୨୪ଘଣ୍ଟାରେ ୫୫୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି ଓ ୨୭୨ଜଣ ଆରୋଗ୍ୟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୨,୪୦୪କୁ ବୃଦ୍ଧି ପାଇଛି। ସେହିଭଳି କରୋନାଜନିତ ମୃତ୍ୟୁ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି।



ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ-କାଳର ପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ। -ଶ୍ରୀଅରବିନ୍ଦ

# କଡ଼ା ମେସେଜ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ସ୍ୱଚ୍ଛତା ଏବଂ ଦୁର୍ନୀତି ମୂଳୋତ୍ପାଟନ ମୋଦି ସରକାରଙ୍କ ଏକ ବଡ ପ୍ରସଙ୍ଗ। ଏହାକୁ ଦବାଇ ଦେବା ଲାଗି ବାବୁମାନେ ଉଦ୍ୟମ କରୁଥିବା ସତ୍ତ୍ୱେ ଏହି ଲକ୍ଷ୍ୟ ହାସଲ କରିବାକୁ ସରକାର ଦୃଢ଼ତା ଜାରି ରଖିଛନ୍ତି। ଗତବର୍ଷ ଦୁର୍ନୀତି, ଯୌନ ନିର୍ଯାତନା ତଥା ଅନ୍ୟ ଅଭିଯୋଗ ଥିବା ବହୁ ଆଇଆର୍‌ଏସ୍ ଏବଂ ଆଇଟି ସର୍ଭିସ ଅଧିକାରୀଙ୍କ ଏକ ତାଲିକା ସରକାର ପ୍ରସ୍ତୁତ କରିଥିଲେ। କହିବାକୁ ଗଲେ ସରକାର ଏହି ଅଭିଯାନ ଚାଲୁ ରଖିଛନ୍ତି ଏବଂ ଏବେ ଅପାରଗ ଓ ଭ୍ରଷ୍ଟାଚାରୀ ବା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ତଡିବାକୁ ଯାଇ ମୋଦି ସରକାର ପୁଣି ଥରେ ତାଙ୍କ ପ୍ରସଙ୍ଗକୁ ଦୋହରାଇଛନ୍ତି। କେନ୍ଦ୍ର ମନ୍ତ୍ରଣାଳୟ ତଥା ସମ୍ପୃକ୍ତ ବିଭାଗଗୁଡିକ ୩୦ ବର୍ଷ ଚାକିରି ସମ୍ପୂର୍ଣ୍ଣ କରିଥିବା ଅଧିକାରୀମାନଙ୍କ ତାଲିକା ସବୁବେଳେ ଅପ୍‌ଡେଟ ବା ନବୀକରଣ କରି ରଖିବା ଉଚିତ ବୋଲି କହିଛନ୍ତି। ଏହା ସହ ଯେଉଁ ବାବୁମାନଙ୍କ କାର୍ଯ୍ୟ କରିବାର ସତ୍ୟନିଷ୍ଠା ଉପରେ ସନ୍ଦେହ ରହିଥିବ ସେମାନଙ୍କ ରେଜିଷ୍ଟରକୁ ନିୟମିତ ସମୀକ୍ଷା କରି ଅପ୍‌ଡେଟ ରଖାଯିବ। ଏହାଦ୍ୱାରା ଚାକିରିରୁ ନିର୍ଦ୍ଧାରିତ ସମୟ ପୂର୍ବରୁ କେଉଁମାନଙ୍କୁ ଅବସର ଦିଆଯିବ ତାହା ସରକାର ଚିହ୍ନଟ କରିପାରିବେ। ସୂତ୍ରରୁ ପ୍ରକାଶ ଯେ, ଅଗଷ୍ଟ ୨୮ରେ ଡିପାର୍ଟମେଣ୍ଟ ଅଫ୍ ପର୍ଶନାଲ ଆଣ୍ଡ୍ ଟ୍ରେନିଂ (ଡିଓପିଟି) ବା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏ ସଂକ୍ରାନ୍ତରେ ଏକ ଚିଠି ଜାରି କରିଛି। ସ୍ପଷ୍ଟ ଜଣାପଡୁଛି, ଏଭଳି ଅଧିକାରୀଙ୍କ ନାମ ନିୟମିତ ଭାବେ ତତ୍ ସମ୍ବନ୍ଧିତ ସମୀକ୍ଷା କମିଟିକୁ ପଠାଯିବ। ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ରେଲୱେ କ୍ୟାଡର ବାବୁମାନଙ୍କ କେସ୍ ଯଥାକ୍ରମେ ସେମାନଙ୍କ ଲାଗି ଉଦ୍ଦିଷ୍ଟ ଡିଓପିଟି, ଗୃହମନ୍ତ୍ରଣାଳୟ, ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ସେଣ୍ଟ୍ରାଲ ରେଲୱେ ବୋର୍ଡର ସଚିବମାନେ ହିଁ ବିଚାର କରିବେ। ତେବେ ଭ୍ରଷ୍ଟାଚାରୀ ବାବୁମାନେ ସରକାରଙ୍କ କଡ଼ା ମେସେଜ ପାଇବେ ତ?

### ପୁଣି ପୁରୁଣା ମୁହଁ

ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି)ର ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ୬ ମାସ ବଢାଇଦିଆଯାଇଛି ଓ ଏହା ଫେବୃୟାରୀ ୨୮, ୨୦୨୧ରେ ଶେଷ ହେବ। ୧୯୮୨ ବ୍ୟାଚର ଇଣ୍ଡିଆନ ରେଭିନ୍ୟୁ ସର୍ଭିସ (ଆଇଆରଏସ୍) ଅଗଷ୍ଟ ୩୧ରେ ଅବସର ନେବେ ବୋଲି ଆଲୋଚନା କରାଯାଉଥିଲା। ତାଙ୍କ ପୂର୍ବରୁ ଏବକାର ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରଙ୍କ କାର୍ଯ୍ୟକାଳକୁ ବି ମେ' ୨୦୧୭ରେ ଏଭଳି ସମ୍ପ୍ରସାରଣ କରାଯାଇଥିଲା, ଯାହାକୁ ସେ ସମୟରେ ଏକ ଭିନ୍ନ ପଦକ୍ଷେପ ଭାବେ ବିବେଚନା କରାଯାଇଥିଲା। ଏବେ ପ୍ରମୋଦଙ୍କ କାର୍ଯ୍ୟକାଳ ବୃଦ୍ଧି ଘଟଣାରୁ ଜଣାପଡୁଛି ସିବିଡିଟିରେ ଯେମିତି ଏହା ଏକ ନିୟମ ହୋଇଯାଇଛି! ଶେଷ ମୁହୂର୍ତ୍ତରେ ଭର୍ତ୍ତୁଆଲି ଏହି ନିଷ୍ପତ୍ତି ଘୋଷଣା ହେବା ପରେ ସରକାରଙ୍କ ଯୋଜନା ସମ୍ପର୍କରେ ବାବୁମାନେ ଯାହା ଅନୁମାନ କରୁଥିଲେ ତାହା ହିଁ ଘଟିଲା। ଅଗଷ୍ଟ ଆରମ୍ଭରୁ ବୋର୍ଡର ଦାୟିତ୍ୱ ଦୁଇଜଣ ଅବସରପ୍ରାପ୍ତ ଆଇଆର୍‌ଏସ ଅଫିସର ମୋଦି ଓ ସଦସ୍ୟ ସୁଶୀଲ କୁମାର ଗୁପ୍ତା ବୁଝୁଛନ୍ତି। ଶୀର୍ଷ ପଦ ଲାଗି ଏହି ଦୁଇ ବରିଷ୍ଠ ବାବୁମାନଙ୍କ ମଧ୍ୟରେ ଭାରି ବିବାଦ ରହିଥିଲା। ଶେଷରେ ନୂଆ ମୁହଁ ବଦଳରେ ଜଣେ ବିଶ୍ୱସନୀୟ ଓ ଦକ୍ଷ ପରୁଣା ମୁହଁଙ୍କୁ ବସାଇବା ଲାଗି ସ୍ଥିର କରିଛନ୍ତି। ଏହାଦ୍ୱାରା ବରିଷ୍ଠତା ଭିତ୍ତିରେ ଏହି ଶୀର୍ଷ ପଦ ପାଇବା ଲାଗି ଲାଇନ୍‌ରେ ଥିବା ସୀମା ଖୁରାନା ପାତ୍ର ଓ ପ୍ରଭାସ ଶଙ୍କରଙ୍କ ଆଶା ଆଶାରେ ରହିଗଲା।

### ଫୈସଲ ଫେରିବେ

ଜମ୍ମୁ-କଶ୍ମୀର ରାଜନୀତିରେ ଶାହ ଫୈସଲଙ୍କ ଉପସ୍ଥିତି କମ୍ ଦିନ ରହିଲା। ଗତବର୍ଷ ଜମ୍ମୁ କଶ୍ମୀରର ପରିସ୍ଥିତିକୁ ବିରୋଧ କରି ଏହି ପୂର୍ବତନ ଆଇଏଏସ୍ ଟପ୍ପର ସିଭିଲ ସର୍ଭିସ ପଦ ଛାଡ଼ିବା ନେଇ ଘୋଷଣା କରି ଖବରର ହେଡ୍‌ଲାଇନ ପାଲଟିଥିଲେ। ସେ ଜମ୍ମୁ ଆଣ୍ଡ୍ କଶ୍ମୀର ପିପୁଲ୍ସ ମୁଭମେଣ୍ଟ (ଜେକେପିଏମ୍) ରାଜନୈତିକ ଦଳ ଗଠନ କରିଥିଲେ। ବର୍ଷକୁ ଅଧିକ ସମୟ ହେବ ଗଢାଯାଇଥିବା ନିଜ ଦଳ ଏବେ ସେ ଛାଡି ଦେଇଛନ୍ତି ଓ ପୁଣି ଥରେ ଚାକିରିକୁ ଫେରିପାରନ୍ତି ବୋଲି ସୂଚନା ମଧ୍ୟ ଦେଇଛନ୍ତି। ଜାନୁୟାରୀ ୨୦୧୯ରେ ସେ ଦେଇଥିବା ଇସ୍ତଫାକୁ ସରକାର ଗ୍ରହଣ ନ କରିବା ସହ ସୋସିଆଲ ମିଡିଆରେ ତାଙ୍କ ପୋଷ୍ଟଗୁଡିକ ଉପରେ ତଦନ୍ତକୁ ସ୍ଥଗିତ ରଖିଛନ୍ତି। ଏଥରୁ ସ୍ପଷ୍ଟ ଜଣାପଡୁଛି ଫୈସଲ ରାଜନୀତି ଛାଡିବା ପୂର୍ବରୁ ଗୃହ ମନ୍ତ୍ରଣାଳୟର ଶୀର୍ଷ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏପରି କି ସେ ତାଙ୍କ ନିଷ୍ପତ୍ତି ଘୋଷଣା କରିବା ପୂର୍ବରୁ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ସହ ଯୋଗାଯୋଗ କରିଥିବା ଗୁଜବ ମଧ୍ୟ ସାମ୍ନାକୁ ଆସଛି। ଯେହେତୁ ସରକାର ତାଙ୍କ ଇସ୍ତଫା ଗ୍ରହଣ କରିନାହାନ୍ତି ସେଥିପାଇଁ ଆଇଏଏସ ଦ୍ୱାରା ତାଙ୍କ ଲାଗି ଉନ୍ମୁକ୍ତ ରହିଛି। ତେବେ ତାଙ୍କୁ ପ୍ରଥମେ ଇସ୍ତଫା ପତ୍ର ପ୍ରତ୍ୟାହାର କରିବାକୁ ପଡିବ। ଡିପାର୍ଟମେଣ୍ଟ ଅଫ୍ ପର୍ଶନାଲ ଆଣ୍ଡ ଟ୍ରେନିଂ(ଡିଓପିଟି) ୱେବ୍‌ସାଇଟରେ ଫୈସଲ ଏବେ ବି ଜଣେ କାର୍ଯ୍ୟରତ ଅଧିକାରୀ ବୋଲି ଦର୍ଶାଯାଇଛି। ଏପରି କି ଦେଢ ବର୍ଷ ହେବ ରାଜନୀତିରେ ପ୍ରବେଶ କରିସାରିଥିଲେ ବି ଏଭଳି କରାଯାଇଛି। ତାଙ୍କ ଇସ୍ତଫା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ଫୈସଲ ତାହାକୁ ଫେରାଇ ନେଇପାରିବେ। ଶେଷକୁ ଏହା କୁହାଯାଇପାରେ ଯେ, ଏହି ଘଟଣାରେ ନିଷ୍ପତ୍ତି ପ୍ରଶାସନିକ ନ ହୋଇ ରାଜନୈତିକ ହେବାର ସମ୍ଭାବନା ରହିଛି।

Email: dilipcherian@gmail.com

# ବ୍ୟକ୍ତି ସମ୍ମାନ ବନାମ ବାକ୍ ସ୍ୱାଧୀନତା



**ଯୁଧିଷ୍ଠିର ମହାରଣା**

ଅଦାଲତ ଓ ବିଚାରପତିଙ୍କ ବିରୋଧରେ ଦୁଇଟି ଟୁଇଟ୍ କରି ଏକ ଅଦାଲତ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମକୋର୍ଟ ଏକ ଟଙ୍କା ପ୍ରତୀକ ଜରିମାନା ଦଣ୍ଡାଦେଶ କରିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ପୈଠ ନ କଲେ ତାଙ୍କୁ ତିନି ମାସ କାରାଦଣ୍ଡ ସହ ଓକିଲାତି ପେସାରୁ ତିନିବର୍ଷ ଯାଏ ବାସନ୍ଦ ରହିବା ପାଇଁ ଅଦାଲତ ରାୟ ଶୁଣାଇଛନ୍ତି। ଅନ୍ୟପଟେ ବାକ୍ ସ୍ୱାଧୀନତାକୁ କୌଣସି ପରିସ୍ଥିତିରେ ସଙ୍କୁଚିତ କରିହେବନି। ତେବେ ଏହାସହ ଅନ୍ୟମାନଙ୍କ ଅଧିକାରକୁ ମଧ୍ୟ ସମ୍ମାନ ଦେବାକୁ ପଡ଼ିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ରାୟ ଶୁଣାଣି ଅବସରରେ କହିଛନ୍ତି। ସୂଚନାଥାଉ କି ଗଣମାଧ୍ୟମ ଓ ସାଧାରଣରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିବା ପ୍ରଶାନ୍ତ ଭୂଷଣଙ୍କ ଅଦାଲତ ଅବମାନନା ମାମଲା ଢେରଦିନ ଧରି ଆଲୋଚନା ଓ ବିଭିନ୍ନ ପ୍ରତିକ୍ରିୟା ପରେ ଶେଷରେ ଅଦାଲତଙ୍କ ଉପରୋକ୍ତ ରାୟ ଆସିଛି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପ୍ରଶାନ୍ତ ଭୂଷଣ ଏହା ଉପରେ ରିଭ୍ୟୁ ପିଟିଶନ କରିବେ ବୋଲି କହିଛନ୍ତି। ବାସ୍ତବ କଥା ହେଉଛି ଜରିମାନା ରାଶି ଟଙ୍କାଟିଏ, ଯାହା ଲକ୍ଷେ ଟଙ୍କା ମଧ୍ୟ ସମାନ। କିଛି ଆଇନବିତ୍ ଓ ସାମାଜିକକର୍ମୀ ରାଷ୍ଟ୍ରର ସର୍ବୋଚ୍ଚ କୋର୍ଟଙ୍କ ରାୟ ଉପରେ ପ୍ରଶ୍ନ ସୃଷ୍ଟି କରିବା ଜଣେ ସାଧାରଣ ଲୋକ ପକ୍ଷେ ଅନୁଚିତ ବୋଲି କହିଛନ୍ତି। ଭାରତର କିଛି ବରିଷ୍ଠ ଆଇନଜୀବୀଙ୍କ କହିବାନୁଯାୟୀ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାହାର ଅନ୍ୟ ଏକ ଅର୍ଥ ସ୍ପଷ୍ଟ କରୁଛି କି ଯେ, କୌଣସି ଲୋକ ପ୍ରଶ୍ନ କରିପାରିବେ ନାହିଁ। ଏହି ପ୍ରସଙ୍ଗରେ ଏକ ବଡ଼ ପ୍ରଶ୍ନ ଉଠୁଛି, ଯାହା ହେଉଛି ରାଷ୍ଟ୍ରର ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ପ୍ରତି ଉତ୍ତରଦାୟୀ ନୁହେଁ କି? ଯଦିଓ ସୁପ୍ରିମକୋର୍ଟ ନିଜ କଠୋର ଆଭିମୁଖ୍ୟରୁ ସାମାନ୍ୟ ନରମ ପଡ଼ିଛନ୍ତି ତେବେ ଏ ପ୍ରସଙ୍ଗ କିନ୍ତୁ ଆଗକୁ ଅନେକ ବିତର୍କ ସୃଷ୍ଟି କରିବା ସ୍ୱାଭାବିକ। ସମ୍ପ୍ରତି କରୋନାର ପ୍ରକୋପ ଭିତରେ ଭାରତର ସର୍ବୋଚ୍ଚ କୋର୍ଟଙ୍କ ଏକ ପ୍ରାସଙ୍ଗିକ ଘଟଣା କେବଳ ଆଇନଜୀବୀ ନୁହେଁ, ବୁଦ୍ଧିଜୀବୀ ଓ ସମସ୍ତଙ୍କର ଉତ୍କଣ୍ଠା ଓ ଆଲୋଚନାର କାରଣ ପାଲଟିଥିଲା।


ବିଶିଷ୍ଟ ଓକିଲ ଓ ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣଙ୍କ ଅଦାଲତ ଅବମାନନା ଶୀର୍ଷକ ଟୁଇଟ୍ ଭାରତର ନ୍ୟାୟିକ ବ୍ୟବସ୍ଥାର ଏକ ଭିନ୍ନ ଦିଗ ଉପରେ ଚର୍ଚ୍ଚା କରିବାକୁ ବାଧ କରିଛି। ଏହି ପ୍ରସଙ୍ଗରେ ବିଚାରପତି ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ଉପଯୁକ୍ତ ସମାଲୋଚନାକୁ କୋର୍ଟ ସ୍ୱାଗତ କରୁଛି ମାତ୍ର ଏହାର ଅର୍ଥ ନୁହେଁ ଯେ, ସମାଲୋଚନା ନାମରେ କୋର୍ଟ ଓ ବିଚାରପତିଙ୍କ ଗରିମା କ୍ଷୁଣ୍ଣ କରିବା। ବିଚାରପତି ଓ ଆଇନଜୀବୀ ଗୋଟିଏ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି ଓ ସେମାନେ ଏକତ୍ର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ କାମ କରିବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରଶାନ୍ତ ଭୂଷଣ ତାଙ୍କ ଟୁଇଟ୍‌କୁ ନେଇ ନିଃସର୍ତ୍ତ ଦୁଃଖ ପ୍ରକାଶ କରି ନ ଥିବାରୁ ଏହି ଘଟଣାକ୍ରମ ଜଟିଳ ଦିଗକୁ ଯାଇଥିଲା। ଭାରତର ଆର୍ଟର୍ନି ଜେନେରାଲ ଅଦାଲତ ଅବମାନନା ପ୍ରସଙ୍ଗରେ ପ୍ରଶାନ୍ତ ଭୂଷଣଙ୍କୁ ତିରସ୍କାର କରି ଛାଡ଼ି ଦିଆଯିବା ଉଚିତ ବୋଲି କହିଥିବାବେଳେ ପ୍ରଶାନ୍ତ ଭୂଷଣଙ୍କ ଓକିଲ ସୁପ୍ରିମକୋର୍ଟ ପ୍ରଶାନ୍ତ ଭୂଷଣଙ୍କୁ ଦଣ୍ଡ ନ ଦେଇ ତାଙ୍କୁ ସତର୍କ କରାଇ ଦେଇ ଛାଡ଼ିଦିଅନ୍ତୁ ବୋଲି ପୂର୍ବରୁ କହିଥିଲେ। ଅଦାଲତ ଅବମାନନା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବାକୁ ପ୍ରଶାନ୍ତ ଭୂଷଣ ମନା କରିବା ସହ କ୍ଷମା ମାଗିବାକୁ ତାଙ୍କ ବିବେକ ଅନୁମୋଦନ କରୁନି ଓ ଯଦି ସେ କ୍ଷମା ମାଗିବେ ଏହା ତାଙ୍କ ଅନ୍ତରାତ୍ମା ପ୍ରତି ଅବମାନନା ହେବ ବୋଲି ପ୍ରଶାନ୍ତ ଭୂଷଣ କହିଛନ୍ତି। ସେ ଯାହା ଟୁଇଟ୍ କରିଥିଲେ ତାହା ତାଙ୍କର ବାକ୍ ସ୍ୱାଧୀନତା ପରିସରଭୁକ୍ତ ବୋଲି କହିବା ସହ ସୁପ୍ରିମକୋର୍ଟଙ୍କ ଗରିମା କ୍ଷୁଣ୍ଣ ହେବା ଉଦ୍ଦେଶ୍ୟରେ ସେ କୌଣସି ଟୁଇଟ୍ କରିନାହାନ୍ତି ବୋଲି ନିଜ ଦାବିରେ ଅଟଳ ରହି କହିଛନ୍ତି।

ଗତ ୨୦୧୬ ମସିହାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମାନହାନିର ଅପରାଧୀକରଣ ବିରୋଧରେ ଆଗତ ଏକାଧିକ ଆବେଦନକୁ ଖାରଜ କରି ଭାରତୀୟ ପିଙ୍ଗଳ କୋଡର ୪୯୯ ଏବଂ ୫୦୦ ଦଫାର ସାମ୍ବିଧାନିକ ବୈଧତାକୁ କାଏମ ରଖିଥିଲେ। କଂଗ୍ରେସର ତତ୍କାଳୀନ ଉପାଧ୍ୟକ୍ଷ ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ସମେତ ୧୯ଜଣ ଆବେଦନକାରୀଙ୍କ ଆବେଦନ ଉପରେ ଏକାଠି ବିଚାରକରି ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ଏବଂ ନ୍ୟାୟମୂର୍ତ୍ତି ପି.ସି. ପନ୍ଥଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଥିଲେ। ଭାରତରେ ଉଭୟ ଫୌଜଦାରି ଆଇନର ବ୍ୟାପକ ଆକ୍ରୋଶମୂଳକ ଅପବ୍ୟବହାର ଅଭିଯୋଗର ପୃଷ୍ଠଭୂମି ଉପରେ ଏସବୁ ଆବେଦନ ଦାଖଲ ହୋଇଥିଲା। ଆବେଦନକାରୀଙ୍କ ଯୁକ୍ତି ଥିଲା, ଆଇପିସିର ୪୯୯ ଏବଂ ୫୦୦ ଦଫାରେ ମାନହାନି ଅଭିଯୋଗରେ ଫୌଜଦାରି ମାମଲା ରୁଜୁ ପାଇଁ ରହିଥିବା ବ୍ୟବସ୍ଥା ସମ୍ବିଧାନର ୧୯(୧) ଧାରାରେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ବାକ୍ ସ୍ୱାଧୀନତାର ବିରୋଧାଚରଣ। ମାନହାନିର ଅପରାଧୀକରଣ ଲାଗି ଆଇପିସିରେ ରହିଥିବା ବ୍ୟବସ୍ଥା ସ୍ୱାଧୀନ ମତ ପ୍ରକାଶ ପାଇଁ ନାଗରିକର ମୌଳିକ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛି। ତେଣୁ ଆଇପିସିରେ ଏହି ଦୁଇ ଦଫା ୪୯୯ ଏବଂ ୫୦୦କୁ ଅବୈଧ ତଥା ଅସାମ୍ବିଧାନିକ ଘୋଷଣା କରାଯାଉ। ତେବେ ଖଣ୍ଡପୀଠ ତାଙ୍କର ୧୬୭ ପୃଷ୍ଠାର ରାୟରେ ଆବେଦନକାରୀଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରି ଆଇପିସିର ୪୯୯ ଏବଂ ୫୦୦ଦଫାର ସାମ୍ବିଧାନିକ ବୈଧତାକୁ କାଏମ୍ ରଖି ମନ୍ତବ୍ୟ ଦେଇଥିଲେ ଯେ, ନାଗରିକଙ୍କୁ ବାକ୍ ଓ ସ୍ୱାଧୀନ ମତ ପ୍ରକାଶ ଲାଗି ଦିଆଯାଇଥିବା ଅଧିକାର ଅନ୍ୟର ସମ୍ମାନ ତଥା ପ୍ରତିଷ୍ଠାରେ ହାନି ଆଣିବା ଲାଗି ଉଦ୍ଦିଷ୍ଟ ନୁହେଁ। ନିଜ ସମ୍ମାନ କିମ୍ବା ପ୍ରତିଷ୍ଠାର ସୁରକ୍ଷା ଜଣେ ବ୍ୟକ୍ତିର ଉଭୟ ମୌଳିକ ଏବଂ ମାନବିକ ଅଧିକାର ବାକ୍ ସ୍ୱାଧୀନତା ଆଳରେ ମୌଳିକ ଅଧିକାରରେ ଆଞ୍ଚ ଅଣାଯାଇ ନ ପାରେ। ଗୋଟିଏ ପକ୍ଷରେ ବ୍ୟକ୍ତିର ସମ୍ମାନ ଓ ଅନ୍ୟପକ୍ଷରେ ବ୍ୟକ୍ତିର ବାକ୍ ସ୍ୱାଧୀନତା ମଧ୍ୟରେ ଭାରସାମ୍ୟ ରକ୍ଷା ଆବଶ୍ୟକ। ଏଥିପାଇଁ ସମ୍ବିଧାନର ୧୯(୨) ଧାରାରେ ଆବଶ୍ୟକ ସ୍ଥଳେ ସ୍ୱାଧୀନ ମତ ପ୍ରକାଶ ଅଧିକାର ଉପରେ କଟକଣା ଲାଗୁ ସକାଶେ ବ୍ୟବସ୍ଥା ଥିବାରୁ ଆଇପିସିର ୪୯୯ ଏବଂ ୫୦୦ ଦଫା ଅସାମ୍ବିଧାନିକ ନୁହେଁ। ୨୦୧୬ ମେ ୧୩ ତାରିଖରେ ସୁପ୍ରିମକୋର୍ଟଙ୍କ ଏହି ରାୟ ଥିଲା ଦଶ ବର୍ଷ ତଳେ ସମାନ ଆଉ ଏକ ମାମଲାରେ ମାନ୍ୟବର କୋର୍ଟ ଦେଇଥିବା ରାୟର ପ୍ରାୟତଃ ଅବିକଳ ପ୍ରତିଫଳନ। ୨୦୦୬ରେ ମାନହାନିର ଅପରାଧୀକରଣ ବିରୋଧରେ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ପକ୍ଷରୁ ଆଗତ ଆବେଦନକୁ ଖାରଜ କରି ଉଚ୍ଚତମ ନ୍ୟାୟାଳୟ ମତ ଦେଇଥିଲେ ଯେ, ବାକ୍ ସ୍ୱାଧୀନତାର ବେଦିରେ ଜଣେ ବ୍ୟକ୍ତିର ସମ୍ମାନର ବଳି ଚଢ଼ାଯାଇ ପାରିବ ନାହିଁ। ଏହା ପୂର୍ବରୁ ମଧ୍ୟ ଏକାଧିକ ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରାୟ ସମାନ ରାୟ ଆସିଛି। ଏହାର ସରଳ ଅର୍ଥ ହେଲା ବାକ୍ ସ୍ୱାଧୀନତା ବା ସ୍ୱାଧୀନ ମତ ପ୍ରକାଶ ଅଧିକାର ଆଳରେ କୌଣସି ବ୍ୟକ୍ତିଙ୍କ ସମ୍ମାନର ହନନ ହୋଇ ନ ପାରେ। କିନ୍ତୁ ଠିକ୍ ବିପରୀତ ପଟେ ଜଣେ ବ୍ୟକ୍ତିର ସମ୍ମାନ ସୁରକ୍ଷା ଆଳରେ ବାକ୍ ସ୍ୱାଧୀନତା ଉପରେ ଯଦି ଆଙ୍କୁଶ ଲଗାଯାଏ ତେବେ ସେ କ୍ଷେତ୍ରରେ ପ୍ରତିକାର କ'ଣ? ଜଣେ ବ୍ୟକ୍ତିର ସମ୍ମାନର ସୁରକ୍ଷା ଆଳରେ ଆଉ ଜଣେ ବ୍ୟକ୍ତିର ଅଧିକାର ସଙ୍କୁଚିତ କରାଯାଏ, ତେବେ ଅଧିକାରର ସୁରକ୍ଷା ହେବ କେମିତି? ବ୍ୟକ୍ତିଗତ ଆକ୍ରୋଶ ରଖି ଆଇନର ଅପବ୍ୟବହାରକୁ ରୋକାଯିବା ଲାଗି ଉପାୟ କ'ଣ?

ତେବେ ଏତିକି ଯଥେଷ୍ଟ ନୁହେଁ, ଆଇନର ଆକ୍ରୋଶମୂଳକ ଅପବ୍ୟବହାର, ବିଶେଷକରି ବାକ୍ ସ୍ୱାଧୀନତାର କଣ୍ଠରୋଧ ଲାଗି ଏହାକୁ ଆୟୁଧ କରାଯିବା ଉପରେ ରୋକ ଲଗାଇବା ସକାଶେ ଆବଶ୍ୟକ ସୁରକ୍ଷା କବଚର ବ୍ୟବସ୍ଥା ବିଷୟ ଗୁରୁତ୍ୱର ସହ ବିଚାରର ଅପେକ୍ଷା ରଖୁଛି। ଦେୱାନୀ ଆଇନରେ ମଧ୍ୟ ମାନହାନି ମାମଲାର ବିଚାର କରି ଅଭିଯୋଗକାରୀଙ୍କ ପ୍ରତି ନ୍ୟାୟ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅବକାଶ ଥିବାରୁ ଫୌଜଦାରି ମାନହାନି ଆଇନର ସମୀକ୍ଷା କରାଯାଇପାରେ। ବ୍ୟକ୍ତିର ସମ୍ମାନ ଓ ପ୍ରତିଷ୍ଠା ନିଶ୍ଚିତ ଭାବେ ମୂଲ୍ୟବାନ୍। ସେହିପରି ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ବ୍ୟକ୍ତିର ସ୍ୱାଧୀନ ମତ ପ୍ରକାଶ ଅଧିକାର ମଧ୍ୟ ତା' ଠାରୁ କିଛି କମ୍ ମୂଲ୍ୟବାନ୍ ନୁହେଁ। ଉଭୟ ଅଧିକାର ମଧ୍ୟରେ ସୁସ୍ଥ ଭାରସାମ୍ୟ ଏକାନ୍ତ ଅପରିହାର୍ଯ୍ୟ। ତେବେ ପ୍ରଶାନ୍ତ ଭୂଷଣଙ୍କ ଘଟଣାକ୍ରମରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ, ଆଇନ ବ୍ୟବସ୍ଥାରେ ଭାରସାମ୍ୟ ରହୁନାହିଁ। ଆଇନ ଅପବ୍ୟବହାରର ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଭାରସାମ୍ୟ ବିଗିଡ଼ି ଯାଉଛି ଏବଂ ସ୍ଥଳବିଶେଷରେ ଏକପାଖିଆ ହୋଇଯିବା ଆଶଙ୍କା ରହୁଛି। ତେଣୁ ମାନହାନିର ଅପରାଧୀକରଣ ଲାଗି ଅବକାଶ ରହିଥିବା ଆଇପିସିର ୪୯୯ ଏବଂ ୫୦୦ ଦଫାର ସାନି ସମୀକ୍ଷା ଲାଗି ଅନେକ ଆଇନଜୀବୀ ମତ ରଖୁଛନ୍ତି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୧୬୩୫୨୮

# ଗୁରୁ ହିଁ ଶ୍ରେଷ୍ଠ କଳାକାର



**ଡ.ହିମାଂଶୁ ବାରିକ**

ଗୁରୁ ହିଁ ଶ୍ରେଷ୍ଠ କଳାକାର। ନବାକ୍ଷରୀ ଭାଗବତରେ କୁହାଯାଇଛି-

''ମୁହିଁ ବସଇ ଗୁରୁଦେହେ
ମୋ ଠହୁଁ ଗୁରୁ ଭିନ୍ନ ନୁହେଁ।
ଗୁରୁ ଯେ ମଳୟ ପବନ
କାଷ୍ଠକୁ କରନ୍ତି ଚନ୍ଦନ।

ଗୁରୁ ସମାଜର ପଥ ପ୍ରଦର୍ଶକ। ସମାଜର ତମସାକୁ ଦୂର କରି ଆଲୋକ ବର୍ତ୍ତିକା ଆଣିଥାନ୍ତି। ସେଥିପାଇଁ କୁହାଯାଇଛି

'ଗୁରୁ କୃପାଂ ହିଁ କେବଳଂ' ଦରକାର। ଗୁରୁଙ୍କର ଆଶୀର୍ବାଦରୁ ସମାଜରେ ନୂତନ ଦିଗ୍‌ଦର୍ଶନ ସୃଷ୍ଟି ହୋଇଥାଏ। ଭାଗବତରେ କୁହାଯାଇଛି

''ଗୁରୁ ଚରଣେ ଯାହାର ଶ୍ରଦ୍ଧା
ତାକୁ ନ ଲାଗେ ଭବ ବାଧା।''

ସଂସ୍କୃତରେ କୁହାଯାଇଛି-

''ଧ୍ୟାନଂ ମୂଳଂ ଗୁରୁ ମୂର୍ତ୍ତିଃ
ପୂଜା ମୂଳଂ ଗୁରୁପଦଂ
ମନ୍ତ୍ର ମୂଳଂ ଗୁରୁ ବାକ୍ୟଂ
ମୋକ୍ଷ ମୂଳଂ ଗୁରୋକୃପା।''

ଗୁରୁମାନଙ୍କର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଜ୍ଞାନ, କରୁଣା, ସ୍ନେହ, ସଦିଚ୍ଛା, ପ୍ରେମ ମମତାରେ ଛାତ୍ରୀଛାତ୍ରମାନଙ୍କ ମନରେ ନୂତନ ଜ୍ଞାନର ଆଲୋକ ଆବିର୍ଭାବ ହୋଇଥାଏ। ଗୁରୁମାନଙ୍କର ଅନୁସନ୍ଧାନମୂଳକ ଜ୍ଞାନ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚରୁ ଉଚ୍ଚତର ଆଡ଼କୁ ନେଇଯାଇଥାଏ। ଗୁରୁର ଅର୍ଥ ହେଲା ଓଜନ। ଯାହା ପାଖରେ ଓଜନଦାର ରୂପକ ଜ୍ଞାନ ଗରିମା ଧୀଶକ୍ତି ଭରପୂର ହୋଇ ଗୁରୁ ଦାୟିତ୍ୱ ସହ ପାଳନ କରି ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରି ଅଜ୍ଞାନ ରୂପକ ତମସାକୁ ଲୋପ କରି ଆଲୋକ ସଞ୍ଚାତ କରିଥାନ୍ତି।

ଶିକ୍ଷକ ଅର୍ଥ ହେଲା
ଶି- ଶିଷ୍ଟାଚାର
କ୍ଷ- କ୍ଷମାଶୀଳ
କ- କରୁଣା ବା ଉଦାରତା

ଅର୍ଥାତ୍ ଛାତ୍ରୀଛାତ୍ରମାନଙ୍କ ପ୍ରତି ଦୟା, କ୍ଷମା, କରୁଣା ଓ ସଂସ୍କୃତି ସମ୍ପନ୍ନ ହୋଇ ନିଜର ସମସ୍ତ ଜ୍ଞାନ ଗରିମା ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ନିଜର ଜ୍ଞାନର ବଳୟରେ ଆକର୍ଷିତ କରି ନୂତନତ୍ୱ ପ୍ରଦାନ କରିଥାନ୍ତି।

ଭଗବତ୍ ଗୀତାର ତେରତମ ଅଧ୍ୟାୟରେ ଶିକ୍ଷକଙ୍କର ସୁଗୁଣ ସମ୍ବନ୍ଧରେ ଉଲ୍ଲେଖ କରାଯାଇଅଛି। ସେହି ଗୁଣଗୁଡ଼ିକ ହେଲା ଯଥା ଗର୍ବହୀନ ମନ, ଅହିଂସା, ଛଳନାବିହୀନ ମନ, ଦୟାର ସାଗର, ସ୍ପଷ୍ଟବାଦିତା, ସ୍ୱଚ୍ଛମନ, ପବିତ୍ରତା, କରୁଣା, ପରୋପକାର, ଆତ୍ମସଂଜମୀ, କ୍ଷମାଶୀଳ, ପ୍ରଚଣ୍ଡ ଧୀଶକ୍ତି ଆହରଣକାରୀ, ଉତ୍ତମ ଚରିତ୍ର ସମ୍ପନ୍ନ ହେବା ଉଚିତ। ଗୁରୁମାନେ ଏହି ସବୁଗୁଣ ଆହରଣକାରୀ ହୋଇ ନିଜର କର୍ତ୍ତବ୍ୟ ବଳରେ ସର୍ବଦା ଛାତ୍ରୀଛାତ୍ରମାନଙ୍କର ନିକଟତର ହୋଇ ନିଜର ଜୀବନକୁ ଉତ୍ସର୍ଗୀକୃତ କରି ଦେଇଥାନ୍ତି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଖରେ ଏକ ସ୍ୱତନ୍ତ୍ର ଜ୍ଞାନର ସୁଯୋଗ ରହିଛି। ଶିକ୍ଷକମାନେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ଉଚିତ।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର୍‌ଙ୍କ ମତରେ 'ଗୁରୁ ହିଁ ଶ୍ରେଷ୍ଠ କଳାକାର'। ପ୍ରତ୍ୟେକ ଗୁରୁଙ୍କ ପାଖରେ ସଂଗୀତ, ଚିତ୍ରକଳା, ସୁବକ୍ତା, ଆଧ୍ୟାତ୍ମିକତା, ନୈତିକତା, ଛାତ୍ରବତ୍ସଳ ଗୁଣ ରହିବା ଉଚିତ। ଗୁରୁମାତା ଆମ ସମାଜର ଭଲ ସୂଚନା ପ୍ରଦାନକାରୀ, ତଥ୍ୟ ପ୍ରଦାନକାରୀ, ଉତ୍ସାହ ଉନ୍ମାଦନାକାରୀ ଛାତ୍ରୀଛାତ୍ରମାନଙ୍କୁ ଆନନ୍ଦମୟ ଶିକ୍ଷା ଜରିଆରେ ଜ୍ଞାନ ପ୍ରଦାନ କରିଥାନ୍ତି।

ସେଥିପାଇଁ ଡ. ଏସ୍. ରାଧାକ୍ରିଷ୍ଣନ କହିଛନ୍ତି
"True teachers are those who help us think for ourselves."
ସେ ପୁଣି କହିଛନ୍ତି
'ଶିକ୍ଷକମାନେ ହେଉଛନ୍ତି ଦେଶର ସର୍ବଶ୍ରେଷ୍ଠ ମସ୍ତିଷ୍କଧାରୀ।'
ଜଣେ ମହାନ୍ ଶିକ୍ଷାବିତ୍‌ଙ୍କ ମତରେ-

'ଯେଉଁ ଦେଶର ଯେତେ ଉନ୍ନତ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଉନ୍ନତ ରହିଛି ସେ ଦେଶର ଉନ୍ନତି ଅବଶ୍ୟ ସର୍ବୋକୃଷ୍ଟ ଉନ୍ନତ।'

ଶିକ୍ଷକମାନେ ହେଉଛନ୍ତି ଦ୍ୱିତୀୟ ଅଭିଭାବକ।

ଅନେକ ପୁରାଣରେ ଲେଖାଅଛି ଗୁରୁ ହେଉଛନ୍ତି ଦ୍ୱିତୀୟ ପିତାମାତା।

ପ୍ରକୃତ ଶୁଦ୍ଧପୂତ ଆଚରଣ, ଶାନ୍ତ, ମନ, ସରଳ, ଆତ୍ମସଂଜମୀ ସ୍ୱାର୍ଥବିହୀନ ଶୁଦ୍ଧମନ, ସ୍ୱଚ୍ଛମନରେ ନିଜର ଧୀଶକ୍ତି ଛାତ୍ରୀଛାତ୍ରମାନଙ୍କୁ ବିତରଣ କରି ଜ୍ଞାନର ଆଲୋକକୁ ଉଦ୍‌ଭାସିତ କରିଥାନ୍ତି ଗୁରୁ। ଆମ ଗୁରୁମାନଙ୍କର ଆଚରଣ ଜ୍ଞାନ ଗରିମା ଶିକ୍ଷାଦାନ ପଦ୍ଧତି ଏପରି ପବିତ୍ରତା ଓ ଆଦର୍ଶ ହେବା ଉଚିତ, ଯାହା କି ବିଶ୍ୱରେ ଆଦୃତ ହେବା ଉଚିତ।

ପ୍ଲାଟୋଙ୍କ ମତରେ "If you have knowledge like touch passes to others"

ସ୍ୱାମୀ ବିବେକାନନ୍ଦଙ୍କ ପୂଜ୍ୟଗୁରୁ ରାମକୃଷ୍ଣ ପରମହଂସ ମଧ୍ୟ କହିଛନ୍ତି
"As long as I live, so long do I learn"

ପରିଶେଷରେ କୁହାଯାଇପାରେ ''ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତ ଜେନ ଚରାଚରଂ ତସ୍ମୈ ଶ୍ରୀ ଗୁରବେ ନମଃ'।

ଗୁରୁମାନଙ୍କୁ ଭକ୍ତିପୂତ ସମ୍ମାନ ଜଣାଇ ସେମାନଙ୍କର ଗୁରୁ ଦାୟିତ୍ୱ ତଥା କର୍ତ୍ତବ୍ୟ କେତେ ମହାନ୍ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। ସେଥିପାଇଁ କୁହାଯାଇଛି

ଗୁରୁଙ୍କୁ ନ ମଣିବ ନର
ଗୁରୁ ହିଁ ସାକ୍ଷାତ ଈଶ୍ୱର।
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରମବ୍ରହ୍ମ
ତସ୍ମୈ ଶ୍ରୀ ଗୁରବେ ନମଃ

ଅଧ୍ୟକ୍ଷ, ମାକାସେ ବି.ଏଡ୍ ମହାବିଦ୍ୟାଳୟ,
ମୁର୍ଶିଦାବାଦ୍, କଲିକତା, ପଶ୍ଚିମବଙ୍ଗ,
ମୋ-୯୦୬୪୬୬୬୯୧୪

## ଏଇ ଭାରତରେ

କାଠରେ ବିଭିନ୍ନ କଳାକୃତି ତିଆରି କରୁଥିବା ବ୍ୟକ୍ତି କାଠର ସାଇକେଲ ତିଆରି କରିବା କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ପଞ୍ଜାବ ଜିରାକପୁର ନିବାସୀ ଧନୀରାମ ଶଗ୍ଗୁ। ତାଙ୍କୁ ଏବେ ବୟସ ୪୦। ଘରେ ବର୍ଜ୍ୟ ଭାବେ ପଡିଥିବା ପ୍ଲାଏଉଡ୍‌କୁ ଉପଯୋଗ କରି ସେ ସାଇକେଲ ତିଆରି କରିଛନ୍ତି। ଏଥିପାଇଁ ତାଙ୍କୁ ୪ ମାସ ଲାଗିଯାଇଛି। ଏହି ସାଇକେଲକୁ ସେ ୧୫,୦୦୦ ଟଙ୍କାରେ ବିକ୍ରି କରିଛନ୍ତି। ପିଲାବେଳୁ ସେ କାଠ କାମରେ ଦକ୍ଷ ହୋଇଥିବାରୁ ତାଙ୍କୁ ଏଭଳି ସାଇକେଲ ଗଢିବା ସହଜ ହୋଇଥିଲା। ଏହି ସାଇକେଲର ଓଜନ ୨୦ କେ.ଜି. ଓ ଏହା ୧୫୦ କେ.ଜି. ଓଜନର ଜିନିଷ ନେଇପାରୁଛନ୍ତି। ଉକ୍ତ ସାଇକେଲରେ ବ୍ୟବହୃତ କାଠ ଜଳ ପ୍ରତିରୋଧୀ। ଧନୀରାମଙ୍କ ପାଖକୁ କାଠ ସାଇକେଲ ତିଆରି କରିବା ଲାଗି ଆମ ଦେଶ ସମେତ ଦକ୍ଷିଣ ଆଫ୍ରିକା ଓ କାନାଡାରୁ ଏବେ ସୁଦ୍ଧା ସେ ୧୦ ଅର୍ଡର ପାଇସାରିଛନ୍ତି। ସେ ତିନି ସପ୍ତାହରେ ଗୋଟିଏ କାଠ ସାଇକେଲ ନିର୍ମାଣ କରି ପାରୁଛନ୍ତି ବୋଲି କହନ୍ତି ଧନୀରାମ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ସେପ୍ଟେମ୍ବର ୧୯୯୫**

- ମୋହାଜିର ମହିଳାମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗରେ ପାକିସ୍ତାନର ସିନ୍ଧୁପ୍ରଦେଶରେ ହରତାଳ ପାଳନ ବେଳେ ସାନି ହିଂସାକାଣ୍ଡ ଘଟି ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ଫ୍ରାନ୍ସର ଆଣବିକ ପରୀକ୍ଷାକୁ ବିରୋଧ କରି ଏକ ଆଣବିକମୁକ୍ତ ବିଶ୍ୱ ଗଠନ ନିମନ୍ତେ ଅନ୍ତର୍ଜାତୀୟ ସାଂସଦ ମହାସଂଘ ଗଠନ ପାଇଁ ବିଭିନ୍ନ ଦେଶର ସାଂସଦମାନେ ରାଜି ହୋଇଛନ୍ତି।
- ଶ୍ରୀନଗରରେ ୨ଟି କାରବୋମା ବିସ୍ଫୋରଣ ଘଟି ୧୫ ଜଣଙ୍କ ପ୍ରାଣହାନି।

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖିଯାଏ କଣ୍ଠ ମୋର,
ଜଳିଯାଏ ଧୃତି।
(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | | 1 | | | C | 0 | 7 | 6 | | | 9 | 2 |
| | | | | | 4 | | | | | | | | A | 8 |
| 7 | 5 | | | C | | | | A | | | | D | | |
| | | | 0 | | | | | | | 5 | 2 | 1 | B | |
| E | 1 | | | 2 | | | | | | | | | | |
| | | | | B | 1 | | 3 | 8 | A | 2 | | | | 6 |
| | | 7 | | | 0 | A | 1 | | | | 4 | | | |
| | 3 | 9 | | | | | | | | | 7 | | | B |
| | 0 | | A | | 2 | | 5 | | 9 | E | | | | D |
| A | | E | 4 | 3 | | | | | | | 0 | 5 | | |
| 8 | | 2 | | | | | | C | | | | | | 3 |
| | | C | | | | | 0 | | | 1 | | 4 | | |
| | | | | | | | 7 | 3 | | 9 | 5 | 8 | | |
| | | | | | | 9 | | B | C | | 6 | | D | 1 |
| | 9 | | | | A | | | | 4 | D | 8 | 0 | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 2 | B | E | 0 | 6 | 8 | 4 | A | 7 | 5 | 9 | 3 | 1 | C |
| 7 | 0 | 4 | 8 | 1 | 5 | 3 | 9 | 6 | C | D | E | B | A | 2 |
| 3 | 9 | 1 | 7 | 2 | C | D | 5 | 0 | 4 | A | B | E | 6 | 8 |
| C | 8 | 5 | 9 | 4 | A | E | 1 | B | 2 | 3 | 6 | D | 0 | 7 |
| 6 | A | E | B | 3 | D | C | 2 | 7 | 0 | 1 | 8 | 5 | 4 | 9 |
| 5 | 1 | 2 | 0 | 9 | 4 | 7 | 6 | D | B | C | A | 8 | E | 3 |
| A | 6 | 9 | 5 | D | E | B | 3 | 1 | 8 | 4 | 7 | C | 2 | 0 |
| 4 | D | 3 | 2 | B | 1 | A | C | 8 | E | 0 | 5 | 9 | 7 | 6 |
| B | E | C | A | 8 | 7 | 9 | 0 | 2 | 3 | 6 | 1 | 4 | 5 | D |
| 0 | 7 | 8 | C | 6 | 3 | 4 | E | 5 | 9 | 2 | D | 1 | B | A |
| 9 | 4 | D | 1 | A | 8 | 0 | B | C | 5 | 7 | 2 | 6 | 3 | E |
| 1 | C | 6 | 3 | 7 | 0 | 5 | D | E | A | 8 | 4 | 2 | 9 | B |
| 2 | B | 7 | 6 | C | 9 | 1 | A | 4 | D | E | 3 | 0 | 8 | 5 |
| 8 | 5 | 0 | 4 | E | B | 2 | 7 | 3 | 6 | 9 | C | A | D | 1 |
| E | 3 | A | D | 5 | 2 | 6 | 8 | 9 | 1 | B | 0 | 7 | C | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କର୍ମର ଥଳି ଧରି ଆମେ ବୁଲୁଥାଉ

ମହାଶୟ,

ଏବର ଜୀବନ ପାଇଁ ଆମେ ଦାୟୀ। ପୂର୍ବ କର୍ମର ଫଳ ସ୍ୱରୂପ ଆମର ବର୍ତ୍ତମାନ ଆଜି ଦଣ୍ଡାୟମାନ। କର୍ମର ପ୍ରଭାବ ଦେହରେ ବହୁଦିନ ପର୍ଯ୍ୟନ୍ତ ମଧ୍ୟ ସଞ୍ଚିତ ହୋଇଥାଏ। ଆମେ ଅତୀତରେ କି କର୍ମ କରିଥାଉ ତାହା ମନେ ନ ଥାଏ। ଅଥଚ କର୍ମର ଫଳାଫଳ ଭୋଗିଥାଉ। ଜୀବନ ଭୋଗର ଅସଲ ଚାବିକାଠି ହେଉଛି ପ୍ରକୃତିପ୍ରାଣ ହେବା। ଯହିଁରେ ଭରିରହିଛି ଜୀବନର ମହନୀୟ ଗୌରବ। କିନ୍ତୁ ଏବେ ସାଧୁତା କାହିଁ। ମାତ୍ର ଏକ ଅବାସ୍ତବ ସ୍ୱପ୍ନରେ ମଣିଷ ମସଗୁଲ। ହାଇଡ୍‌ଗାରଙ୍କ ମତରେ ଭବିଷ୍ୟତ ହେଉଛି ମୂଳର କାରଣ। ଅତୀତ ବର୍ତ୍ତମାନକୁ ତୁଚ୍ଛ ଓ ପଛ କରି ମଣିଷ ଭବିଷ୍ୟତକୁ ମୁହାଁଇଥାଏ। କର୍ମର ବିଧାନ ସମସ୍ତଙ୍କ ପାଇଁ ଲାଗୁ ହୋଇଥାଏ। ସ୍ୱର୍ଗର ଦେବଦେବୀ, ଅପ୍‌ସରା, ଗନ୍ଧର୍ବ କେହି କର୍ମର ବଳୟରୁ ମୁକ୍ତ ନୁହନ୍ତି ବରଂ ସଂସାର କର୍ମର ଏକ କଏଦୀ ଘର। କର୍ମର ଥଳି ଧରି ଆମେ ଜନ୍ମରୁ ଜନ୍ମ ବୁଲୁଥାଉ। କର୍ମର ଥଳି ବ୍ୟାଙ୍କରେ ଜମାଖାତାର ଆୟବ୍ୟୟଠାରୁ ଅଧିକ କଡ଼ାକଡ଼ି ହିସାବ କରେ। ଏହି ହିସାବନିକାଶ ସ୍ୱୟଂକ୍ରିୟା ରୂପେ ଚାଲିଥାଏ। ଜୀବନର ଚଲାପଥରେ କେତେକ କର୍ମର ଫଳ ଭୋଗ ହେତୁ ତାହା ଥଳିରୁ ଝରିଯାଏ। ଆଉ କେତେକ ନୂତନ କର୍ମ ଭବିଷ୍ୟତ ଜନ୍ମମାନଙ୍କର ଭୋଗ ନିମିତ୍ତ ଥଳିରେ ଭରିଯାଏ। ବିଚିତ୍ର ସେ କର୍ମ ଥଳି। ସୁଖଦୁଃଖର ସକଳ ଘଟଣା, ଆପଣା କର୍ମର ଫଳ ଭୋଗ ମାତ୍ର। ଜୀବନଯାତ୍ରା ବାସ୍ତବରେ ଗୋଟିଏ ପରେ ଗୋଟିଏ ଅସରନ୍ତି ଜୀବନର ଯାତ୍ରା। ଆଜିର କର୍ମଫଳ କେଉଁ ବେଳର। କେଉଁ ଜନ୍ମ କାଳର ବୁଝିବା ବଡ଼ ଦୁରୂହ ବ୍ୟାପାର।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଖିଲାପକାରୀଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟି ରଖିବେ ବ୍ୟାଙ୍କ**

ଖିଲାପକାରୀଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟି ବ୍ୟାଙ୍କ ରଖିବେ। ଏ ସଂକ୍ରାନ୍ତରେ ଅର୍ଥମନ୍ତ୍ରଣାଳୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଛି। ଏହି ତାଲିକା ପ୍ରସ୍ତୁତ କରିବାରେ ଏସ୍‌ବିଆଇ ଆଗରେ ରହିଥିବା ଜଣାପଡିଛି।

# ରିଟେଲ ବିଜ୍‌ନେସକୁ ୧୯ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ,୪।୯



କରୋନା ଯୋଗୁ ଘରୋଇ ବଜାର ପ୍ରଭାବିତ ହୋଇ ରହିଛି। କାରବାର ଟ୍ରାକ୍‌କୁ ବର୍ତ୍ତମାନ ସୁଦ୍ଧା ଫେରିପାରିନାହିଁ। କୋଭିଡ୍ ଯୋଗୁ ଦେଶର ରିଟେଲ ବାଣିଜ୍ୟକୁ ଗଭୀର କ୍ଷତି ସହିବାକୁ ପଡିଛି। ରିଟେଲ ବ୍ୟବସାୟୀ ଗତ ୫ ମାସରେ ୧୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିଥିବା କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ସୂଚନା ଦିଆଯାଇଛି। ଲକ୍‌ଡାଉନ ଖୋଲିବାର ୩ ମାସ ପରେ ମଧ୍ୟ ଖୁଚୁରା ବ୍ୟବସାୟୀମାନେ ବିତ୍ତୀୟ ସଙ୍କଟ ସାମ୍ନା କରୁଛନ୍ତି। ବିତ୍ତୀୟ ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ସେମାନଙ୍କୁ କଷ୍ଟ କରିବାକୁ ପଡୁଛି। ଖୁଚୁରା ବ୍ୟବସାୟୀଙ୍କ କ୍ଷେତ୍ରରେ ନଗଦ ସଙ୍କଟ ବର୍ତ୍ତମାନ ଜାରି ରହିଛି। ଅନେକ ବ୍ୟବସାୟୀ ସେମାନଙ୍କ କାରବାର ବନ୍ଦ କରିବା ସ୍ଥିତିକୁ ଚାଲି ଆସିଲେଣି। ଦେଶର ୨୦ ଶହରକୁ ନେଇ ସିଏଆଇଟି ଏଭଳି ଡାଟା ପ୍ରକାଶ କରିଛି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ହାଇଦ୍ରାବାଦ, ଚେନ୍ନାଇ, ନାଗପୁର, ରାୟପୁର, ଭୁବନେଶ୍ୱର, ରାଞ୍ଚି, ଭୋପାଳ, ସୁରତ, ଲକ୍ଷ୍ନୌ,କାନପୁର, ଜମ୍ମୁ, କୋଚିନ, ପାଟନା, ଲୁଧିଆନା, ଚଣ୍ଡିଗଡ ଏବଂ ଅହମ୍ମଦାବାଦ ଏଥିରେ ସାମିଲ ରହିଛି।

ଏହି ସହରଗୁଡିକରୁ ମିଳିଥିବା ଡାଟାକୁ ତର୍ଜମା କରିବା ପରେ ଜଣାପଡିଛି ଯେ, ବ୍ୟବସାୟୀ କାରବାର ସମ୍ଭାଳିବା ଲାଗି ସକ୍ଷମ ହୋଇ ପାରିନାହାନ୍ତି। ସିଏଆଇଟି ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି ଭାରତୀୟା ଏବଂ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ଘରୋଇ ବଜାରରେ ରିଟେଲ କାରବାର ସବୁଠାରୁ ଖରାପ ସ୍ଥିତି ଦେଇ ଗତି କରୁଛି। ଏହି କ୍ଷେତ୍ରକୁ ଚାରିଆଡୁ ମାଡ ହୋଇଛି। ଯଦି ଏହି ସ୍ଥିତିକୁ ଠିକ୍ କରିବା ଲାଗି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଦେଶର ୨୦% ଖୁଚୁରା ବ୍ୟବସାୟୀ କାରବାର ବନ୍ଦ କରିବାକୁ ବାଧ୍ୟ ହେବେ। ଏଥି ଯୋଗୁ ବେରୋଜଗାରୀ ଆହୁରି ବଢିଯିବାର ଆଶଙ୍କା ଉପୁଜିଛି। ଦେଶ ମଧ୍ୟରେ ଏପ୍ରିଲରେ ପ୍ରାୟ ୫ ଲକ୍ଷ କୋଟି କ୍ଷତି ସହିବାକୁ ପଡିଥିବା ବେଳେ ମେ ମାସରେ ସାଢେ ଚାରି ଲକ୍ଷ କୋଟି, ଜୁନରେ ୪ ଲକ୍ଷ କୋଟି, ଜୁଲାଇରେ ୩ ଲକ୍ଷ କୋଟି ଏବଂ ଅଗଷ୍ଟରେ ୨.୫ ଲକ୍ଷ କୋଟି ଟଙ୍କା କ୍ଷତି ରହିଛି।

■ ସ୍ଥିତି ବିଗିଡିଲେ ୨୦% କାରବାର ବନ୍ଦ ହୋଇଯିବ

■ ସରକାରଙ୍କ ସହାୟତା ଲୋଡିଲା ସିଏଆଇଟି

ଲୋକଙ୍କ ମନରେ କରୋନା ଭୟ ରହୁଥିବାରୁ ବଜାର ଖୋଲା ରହିଲେ ମଧ୍ୟ ଗ୍ରାହକ ଆସିବାକୁ ଡରୁଛନ୍ତି। ସେହିଭଳି ଆନ୍ତରାଜ୍ୟ ପରିବହନ କ୍ଷେତ୍ରର ପ୍ରଭାବ ବଜାର ଉପରେ ପଡିଛି। ନୂଆଦିଲ୍ଲୀକୁ ପ୍ରତିଦିନ ଅନ୍ୟ ରାଜ୍ୟରୁ ପ୍ରାୟ ୫ ଲକ୍ଷ ବ୍ୟବସାୟୀ ପ୍ରତିଦିନ ଆସିଥାନ୍ତି। ହେଲେ ବିଭିନ୍ନ ସମସ୍ୟା ଯୋଗୁ କାରବାର ସେହି ଭଳି ଆଉ ହେଉନି। ରିଟେଲ ବ୍ୟବସାୟୀଙ୍କ ସମସ୍ୟାକୁ ସରକାର ବିଚାର କରି ଏହାର ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଦେଶର ୨୦% ଦୋକାନ ବନ୍ଦ ହୋଇଗଲେ ଏହା ଅର୍ଥ ବ୍ୟବସ୍ଥା ଉପରେ ସାଂଘାତିକ ଭାବେ ପଡିବ ବୋଲି ସଂଘ ଆଶଙ୍କା ପ୍ରକଟ କରିଛି। ସମସ୍ୟା ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଋଣ ପଇଠ କ୍ଷେତ୍ରରେ କୌଣସି ଚାପ ପ୍ରୟୋଗ ନ କରିବା ସୁଧ ରିହାତି ଭଳି ଅନ୍ୟ ସୁବିଧା ଦେବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି।

# ୮% ଟପିପାରେ ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୪।୯

ଦେଶର ବିତ୍ତୀୟ ନିଅଣ୍ଟ ଚଳିତ ଆର୍ଥିକ ବର୍ଷରେ ୮% ଟପିପାରେ। କୋଟାକ୍ ଇନଷ୍ଟିଚ୍ୟୁଶନାଲ ସିକ୍ୟୁରିଟି ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ ଏ ନେଇ ଆଶଙ୍କା ପ୍ରକଟ କରାଯାଇଛି। ସରକାରଙ୍କ ଆୟ ଏବଂ ବ୍ୟୟ ମଧ୍ୟରେ ରହୁଥିବା ପାର୍ଥକ୍ୟକୁ ସାଧାରଣତଃ ବିତ୍ତୀୟ ନିଅଣ୍ଟ ବୋଲି ବିବେଚନା କରାଯାଇଥାଏ। କରେନା ମହାମାରୀ ଯୋଗୁ ଦେଶର ଟିକସ ସଂଗ୍ରହ କ୍ଷତିଗ୍ରସ୍ତ ହୋଇ ରହିଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ ନିକଟରେ କହିଥିଲେ। ଏଥିଯୋଗୁ ଚଳିତ ଆର୍ଥିକ ବର୍ଷ ଏପ୍ରିଲ ଜୁଲାଇ ସମୟ ମଧ୍ୟରେ ଦେଶର ସାରା ବର୍ଷ ଲାଗି ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟ ଟପି ୧୦୩% ସ୍ତରରେ ରହିଛି। ଅର୍ଥାତ ସାରା ବର୍ଷ ଯେତେ ପରିମାଣର ବିତ୍ତୀୟ ନିୟଣ୍ଟ ସ୍ତର ରହିଥାନ୍ତା ତାହା ମାତ୍ର ୪ ମାସରେ ହୋଇଛି। ସରକାରଙ୍କୁ ବର୍ତ୍ତମାନ ସମୟରେ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏଭଳି ସ୍ଥିତି ଉପୁଜିଛି।

ଏହି ବ୍ରୋକ୍‌ରେଜ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଯଦି ସରକାର ତାଙ୍କ ଖର୍ଚ୍ଚରେ ପ୍ରାୟ ୧.୭ ଲକ୍ଷ କୋଟି ଟଙ୍କା ହ୍ରାସ ନ କରନ୍ତି ତେବେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୮ରୁ୯% ଟପିପାରେ। ଏହି ସମୟ ମଧ୍ୟରେ ପ୍ରତି ମାସରେ ୧.୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟର ଆବଶ୍ୟକତା ରହିଛି। ଚଳିତ ଆର୍ଥିକ ବର୍ଷର ୫ ମାସରେ ୩.୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ସାରା ବର୍ଷ ୧୩.୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସରକାର କେତେ ସକ୍ଷମ ହେବେ ତାହା ଦେଖିବାକୁ ବାକି ରହିଲା। ବର୍ତ୍ତମାନ ସ୍ଥିତିରେ ଏହା ଅସମ୍ଭବ ପରି ଲାଗୁଛି। ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କୁ ୧ରୁ ୫.୨ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କମିପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏଫ୍‌ଆର୍‌ବିଏମ୍ ଆଇନରେ କିଛିଟା କୋହଳ ପଦକ୍ଷେପ ସହ ସରକାର ବିତ୍ତୀୟ ନିଅଣ୍ଟ ସୀମାକୁ ବଢାଇଛନ୍ତି। ସେହିଭଳି ଋଣ କରିବା ସୀମାକୁ କେନ୍ଦ୍ର ସରକାର ୫୦% ବଢାଇଛନ୍ତି।

# ୨୫ ହଜାର କୋଟିର ପୁଞ୍ଜି ଉଠାଇବ ଭୋଡା-ଆଇଡିଆ

ନୂଆଦିଲ୍ଲୀ,୪।୯

ଋଣ ଭାରରେ ଫସି ରହିଥିବା ଟେଲିକମ କମ୍ପାନୀ ଭୋଡାଫୋନ-ଆଇଡିଆ ବଜାରରୁ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ଉଠାଇବ। କମ୍ପାନୀର ବୋର୍ଡ ଏହି ପ୍ରସ୍ତାବକୁ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ରେଗୁଲେଟୋରୀ ଫାଇଲିଂରେ କମ୍ପାନୀ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇଥିବା ଜଣାପଡିଛି। ଇକ୍ୱିଟି ଏବଂ ଡେଟ୍ ସୂତ୍ରରୁ ଏହି ପାଣ୍ଠି ଉଠାଣ କରାଯିବ। ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ଦେୟ ପ୍ରଦାନ ସମ୍ପର୍କିତ ମାମଲା ଉପରେ ଟେଲିକମ କମ୍ପାନୀଗୁଡିକୁ ସୁପ୍ରିମକୋର୍ଟ ନିକଟରେ ଆଶ୍ୱସ୍ତି ଦେଇଛନ୍ତି। ଦେୟ ପ୍ରଦାନ ଲାଗି କମ୍ପାନୀଗୁଡିକୁ ୧୦ ବର୍ଷର ସମୟ ସୀମା ପ୍ରଦାନ କରାଯାଇଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ଏହାର ପ୍ରଥମ କିସ୍ତି ବାବଦକୁ ୧୦% ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ରହିଛି। ଆଗାମୀ ୧୦ ବର୍ଷ ସମୟ ମଧ୍ୟରେ ଭୋଡାଫୋନ ସରକାରଙ୍କୁ ୫୦ ହଜାର କୋଟି ଟଙ୍କା ପ୍ରଦାନ କରିବ।

# ହ୍ୟୁଣ୍ଡାଇ ପକ୍ଷରୁ ସ୍ପେଶାଲ କ୍ୟାମ୍ପ

ନୂଆଦିଲ୍ଲୀ,୪।୯

ଗୁରୁଦିବସ ଅବସରରେ ହ୍ୟୁଣ୍ଡାଇ ପକ୍ଷରୁ ସ୍ପେଶାଲ କ୍ୟାମ୍ପର ଆୟୋଜନ କରାଯାଉଛି। ଏହା ଚଳିତ ମାସ ୫ରୁ ୨୦ ତାରିଖ ଯାଏ ଚାଲିବ। ଏହାକୁ ଶିକ୍ଷକ ଦିବସ କ୍ୟାମ୍ପ ଭାବେ ପାଳନ କରାଯାଉଥିବାରୁ ଶିକ୍ଷକଙ୍କୁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ ହେବ। ମେକାନିକାଲ ଲେବର ଏବଂ ଭାଲ୍ୟୁ ଆଡେଡ ସର୍ଭିସ କ୍ଷେତ୍ରରେ କମ୍ପାନୀ ବିଭିନ୍ନ ରିହାତି ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ହ୍ୟୁଣ୍ଡାଇ ଶିକ୍ଷକଙ୍କ ଉଲ୍ଲେଖନୀୟ ଯୋଗଦାନକୁ ସାଲ୍ୟୁଟ କରୁଥିବା କହିଛି। କମ୍ପାନୀ ଏଥିଲାଗି 'ଥ୍ୟାଙ୍କ ୟୁ ଟିଚର୍ସ' ଟ୍ୟାଗଲାଇନ ରଖିଛି। ମେକାନିକାଲ ଲେବର କ୍ଷେତ୍ରରେ ୨୦% ରିହାତି, ଏକ୍ସଟେରିୟର ବିୟୁଟିଫିକେଶନ ଏବଂ ଅଣ୍ଡରବଡି କୋଟିଂ ୧୫% ରିହାତି ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଯାନ ଉପରେ କମିପାରେ ଜିଏସ୍‌ଟି

ନୂଆଦିଲ୍ଲୀ,୪।୯ : ଦେଶର ଅଟୋମୋବାଇଲ ଶିଳ୍ପ ଲାଗି ଶୀଘ୍ର ଖୁସି ଖବର ଆସିପାରେ। ଯାନ ଉପରେ ଲାଗୁ ହେଉଥିବା ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହ୍ରାସ ହେବାର ସମ୍ଭାବନା ରହିଛି। ଏ ନେଇ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ସେହିଭଳି ସରକାର ସ୍କ୍ରାପେଜ୍ ପଲିସି ଆଣିବାକୁ ଯୋଜନା ରଖିଛନ୍ତି। ଏହାକୁ ଶୀଘ୍ର ଅଂଶୀଦାରଙ୍କ ମତାମତ ଲାଗି ପ୍ରଦାନ କରାଯିବ। ଏହି ନୀତି ସମ୍ପର୍କରେ ଶୀଘ୍ର ଘୋଷଣା କରାଯିବ ବୋଲି ଜାଭଡେକର କହିଛନ୍ତି। ଯାନ ଉପରେ ଜିଏସ୍‌ଟି ହ୍ରାସ ପ୍ରସଙ୍ଗ ଉପରେ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟ ସହ ଆଲୋଚନା ଜାରି ରହିଛି। ଏହା ଚୂଡାନ୍ତ ହେଲେ ଘୋଷଣା କରାଯିବ। ଏ କ୍ଷେତ୍ରରେ ଶୀଘ୍ର ଖୁସି ଖବର ଆସିବାର ସମ୍ଭାବନା ରହିଥିବା ସେ ମତ ପ୍ରକାଶ କରିଛନ୍ତି।

---

**इंस्टीट्यूट ऑफ बैंकिंग पर्सोनेल सिलेक्शन**
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)

**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)

IBPS प्रज्ञाविमावनम्
असेसमेंट में, हम पर भरोसा रखता है भारत — In assessment, India trusts us

ୱେବ୍‌ସାଇଟ୍: www.ibps.in | ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଲର୍କସ୍-X ୨୦୨୧-୨୨ ର ଖାଲି ପଦବୀ ନିମନ୍ତେ)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଡିସେମ୍ବର ୨୦୨୦ ଓ ଜାନୁଆରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି।

କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୨।୦୯।୨୦୨୦ରୁ ୨୩।୦୯।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୨।୦୯।୨୦୨୦ରୁ ୨୩।୦୯।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ୧୭।୧୧।୨୦୨୦ ପରଠାରୁ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ୨୩।୧୧।୨୦୨୦ରୁ ୨୮।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ୧୮।୧୧।୨୦୨୦ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | ୦୫।୧୨।୨୦୨୦, ୧୨।୧୨।୨୦୨୦ ଓ ୧୩।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା–ପ୍ରିଲିମିନାରିର ପରୀକ୍ଷାଫଳ | ୩୧।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ୧୨।୦୧।୨୦୨୧ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | ୨୪।୦୧।୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ୦୧।୦୪।୨୦୨୧ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୨।୦୯।୨୦୨୦ — ନିର୍ଦ୍ଦେଶକ

---

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1

**NOTICE**
**No.4392/PSC, Dt.1.9.20**

No.D-49:- It is for information of all concerned that, as per the provisions laid down at para-6 of the advertisement No.18 of 2019-20, the Commission have shortlisted the eligible candidates for certificate/document verification for recruitment to the post of lecturer in the discipline of **Anthropology** in Group-A of Odisha Education Service (College Branch), Pursuant to Advt. No.18 of 2019-20.

Hence, the candidates are advised to visit the website of the Commission at http://opsc.gov.in for detail information.

OIPR-12002/11/0026/2021 — **Sd./- Secretary**

---

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/LAB/2020/054**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work and details given below:

**NIT No.: HWP/TAL/LAB/2020/054**, **Name of the Work** : "UP-KEEPING AND MOVEMENT OF EQUIPMENT AND MATERIALS IN CHEMICAL LABORATORY". **Estimated Cost** : Rs.8,42,225.00. **Earnest Money** : Rs.16,845.00. **Period of Completion : 12** (TWELVE) Months. **Last Date and Time of Submission of Bid:** 22.09.2020 (14:30 Hrs.). The bid forms and other details can be obtained from the website **www.tenderwizard.com/DAE**.

---

**OFFICE OF THE REGULATED MARKET COMMITTEE, SAKHIGOPAL**
At-Sakhigopal, P.O.-Sakhigopal, Via- Sakhigopal
Dist.: Puri (Odisha), PIN-752014
Tender Call Notice No.399/RMC dated: 02.09.2020
Bid Identification No.01/RMC-Sakhigopal/2020-21

**e-procurement notice IFB (Invitation for bids)**

| Sl.No. | Item | Details |
|---|---|---|
| 1 | The Sub-Collector Puri-cum-Chairman, RMC, Sakhigopal invites percentage rate bids in Double/Single cover system in ONLINE MODE only for work as detailed below: | |
| 2 | Nature of the work | Construction of New Shreekhetra Krushak Bazar at Samanga, Puri, under RMC Sakhigopal (PHASE-2) |
| 3 | No. of work | 01 No. |
| 4 | Bid cost | Rs.10000 online transfer |
| 5 | Value of tender | Rs.385.61 lakhs |
| 6 | Class of contractor | 'A' & 'SPECIAL' Class |
| 7 | Availability of bid documents in the website | Dt.05.09.2020 to 25.09.2020 |
| 8 | Last date/time of receipt of bids in the portal | Dt.25.09.2020 upto 5.00 P.M. |
| 9 | Date of opening of bid | Dt.28.09.2020 at 11.00 A.M.(OSAM Board) |
| 10 | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in Any addendum/corrigendum/cancellation of the tender etc. can also be seen in the website:https://tendersorissa.gov.in | |

Sd./- Sub-Collector, Puri-cum-Chairman
RMC, Sakhigopal

---

**UTKAL UNIVERSITY**
(ACCREDITED A+ by NAAC)
VANI VIHAR, BHUBANESWAR - 751004, ODISHA, INDIA

**NOTIFICATION**

No.CPG/Aca/11/3619/2020 — Dated : 04.09.2020

**ENTRANCE TEST & ADMISSION NOTIFICATION, 2020-21**

Utkal University, the mother University of the State invites online applications for admission into Sponsored Courses for the session 2020-21. Students awaiting Final Degree results can also apply for the **Entrance Tests** of Sponsored Courses.

**SPONSORED COURSES**

| | |
|---|---|
| ■ 5 Year Integrated MBA | ■ P.G. Diploma in Remote Sensing and GIS |
| ■ Lateral entry in to IMBA | |
| ■ 5 Year Integrated MCA | ■ Certificate Course in Sanskrit |
| ■ 2 Year Executive MBA | |
| ■ M.Tech. Computer Science | ■ B.Ed. |
| ■ M.Tech.(Computer Science & Engineering) | ■ M.Ed. |

**COURSES AT 2ND CAMPUS, CHANDIKHOLE**
- B.Sc. Nursing

**IMPORTANT DATES FOR SPONSORED COURSES**
- Availability of online Application Form - **05.09.2020**
- Last date of Online submission - **20.09.2020**
- Download of Admit Cards shall be during **23.09.2020 to 30.09.2020**
- Entrance Test for different courses - **05.10.2020 to 08.10.2020**
- Submission of the hard copy of final online applications along with relevant documents- to be submitted on the date of their Entrance Tests at their respective Departments
- See the website for details on date, time and venue (to be uploaded)

**HOW TO APPLY**

Visit Utkal University website at **www.utkaluniversity.nic.in** for procedure of E-admission 2020-21, Guidelines for Application and deposit of Fees, Information Bulletin, Date, Time and Venue of Entrance Tests before filling up of the Forms.

In case of any query write to - **admission@utkaluniversity.nic.in**

Admission for all categories of students into different courses are mentioned details in the Information Bulletin.

**NB: No admission shall be given to a candidate for any of the above Courses for the second time.**

CHAIRMAN, P.G. COUNCIL

---

**ପୂର୍ବ ତଟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ**

ଫାଇଲ୍ ନଂ.DRM/Engg/KUR/20-21/E-Tender/24,ତା.31.08.2020ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-160-2020,ତା.20.08.2020ରିଖ
**ବିବରଣୀ :** 40,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି ସୁର୍ଲା ରୋଡ୍ ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 518 ଲକ୍ଷ, EMD : 4,09,000/- ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENT-KUR-161-2020,ତା.20.08.2020ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱରର ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ୍, ERCs ଗ୍ରୀସିଙ୍ଗ୍ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ୍ ତଥା ଅନ୍ୟ ବିବିଧ କାର୍ଯ୍ୟ ସମୂହ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 120.14 ଲକ୍ଷ, EMD : 2,10,100/- ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENT-KUR-162-2020,ତା.24.08.2020ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱରର ପରିସୀମା ଅଧୀନରେ ବାରଙ୍ଗ-ରାଜଆଠଗଡ଼ ସେକ୍ସନ ମଧ୍ୟରେ ଡାଉନ ଲାଇନରେ ପୋଲ ନଂ.20, 22, 32, 19, 13 ଏବଂ 18 ତଥା ବାରଙ୍ଗ-ଭୁବନେଶ୍ୱର ମଧ୍ୟରେ ପୋଲ ନଂ.567(Dn) ରେ ସମସ୍ତ ଫିକ୍ସର ଏବଂ ଫାଷ୍ଟେନିଙ୍ଗ୍ ସହିତ "H" ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 2070 ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 460.76 ଲକ୍ଷ, EMD : 3,80,400/- ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CENT-KUR-163-2020,ତା.24.08.2020ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱରର ପରିସୀମା ଅଧୀନରେ ବାରଙ୍ଗ-ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ବ୍ରିଜ୍ ଗୁଡ଼ିକରେ ଡାଉନ୍ ଏବଂ ମଧ୍ୟବର୍ତ୍ତୀ ଲାଇନ୍‌ରେ କି.ମି. 437.00 ଠାରୁ କି.ମି.450.20 ପର୍ଯ୍ୟନ୍ତ 13.20 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମାପନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 311.67 ଲକ୍ଷ, EMD : 3,05,800/- ।

(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-EAST-KUR-164-2020,ତା.20.08.2020ରିଖ
**ବିବରଣୀ :** ରାହାମା ଏବଂ ବଡ଼ବନ୍ଧ ଷ୍ଟେସନ ଠାରେ ପ୍ରବେଶ ପଥର ଉନ୍ନୟନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 72.67 ଲକ୍ଷ, EMD : 1,45,300/- ।

ଶେଷ ହେବା ଅବଧି : 12 ମାସ (କ୍ର. ସଂ. 1 ଠାରୁ 4 ନିମନ୍ତେ) ଏବଂ 08 ମାସ (କ୍ର. ସଂ. 5 ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.09.2020 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ http://www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-237/L/20-21

---

**RAVENSHAW UNIVERSITY**
(A State University, NAAC Accreditation: 'A' Grade)
CUTTACK- 753003, ODISHA

CAD-448

**U.G. (+3) ADMISSION ANNOUNCEMENT 2020-21**

Online Applications are invited for admission into the following **Under Graduate** Programmes for the session 2020-21: Arts, Commerce, Science, Information Technology and Management (ITM), Information Science and Telecommunication (IST), Data Science Management (DSM), Computer Science, Bachelor in Business Administration (BBA), Integrated B.A. B.Ed. and Integrated B.Sc. B.Ed.

**Candidates are advised to visit our website 'www.ravenshawuniversity.ac.in' and click on the link 'ADMISSION-2020' for the admission procedure and online application form.**

Date of availability of online application form-05.09.2020

Last date of online submission of application-20.09.2020

Please visit the university website from time to time for admission updates.

***No.2241 / Dt-03.09.2020*** — OIPR-11008/11/0004/2021 — **Registrar**

---

Government of Odisha
**Office of the Executive Engineer**
**Rural Works Division, Nabarangpur**
e-mail: eerwngp@rediffmail.com, Phone No.222023

Letter No.2779 — Date: 01.09.20

**e-Procurment Notice**

No.O-307:- Name of the work: Road works. Total No. of works: 04 (Four) Nos. Approx. estimated cost : Rs.182.09 lakhs to Rs.238.59 lakhs. Class of contractor : 'A' 'B' class of contractor. Period of completion : 06 (Six) calendar months.

| Procurement Officer | Bid Identification No. | No. of works | Availability of tender online for bidding | | Date & time of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-02/2020-21 | 04(Four) Nos. | 11.09.2020 at 10.00 A.M. | 28.09.2020 upto 03.00 P.M. | 30.09.2020 at 11.00 A.M. |

For details can be seen from the Government website www.tendersorissa.gov.in

Sd./- Executive Engineer, Rural Works Division, Nabarangpur
OIPR-25092/11/0002/2021

---

**BUREAU OF INDIAN STANDARDS**
Department of Consumer Affairs
Ministry of Consumer Affairs, Food & Public Distribution, Govt. of India
Manak Bhawan, 9 Bahadur Shah Zafar Marg, New Delhi - 110002

**INDICATIVE ADVERTISEMENT NO. 2/2020/ESTT**

Bureau of Indian Standards (BIS), the statutory body under the Ministry of Consumer Affairs, Food and Public Distribution (Department of Consumer Affairs), Govt. of India and responsible for activities in the field of Standardization Product and System Certification, Hallmaking of Gold/Silver Jewellery, Laboratory Testing, etc. in the country, INVITES Online applications from the ELIGIBLE individuals for filling up of vacancies in the following posts by DIRECT RECRUITMENT at BIS Headquarters, New Delhi and its offices located in the country, as per the details given below:

| Sl. No. | Name of the Post & Level in Pay Matrix | Max. age Limit | No. of Vacancies | UR | EWS | SC | ST | OBC | Horizontal Vacancies PwD | Horizontal Vacancies EXSM |
|---|---|---|---|---|---|---|---|---|---|---|
| | **GROUP-A** | | | | | | | | | |
| 1 | Assistant Director (Administration & Finance) [01 - Legal & 01 - Finance] Level - 10 (Rs.56100 - 177500) | 35 Years | 02 | 02 | - | - | - | - | - | - |
| 2 | Assistant Director (Marketing & Consumer Affairs) Level - 10 (Rs.56100 - 177500) | 35 Years | 01 | 01 | - | - | - | - | - | - |
| 3 | Assistant Director (Library) Level - 10 (Rs.56100 - 177500) | 35 Years | 01 | 01 | - | - | - | - | - | - |
| | **GROUP - B** | | | | | | | | | |
| 4 | Assistant Section Officer Level - 6 (Rs.35400 - 112400) | 30 Years | 17 | 08 | 01 | 02 | 01 | 05 | 01 (HI) | |
| 5 | Personal Assistant Level - 6 (Rs.35400 - 112400) | 30 Years | 16 | 08 | 01 | 02 | 01 | 04 | 01 (VI) | |
| 6 | Junior Translator (Hindi) Level-6 (Rs.35400 - 112400) | 27 Years | 01 | - | 01 | - | - | - | - | - |
| | **GROUP - C** | | | | | | | | | |
| 7 | Library Assistant Level - 5 (Rs.29200 - 92300) | 27 Years | 01 | 01 | - | - | - | - | - | - |
| 8 | Stenographer Level - 4 (25500 - 81100) | 27 Years | 17 | 08 | 03 | 01 | 02 | 03 | 01 (VI) | 01 |
| 9 | Senior Secretariat Assistant Level - 4 (25500 - 81100) | 27 Years | 79 | 35 | 07 | 11 | 05 | 21 | 02 (VI), 01 (ID & MI/MD) | 07 |
| 10 | Junior Secretariat Assistant Level - 2 (Rs.19900 - 63200) | 27 Years | 36 | 17 | 03 | 05 | 01 | 10 | 01 (VI) | 03 |

**How to apply:** For further details/information regarding qualification, experience, general instructions etc. kindly visit BIS website **www.bis.gov.in** under the heading **'our services (career opportunity)'** for detailed advertisement.
**Candidate may apply through online mode from 05 September 2020 [9 A.M.] to 26 September 2020 [6 P.M.]**
Number of vacancies may increase or decrease for filling up, as per requirement of the organization.

**(Sandeep Meena), Director (Establishment)**
davp 08103/11/0002/2021

---

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam 1747/2020/S.J.S.V., Puri** — **Date: 4.9.2020**

It is for the information of all concerned that filling up of forms for the Upashastri Instant Examination, 2020 shall be conducted as per the programme given below.

| | | |
|---|---|---|
| 1. | Availability forms in University website: **www.sjsv.nic.in** | 07.09.2020 onwards |
| 2. | Filling up of Forms & Preparation of Bank Drafts | 07.09.2020 to 09.09.2020 |
| 3. | Uploading of scanned copy of the list provided by the Unviersity duly mark tick (✓), Alphabetical List, Subject Statement and Bank Draft by the College in the University E-mail ID: **sjsvexam@gmail.com** | 07.09.2020 to 10.09.2020 |
| 4. | Last date for receipt of hard copies of filled up application form by the Controller of Examinations, S.J.S.V., Puri, by Registered Post/Speed Post | 15.09.2020 |
| 5. | Date of Examination | 21.09.2020 |
| 6. | Time of Examination | 10 A.M. to 1.00 P.M. |

Uploading of scanned copy of the list provided by the University duly mark tick (✓), Alphabetical list, subject statement and Bank Draft by the College in the University E-mail ID: **sjsvexam@gmail.com** is mandatory. Those regular candidates (Registration Batch 2018) who have secured 35% of marks or above in aggregate (i.e. 245 marks or above out of 700) in the Annual Upashastri Examination, 2020 but have got failed in one subject shall be eligible to appear the instant examination in the failed subject only. The list of candidates eligible to appear the Instant Examination, 2020 in Upashastri is available in the University website: **www.sjsv.nic.in**. All the Pricnicpals/H.O.I.s are requested to download the same from the University website by 09.09.2020. Candidates desirous of appearing the examination may fill up the forms and deposit the requisite fees in the Colleges as per the programme given above.

The list of Examination centres for the instant examination shall be notified in the University website: **www.sjsv.nic.in** on 16.09.2020.

By Order of the Vice-Chancellor
**Sd./- Controller of Examinations**

---

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**R.W.S.&S. DIVISION, KORAPUT**
e-mail-eerwss_kpt@rediffmail.com, Ph. No. (Off) 06852-250281, (Res) 06852-250680, Fax. No. 06852-251098

**National Competitive Bidding Through E-Procurement**
**Tender Identification No.4/EE/ RWSS / KPT /2020-21/ Dt.25.8.2020**

No.O-299:- The Executive Engineer,RWS&S.Division Koraput on behalf of the Governor of Odisha invites Percentage Rate Bids in Single cover (P1contract) from the eligible class of experienced registered contractors through e- Tendering system for the Piped water supply works as detailed in DTCN.The bid should be submitted on-line in the website www.tendersorissa.gov.in separately for the works.

| | | |
|---|---|---|
| 1. | Nature of Work | Rural Piped Water Supply Work (Civil) |
| 2. | Estimated Cost. | Varies from 6.71 lakhs to 13.06 lakhs |
| 3. | No of works | 6 Nos. |
| 4. | Tender cost | Rs.4000/- to 6000/- |
| 5. | Class of contractor | "D" & "C |
| 6. | Availability of Bid document in the website | Dt. 11.9.2020, 17 hours to 19.9.2020, 17 hours |
| 7. | Date of Seeking clarification | During the Office hours of 11.9.2020 to 18.9.2020 |
| 8. | Date of Opening of bid | Dt 22.9.2020 at.11 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Executive Engineer, R.W.S&S. Division, Koraput**
OIPR-25034/11/0003/2021


See Career Appointment on every Wednesday & Saturday

**ନାଳରୁ ମୃତଦେହ ଉଦ୍ଧାର**

ବଡ଼ବିଲ, (ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଦାମୁହଟିଂ ନିକଟ ଚମ୍ପୁଆନାଳରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦାମୁହଟିଂ ଅଞ୍ଚଳର ଲୋକନାଥ ସର୍ଦ୍ଦାର। ମୃତକ ଲୋକନାଥ ଜ୍ରୁରୁଡ଼ିସ୍ଥିତ ଏକ ଘରୋଇ କମ୍ପାନୀରେ ରୋଷେୟା ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ସନ୍ଧ୍ୟାରେ ଦାମୁହଟିଂସ୍ଥିତ ବାସଭବନକୁ ଆସିଥିଲେ। ସନ୍ଧ୍ୟାରେ ଲୋକନାଥ ଘରୁ ବାହାରକୁ ଯାଇଥିଲେ ହେଁ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ଦାମୁ ହଟିଂ ନିକଟସ୍ଥ ଚମ୍ପୁଆନାଳର ଏକ ପଥରରେ ଲୋକନାଥଙ୍କ ମୃତଦେହ ଲାଖି ରହିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା।



## ସଂକ୍ଷେପରେ

### ମା’,ପୁଅଙ୍କ ମୃତଦେହ ଉଦ୍ଧାର

**ଉମରକୋଟ,୪।୯(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ମୂର୍ତ୍ତୁମା ଗ୍ରାମରେ ଗୋଟିଏ ପରିବାରର ମା’ଓ ପୁଅଙ୍କ ମୃତଦେହ ଠାବ କରଯାଇଛି। ମହିଳାଙ୍କ ବାପଘର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଉମରକୋଟ ଥାନାରେ ଅଭିଯୋଗ ହୋଇଛି। ଗତ ରାତିରେ ପରିବାରର ସମସ୍ତେ ଖାଇସାରି ଶୋଇଥିଲେ। ମଧ ରାତିରେ ମା’ ରୂପାନି ଭତରା ଓ ପୁଅ ଫୁଲସିଂ ଙ୍କ ପେଟ ବ୍ୟଥା ହୋଇଥିଲା। ପରେ ପ୍ରଥମେ ପୁଅଙ୍କ ମୃତ୍ୟୁ ହୋଇଥିଲା। ପରେ ରୂପାନିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ମୃତ୍ୟୁର ପ୍ରକୃତ କାରଣ କଣ ହୋଇପାରେ ତାହା ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଉମରକୋଟ ତହସିଲଦାର ହିମାଂଶୁଳ ମାଝି କହିଛନ୍ତି।

### ରେଳଧାରଣାରୁ ମୃତଦେହ ଉଦ୍ଧାର

**ରଘୁନାଥପୁର,୪।୯(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଧୀନ କଟକ-ପାରାଦୀପ ରେଳପଥର ପୃରଣ ଓ ପଞ୍ଚାଏତ ମନ୍ଦାରପୁରସ୍ଥିତ ରେଳଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ବ୍ୟକ୍ତିଙ୍କ ମୁଣ୍ଡ ଓ ମୁହଁରେ କ୍ଷତଚିହ୍ନ ରହିଛି। ସେ ସେଠାରେ ମୁହଁମାଡି ପଡିଥିବା ଦେଖାଯାଇଥିଲା। ତେବେ ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଉଥିବାବେଳେ, ହତ୍ୟା କରି ଉକ୍ତ ବ୍ୟକ୍ତିଙ୍କୁ କେହି ରେଳ ଧାରଣାରେ ପକାଇ ଦେଇଥିବା ଚର୍ଚ୍ଚା ହେଉଛି। ଖବର ଲେଖାହେବାବେଳକୁ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରି ନ ଥିଲା।

### ରାୟଗଡା: ୧୬୯ ପଜିଟିଭ ଚିହ୍ନଟ

**ରାୟଗଡ଼ା ଅଫିସ,୪।୯:** ରାୟଗଡ଼ା ଜିଲାରୁ ଶୁକ୍ରବାର ୧୬୯ ଜଣ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୫୨ ଜଣ ମହିଳା ଓ ୧୧୭ ଜଣ ପୁରୁଷ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୧୪୧ରେ ପହଞ୍ଚିଛି। ରାୟଗଡ଼ା ସହରାଞ୍ଚଳରୁ ୪୨, ମୁନିଗୁଡ଼ା ୩୭, କଲ୍ୟାଣସିଂପୁର ୩୬, ଗୁଣୁପୁର ସହରାଞ୍ଚଳରୁ ୨୭, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୦, ପଦ୍ମପୁର ୫, ବିଷମକଟକ ୨, ଗୁଡ଼ାରି ୩, ରାମନାଗୁଡ଼ା ୩, ଗୁଣୁପୁର ଗ୍ରାମାଞ୍ଚଳରୁ ୨, କାଶୀପୁର ଜଣେ, କୋଲନରାରୁ ଜଣେ ଚିହ୍ନଟ ହୋଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୧୨ ଜଣ କରୋନା ଯୋଦ୍ଧା ରହିଥିବା ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି।

### କୋରାପୁଟ: ୮୩ ପଜିଟିଭ

**କୋରାପୁଟ,୪।୯(ସ୍ୱ.ପ୍ର.):** କୋରାପୁଟ ଜିଲାରେ ଶୁକ୍ରବାର ପୁଣି ୮୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୮୭୩କୁ ବୃଦ୍ଧିପାଇଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମସିରୁ ୩ ଜଣ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୨୬ ଓ ୫୪ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜିଲାର ୪ ପୌରାଞ୍ଚଳରୁ ଚିହ୍ନଟ ୫୮ ଜଣଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୩୫, କୋରାପୁଟ ପୌରାଞ୍ଚଳରୁ ୧୩, ସୁନାବେଡା ପୌରାଞ୍ଚଳରୁ ୮ ଓ କୋଟପାଡ ପୌରାଞ୍ଚଳରୁ ୨ ଜଣ ଅଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ଚିହ୍ନଟ ୨୫ ଜଣଙ୍କ ମଧ୍ୟରେ କୋରାପୁଟ ବ୍ଲକ ଅଞ୍ଚଳରୁ ୭, ବନ୍ଧୁଗାଁ ବ୍ଲକରୁ ୩, ଜୟପୁର ବ୍ଲକରୁ ୪, କୁନ୍ଦୁରା ବ୍ଲକରୁ ଜଣେ, ଲମତାପୁଟ ବ୍ଲକରୁ ଜଣେ, ନନ୍ଦପୁର ବ୍ଲକରୁ ୨, ନାରାୟଣପାଟଣା ବ୍ଲକରୁ ୨ ଓ ସେମିଳିଗୁଡା ବ୍ଲକରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବନ ବିଭାଗର ଚଢ଼ାଉ

**ବୈପାରିଗୁଡା, ୪।୯ (ଡି.ଏନ.ଏ.):** ଶୁକ୍ରବାର ନ ବିଭାଗ ପକ୍ଷରୁ ଜୟପୁର ବନଖଣ୍ଡ ଅନ୍ତର୍ଗତ ବୈପାରିଗୁଡା, ରାମଗିରି ଓ କୁନ୍ଦୁରା ବନାଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବ୍ୟାପକ ପରିମାଣର କାଠ ଜବତ କରାଯାଇଛି। ଜବତ କାଠ ମଧ୍ୟରେ ୬୧ ଖଣ୍ଡିଜା ପଟା ଓ ୨୭ ଖଣ୍ଡ ଶାଳ କାଠ ରହିଛି। ଏସିଏଫ୍ ସୁବାସ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଡିଏଫଓ ଏନ୍ଏସ୍ ଜଗଦିଶ ପ୍ରସାଦ ସିଂ ଫରେଷ୍ଟର ସଚ୍ଚି ପରିଡ଼ା, ଦେବେନ୍ଦ୍ର ନାୟକ, ଚୈତନ୍ୟ ତନ୍ତି, ଶୁସାନ୍ତ ବଡ଼ଜେନା, ମିହିର ପ୍ରଧାନ,ଗଗନ ବିହାରୀ ପଣ୍ଡା ଚଢାଉରେ ସାମିଲ ହୋଇଥିଲେ।

# ୪ କିମି ଭାରରେ ବୁହା ହେଲେ ଗର୍ଭବତୀ

**ଚିତ୍ରକୋଣ୍ଡା,୪।୯(ଡି.ଏନ.ଏ.)**

**ଜନନୀ ଯନ୍ତ୍ରଣା**

ଏବେବି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇ ରହିଛି। ଉପଯୁକ୍ତ ସଚେତନତା ଓ ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପରାମର୍ଶର ଅଭାବ ଯୋଗୁ ବିଭିନ୍ନ ସମୟରେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏଇଭଳି ଏକ ଘଟଣା ଘଟିଛି ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ କପାତୁଟି ପଞ୍ଚାୟତର ଡିଆଲୁମା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମକୁ ରାସ୍ତା ନାହିଁ। କେବଳ ଛୋଟଛୋଟ ପାହାଡି ଝରଣା ଦେଇ ଯାତାୟାତ କରିବାକୁ ହୁଏ। ଗ୍ରାମର ମାରଗେଲ ଆମୟାଙ୍କ ସ୍ତ୍ରୀ ମାରଗେଲ ଲଛମି ଗର୍ଭବତୀ ଥିଲେ। ତାଙ୍କର ଗର୍ଭ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଓ ଗ୍ରାମବାସୀ ବହୁ କଷ୍ଟରେ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସି କପାତୁଟିଠାରେ ରହିଥିଲା। ପରିବାର ଲୋକେ ଓ ପଡୋଶୀ ତାଙ୍କୁ ଡିଆଲୁମାମୁଡିରୁ ବେଡ଼ସିଟରେ ଭାର କରି ଗର୍ଭବତୀଙ୍କୁ ବୋହିବୋହି ୪ କମି ଦୂରରେ କପାତୁଟିରେ ଥିବା ଆମ୍ବୁଲାନ୍ସକୁ ଆଣିଥିଲେ। ସେଠାରୁ ତାଙ୍କୁ ପାପୁଲୁର ପେଟୋଲ ମେଡିକାଲକୁ ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରସବ ପରେ ଏକ ମୃତ ସନ୍ତାନ ମିଳିଥିଲା। ଫଳରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଥିଲେ।



ଦୋଳାରେ ମହିଳାଙ୍କୁ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

# ସାର କଳାବଜାରର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ

**ବଲାଙ୍ଗୀର ଅଫିସ, ୪।୯**

**ନରସିଂହଙ୍କ ଅଧ୍ୟକ୍ଷତାରେ ବିଧାନସଭା ଗୃହ କମିଟି ବୈଠକ**

ବଲାଙ୍ଗୀର ଜିଲାପାଳ ଅଫିସରୁ ଭିଡିଓ କନଫରେନ୍ସ ଜରିଆରେ ଓଡିଶା ବିଧାନସଭା ଗୃହକମିଟିର ବିଭାଗୀୟ ସବ୍‌କମିଟି-୬ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସାର କଳାବଜାର ଓ ସମବାୟ ବ୍ୟାଙ୍କ ଦୁର୍ନୀତି ଉପରେ ଆଲୋଚନା ହୋଇଥିଲା। ସାରା ରାଜ୍ୟରେ ସରକାରୀ ଅଧିକାରୀ, ସମବାୟ ସମିତି ଏବଂ ସାର ବ୍ୟବସାୟୀମାନେ ସାମୂହିକ ସାର ଦୁର୍ନୀତିରେ ମାତିଛନ୍ତି ଓ ଏଥିଯୋଗୁ ବିଶେଷକରି ୟୁରିଆ ସାରର ଘୋର ଅଭାବ ହେଉଛି ବୋଲି ମତପ୍ରକାଶ ପାଇଥିଲା।



ନରସିଂହ ମିଶ୍ର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରୁଛନ୍ତି।

ଭିଡିଓ କନ୍‌ଫରେନ୍ସିଂ ଜରିଆରେ କମିଟି ସଦସ୍ୟ ତଥା ବିଧାୟକ ବଦ୍ରିନାରାୟଣ ପାତ୍ର, ମନୋହର ରନ୍ଧାରି, ମଞ୍ଜୁଳା ସ୍ୱାଇଁ, ସତ୍ୟନାରାୟଣ ନନ୍ଦ, ନିତ୍ୟାନନ୍ଦ ଗଣ୍ଡ ଏବଂ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ସମସ୍ତ ସଦସ୍ୟ ଏକ ସ୍ୱରରେ ସାରା ରାଜ୍ୟରେ ଆବଶ୍ୟକ ସମୟରେ ଚାଷୀଙ୍କୁ ୟୁରିଆ ସାର ମିଳୁ ନ ଥିବା ଓ ଏଥିଯୋଗୁ ଚାଷୀ ଘୋର କ୍ଷତିସହୁଛି ବୋଲି କହିଥିଲେ। ବିଭାଗୀୟ ସଚିବମାନେ ଗଣମାଧ୍ୟମ ଜରିଆରେ ୟୁରିଆ ସାର ପ୍ରଚୁର ପରିମାଣରେ ଗଚ୍ଛିତ ଅଛି ଏବଂ ଚାଷୀ ଯେତେବେଳେ ଚାହିଁବେ ସେତେବେଳେ ସାର ଯୋଗାଇ ଦିଆଯିବ ବୋଲି ଘୋଷଣା କରୁଥିଲେ ମଧ୍ୟ ବାସ୍ତବରେ ୟୁରିଆ ସାରର ସିଂହଭାଗ ବାଟମାରଣା ହେଉଛି ବୋଲି କମିଟି ଅଧ୍ୟକ୍ଷ ମିଶ୍ର କହିଥିଲେ।

# ରାସ୍ତା ମରାମତି ଦାବିରେ ଯୁବ କଂଗ୍ରେସର ଧାରଣା



ଯୁବ କଂଗ୍ରେସ କର୍ମୀମାନେ ତହସିଲଦାରଙ୍କ ସହିତ ଆଲୋଚନା କରୁଛନ୍ତି।

**ବରପାଲି,୪।୯(ଡି.ଏନ.ଏ)**

ବରଗଡ ଜିଲା ବରପାଲି ରେଲୱେ ଓଭରବ୍ରିଜର ଉଭୟ ପାର୍ଶ୍ୱ ରାସ୍ତା ମରାମତି ଦାବିରେ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଓଭରବ୍ରିଜ ନିକଟରେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଅଂଶୁମାନ ସେଠ, ସରୋଜ ଭୋଇଙ୍କ ସମେତ ଦଳୀୟ କର୍ମକର୍ତ୍ତା ଧାରଣାରେ ସାମିଲ ଥିଲେ। ତହସିଲଦାର ଅକ୍ଷୟ କୁମାର ବାଗ ଧାରଣାସ୍ଥଳରେ ପହଞ୍ଚି ଏକ ସପ୍ତାହ ଭିତରେ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବରପାଲିରେ ଗତବର୍ଷରୁ ନିର୍ମାଣଧୀନ ରେଲୱେ ଓଭରବ୍ରିଜର ଦୁଇ ପାର୍ଶ୍ୱ ରାସ୍ତା ବର୍ଷାରେ ଧୋଇଯାଇ ମରଣଯନ୍ତା ପାଲଟିଛି। ଏହି ରାସ୍ତା ନିକଟରେ ପିଚୁ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ରାସ୍ତା ନଷ୍ଟ ହୋଇଯିବାରୁ ଯାନବାହାନ ଚଳାଚଳ କଷ୍ଟକର ହୋଇପଡିଛି। ବରପାଲିରୁ ଜଗନ୍ନାଥନଗର ଦେଇ ଏହି ରାସ୍ତା ସୋନପୁରକୁ ସଂଯୋଗ କରୁଛି।

### ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ରେଙ୍ଗାଲି, ୪।୯ (ଡି.ଏନ.ଏ)**

ରେଙ୍ଗାଲି ବ୍ଲକ ଠେଲକୁଲି ଥାନା ଅନ୍ତର୍ଗତ ଭୂଷଣ ଛକ ନିକଟରେ ଜଣେ ଯୁବକ ସାଇକେଲ ଯୋଗେ ରାସ୍ତା ପାରି ହେଉଥିବା ସମୟରେ ଟ୍ରକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆଲୋକ ରଣା (୨୧)। କଟକ ନରସିଂହପୁରର ମୂଳନିବାସୀ ଆଲୋକ ଠେଲକୁଲିରେ ଭଡା ଘରେ ରହି ଭୂଷଣ କାରଖାନାରେ କାମ କରୁଥିଲେ। ଶୁକ୍ରବାର ପାହାଁନ୍ତିଆ ସମୟରେ ସାଇକେଲ ଯୋଗେ ସେ କାରଖାନାକୁ କାମ କରିବାକୁ ଯାଇ ରାସ୍ତା ପାରି ହେବା ସମୟରେ ଏକ ଟ୍ରକ୍ (ୟୁପି ୭୭ ଏଏନ/୫୪୩୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଆଲୋକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଠେଲକୁଲି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**କେନ୍ଦ୍ରାପଡା ଅଫିସ/ପାଟକୁରା (ଡି.ଏନ୍.ଏ.),୪।୯**

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅଭୟପୁର ନିକଟ ଚିତ୍ରୋତ୍ପଳା ନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପାଖଡ ଗ୍ରାମର ତପନ କୁମାର ମଲ୍ଲ (୩୫)। ଥାନା ଅଧିକାରୀ ସୁଜନା କୁମାର ଦାସଙ୍କ ସୂଚନା ଅନୁଯାୟୀ, ତପନ ଗତ ୨ ତାରିଖରୁ ନିଖୋଜ ଥିଲେ। ସେ ଗ୍ୟାସ ବଟିକା ଆଣିବା ପାଇଁ ଘରୁ କଳାବୁଦା ଆସି ଆଉ ଫେରି ନ ଥିଲେ। ଏନେଇ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଥିଲେ। ଏହା ପରେ କଳାବୁଦା ପୋଲ ନିକଟରୁ ତପନ ନେଇଥିବା ବାଇକକୁ ପୋଡି ଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ଥାନା ଅଧିକାରୀ ଦାସ କହିଛନ୍ତି।

# ୧୦୦ ତଳକୁ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା

**ଛତ୍ରପୁର,୪।୯(ଡି.ଏନ୍.ଏ.)**

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାରେ କରୋନା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଦୀର୍ଘ ୨ ମାସ ପରେ ଗତ ୨୪ ଘଣ୍ଟାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ତଳକୁ ଖସିଛି। ଜିଲାରେ ୯୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ୭ କରୋନା ଯୋଦ୍ଧା ଅଛନ୍ତି। ଅନ୍ୟପକ୍ଷରେ ୩୬୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସାମାଜିକ ଦୂରତ୍ୱ ନିୟମ କଡାକଡି, ୩ ଥର ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସ୍କ୍ରିନିଂ, କଣ୍ଟେନ୍‌ମେଣ୍ଟ ପଲିସି କଡାକଡି, ଜନସାଧାରଣଙ୍କ ସହ କୋଭିଡ୍ ମନିଟର ଓ କୋଭିଡ କେୟାର କମିଟିର ଭଲ ସମ୍ପର୍କ, ବହୁ ମାତ୍ରାରେ କରୋନା ଟେଷ୍ଟ ଏବଂ ଆକ୍ରାନ୍ତଙ୍କ ଠିକ୍ ଚିକିତ୍ସା କରାଯାଇଥିବାରୁ ପଜିଟିଭ ସଂଖ୍ୟା କମିବାରେ ଲାଗିଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର କହିଛନ୍ତି। ୧୦୦ ତଳକୁ ପଜିଟିଭ ସଂଖ୍ୟା ଖସିଥିବା ଜିଲାପାଳ ଟୁଇଟ କରି ସୂଚନା ଦେବା ସହ ଟିମ ଗଞ୍ଜାମକୁ ଧନ୍ୟବାଦ ଦେଇଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ

**ଆସିକା,୪।୯(ଡି.ଏନ୍.ଏ.)**

**୩ ଗିରଫ, ନାବାଳକଙ୍କ ସମ୍ପୃକ୍ତି**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ଗୁରୁବାର ରାତିରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ନାଗା ଗୌଡ (୨୨)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନଳବଣ୍ଟା ଗ୍ରାମର ଜୀବନ ଗୌଡ, ଶ୍ରୀଧର ବିଷୋୟୀ ଓ ବିକ୍ରମ ମିଶ୍ର। ଅଭିଯୁକ୍ତମାନଙ୍କ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଜୁଭେଇନାଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ପୂର୍ବଶତ୍ରୁତାରୁ ଏହି ହତ୍ୟକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରାହ୍ନରେ ଖବରଦାତା ସମ୍ମିଳନୀରେ ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି।

ଗୁରୁବାର ରାତିରେ ନାଗାଙ୍କ ସହ ଅଭିଯୁକ୍ତମାନଙ୍କର ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଖଣ୍ଡା ଓ କାତିରେ ଆକ୍ରମଣ ଯୋଗୁ ନାଗା ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଆସିକା ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ନାଗାଙ୍କ ଭାଇ ବାସୁଦେବ ଗୌଡଙ୍କ ଅଭିଯୋଗ ପ୍ରକାରେ ନଂ.୪୪୪/୨୦ରେ ମାମଲା ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଓ କାତିକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ହତ୍ୟା ଘଟଣା ପୂର୍ବରୁ ଗୁରୁବାର ସନ୍ଧ୍ୟାରେ ନଳବଣ୍ଟାର ରବୀନ୍ଦ୍ରନାଥ ମିଶ୍ରଙ୍କୁ ନାଗା ଓ ତାଙ୍କର ୧୦ରୁ ଉର୍ଦ୍ଧ୍ୱ ସହଯୋଗୀ ଆକ୍ରମଣ କରିଥିଲେ। ରବୀନ୍ଦ୍ର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୪୩/୨୦ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ବାବୁଲା ସାହୁ, ପପୁନ ଗୌଡ, ଦିପୁ ବେହେରା ଓ ରବି ବେହେରାଙ୍କୁ ଗିରଫ କରିଛି। ନାଗାଙ୍କ ନାମରେ ପୂର୍ବରୁ ୨ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

# ବିଚ୍ଛିନ୍ନାଞ୍ଚଳରେ ପ୍ରଜାମେଳି



ପ୍ରଜାମେଳିରେ ସାମିଲ ହୋଇଥିବା ଆଦିବାସୀ।

**ଚିତ୍ରକୋଣ୍ଡା/କୋରକୋଣ୍ଡା, ୪।୯(ଡି.ଏନ.ଏ.)**

୯ଦଫା ଦାବି ନେଇ ଶୁକ୍ରବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ପଣସପୁଟଠାରେ ଆଦିବାସୀଙ୍କ ପ୍ରଜାମେଳି ଅନୁଷ୍ଠିତ ହୋଇଛି। ଏଥିରେ ୬ଟି ପଞ୍ଚାୟତ ପଣଷପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି, ଗାଜୁଲୁମାମୁଡି, ଯୋଡ଼ାମ୍ବ ଓ ମୁଦୁଲିଗୁଡାର ଶତାଧିକ ଆଦିବାସୀ ସାମିଲ ହୋଇଥିଲେ। ସେମାନେ ଦାବିପତ୍ରକୁ ମାଲକାନଗିରି ଜିଲାପାଳ ଓ ଚିତ୍ରକୋଣ୍ଡା ବିଡ଼ିଓଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରତେକ ପଞ୍ଚାୟତରେ ପିଏଚଏସ ମେଡିକାଲ, ଭେଣ୍ଟିଲେଟର ସୁବିଧା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତଙ୍କୁ ଦୁଇ ଶହ ଦିନ କାମ, ଉକ୍ତ ଅଞ୍ଚଳରେ ବ୍ୟାଙ୍କ ନ ଥିବାରୁ ସପ୍ତାହକୁ ସପ୍ତାହ କ୍ୟାସ ପେମେଣ୍ଟ ଦେବା, ଋଣ ଛାଡ କରିବା, ଭିନ୍ନକ୍ଷମ ଓ ବିଧବା ଭତ୍ତା ଦେବା, କରୋନା ସମୟରେ ସମସ୍ତେ କାମ ପାଇଁ ଯାଇ ପାରୁ ନ ଥିବାରୁ ସେମାନଙ୍କୁ କାମ ଯୋଗାଇ ୫ଶହ ଟଙ୍କା ମଜୁରି ଦେବା, ପ୍ରତେକ ପଞ୍ଚାୟତରେ ବେକାର ଯୁବତୀଯୁବକଙ୍କୁ କର୍ମ ନିଯୁକ୍ତି ଦେବା ସହ ଅନ୍ୟ ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଜଣେ ମୃତ, ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ

**ରସୁଲପୁର,୪।୯(ଡି.ଏନ.ଏ.)**

**ଚାଷୀଙ୍କ ଉପରେ ଚଢ଼ିଗଲା ଟ୍ରକ**

ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ଓଡ଼ଙ୍ଗଠାରେ ଶୁକ୍ରବାର ଭୋର ପ୍ରାୟ ୫ଟା୧୫ ମିନିଟରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ବସୁଥିବା ଦୈନିକ ପରିବା ହାଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ଚାଷୀ ଅଶୋକ ସେଠୀ(୩୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସରବଣା ଗ୍ରାମର ଚାଷୀ ବିଭୀଷଣ ଦାସ(୬୫) ଓ ଢେଙ୍କାନାଳ ଜିଲା ପିଙ୍ଗୁଆ ଅଞ୍ଚଳର କୃଷି ବ୍ୟବସାୟୀ ବୀର ସାହୁ(୩୫)ଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ଉଭୟ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କରଞ୍ଜିଆରୀ ଗ୍ରାମର ଅଶୋକ ସ୍ୱାଇଁ(୨୩) ଆହତ ହୋଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, କୁଆଖିଆରୁ ଜାରକା ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ଓଆର-୦୯-ପି-୫୭୪୬କୁ ଅନ୍ୟ ଏକ ଟ୍ରକ ଡବ୍ଲୁବି-୬୭ ଏ-୩୫୫୬ ଅତିକ୍ରମ କରୁଥିଲା। ଏହି ସମୟରେ ଟ୍ରକଟି ରାସ୍ତାକଡ଼ରେ ପନିପରିବା ବ୍ୟବସାୟରେ ବ୍ୟସ୍ତ ଥିବା ଚାଷୀମାନଙ୍କୁ ଧକ୍କା ଦେଇଥିଲା। ଉଭୟ ଟ୍ରକର ଚାଳକଦ୍ୱୟ ଦୁର୍ଘଟଣା ସ୍ଥଳରୁ କିଛି ଦୂରରେ ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ହୀରାକୁଦ ଡ୍ୟାମ: ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୪।୯ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ୬୨୪.୧୫ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୬୪ ହଜାର ୪୩୬ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୨ଟି ଓ ବାମ ପାର୍ଶ୍ୱର ୪ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ଲକ୍ଷ ୧୪ ହଜାର ୭୨୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରିପୋର୍ଟ ଅନୁସାରେ, ବେଲଗାଁରେ ୧୪ ହଜାର ୮୦୦, ପଥର୍ଲାରେ ୫୧ ହଜାର ୯୨୭, ଖଇରମାଳରେ ୩ ଲକ୍ଷ ୧୫ ହଜାର, ବରମୁଳାରେ ୩ ଲକ୍ଷ ୫୫ ହଜାର, ମୁଣ୍ଡଳୀରେ ୪ ଲକ୍ଷ ୯୧ ହଜାର ୮୮୭ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ତହସିଲ କାର୍ଯ୍ୟାଳୟରେ ବିପନ୍ନଙ୍କ ଧାରଣା

**ବରୀ,୪।୯(ଡି.ଏନ.ଏ.)**

ଯାଜପୁର ଜିଲା ବରୀ ବ୍ଲକର ବନ୍ୟା ପ୍ରଭାବିତ ଲୋକେ ପଲିଥିନ ବଣ୍ଟନରେ ପ୍ରଶାସନ ନିଷ୍ପତ୍ତି ବିରୋଧରେ ଶୁକ୍ରବାର ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ଅଚଳ ହୋଇ ପଡିଥିଲା। ଏଥିରେ ବାଲିବିଲ, ବୋଦୁଆ, ସେରପୁର, ଭଉଁରା, ଅରଙ୍ଗାବାଦ ଆଦି ପଞ୍ଚାୟତର ବନ୍ୟା ବିପନ୍ନ ସାମିଲ ହୋଇଥିଲେ। ଖବର ପାଇ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ବରୀ ତହସିଲଦାର ସରୋଜକାନ୍ତ ନାୟକ, ବରୀ ଥାନାଧିକାରୀ ଅଜୟ ଜେନା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବିଫଳ ହେବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ଏକ ସପ୍ତାହ ଧରି ବନ୍ୟା ପ୍ରଭାବିତ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ପଲିଥିନ ଆସିବା ପରେ ଜିଲାପାଳଙ୍କ ପ୍ରଥମ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ରାଶନ କାର୍ଡ ଆଧାରରେ ପଲିଥିନ ବଣ୍ଟନ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଜିଲା ପ୍ରଶାସନ ତରଫରୁ ନୂତନ ନିୟମାବଳୀ ମାଧ୍ୟମରେ ବଣ୍ଟନ ନିର୍ଦ୍ଦେଶ ଆସିବା ଯୋଗୁ



ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ବନ୍ୟା କ୍ଷତିଗ୍ରସ୍ତ।

**ବରୀରେ ପଲିଥିନ ବଣ୍ଟନକୁ ନେଇ ଉତ୍ତେଜନା**

ବନ୍ୟା ପ୍ରଭାବିତଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ୧ ତାରିଖରେ ଏକ ସମୀକ୍ଷା ବୈଠକରେ ରାଶନ କାର୍ଡକୁ ମୁଖ୍ୟ ପ୍ରମାଣ ଭାବେ ଗ୍ରହଣ କରାଯାଇ ପଲିଥିନ ବଣ୍ଟନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରତଳାଙ୍ଗ, ଅନ୍ୟାସୀପୁର ଓ କଳାମାଟିଆ ପଞ୍ଚାୟତରେ ପଲିଥିନ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବରୀରେ କ୍ଷେତ୍ର ତଦନ୍ତ ଆଧାରରେ ପଲିଥିନ ଓ ସହାୟତା ବଣ୍ଟନ କରାଯିବ ବୋଲି ଜିଲାପାଳ ଗୁରୁବାର ଘୋଷଣା କରିଥିଲେ। ଏହିକ୍ରମରେ ପଲିଥିନ ବଣ୍ଟନକୁ ନେଇ ଉଦୟନାଥପୁର ପଞ୍ଚାୟତରେ ଗୁରୁବାର ବନ୍ୟା ବିପନ୍ନ ଲୋକଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଏହାକୁ ନେଇ ବ୍ଲକ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇ ଲୋକେ ବାଧ୍ୟହୋଇ ଧାରଣା ଦେଇଥିଲେ ବୋଲି ଚର୍ଚ୍ଚା ହେଉଛି। ଆଲୋଚନା ସଫଳ ନ ହେବାରୁ ଉତ୍ତ୍ୟକ୍ତ ଲୋକେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇ ଫେରି ଯାଇଥିଲେ। ଅତିରିକ୍ତ ଜିଲାପାଳ ମହାନ୍ତି କହିଛନ୍ତି, ରାଶନ କାର୍ଡ ଆଧାରରେ ପଲିଥିନ ବଣ୍ଟନ କରାଯାଇ ନାହିଁ। ରିଲିଫ କୋଡ୍ ପାଳନ କରାଯାଇ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ ବଣ୍ଟନ କରାଯିବ। ଅପରପକ୍ଷରେ ବରୀ ତହସିଲଦାର ନାୟକ କୁହନ୍ତି, ଲୋକମାନେ ସହଯୋଗ କଲେ ନିୟମ ଅନୁଯାୟୀ ବିପନ୍ନଙ୍କୁ ଶୀଘ୍ର ପଲିଥିନ ଯୋଗାଇ ଦିଆଯାଇ ପାରିବ।

## ବୃଦ୍ଧଙ୍କୁ ହତ୍ୟା, ଜଙ୍ଗଲରୁ ମୃତଦେହ ଉଦ୍ଧାର

ରାଇରଙ୍ଗପୁର,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଦୁମାଡ଼ିହି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କେହି ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ସେହି ଗ୍ରାମର ନିରଞ୍ଜନ ଗିରି। ଗୁରୁବାର ସେ ନିକଟସ୍ଥ ମାର୍କେଟକୁ ଯାଇ ଘରକୁ ଫେରି ନ ଥିଲେ। ତାଙ୍କ ସାନ ଭାଇ ବଳରାମଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୧୦୬/୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବଧୂହତ୍ୟାକାରୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ଅନୁଗୋଳ ଅଫିସ, ୪।୯:** ୨୦୧୨ ମସିହାର ଏକ ଯୌତୁକ ନିର୍ଯାତନା ଓ ବଧୂହତ୍ୟା ମାମଲାର ଶୁଣାଣି କରି ଅନୁଗୋଳ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଶୁକ୍ରବାର ଅଭିଯୁକ୍ତ ସୁଶାନ୍ତ ଭୂତିଆଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୨ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଏହି ରାୟ ଶୁଣାଇଛନ୍ତି ବୋଲି କୋର୍ଟ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗୋପିନାଥପୁରର ନକୁଳ ବେହେରାଙ୍କ ଝିଅ ସୁଭଦ୍ରା ବେହେରା ନିଶା ଥାନା ସୁବର୍ଣ୍ଣପୁର ଗ୍ରାମର ସୁଶାନ୍ତ ଭୂତିଆଙ୍କୁ ୨୦୦୯ରେ ବିବାହ କରିଥିଲେ। ତେବେ ସୁଶାନ୍ତଙ୍କ ସହ ପରିବାର ଲୋକ ଅଧିକ ଯୌତୁକ ଦାବିରେ ସୁଭଦ୍ରାଙ୍କୁ ନିର୍ଯାତନା ଦେଉଥିଲେ। ୨୦୧୨ ଅକ୍ଟୋବର ୨୦ରେ ସୁଭଦ୍ରାଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ନିଶା ଥାନାରେ ତାଙ୍କ ବାପା ନକୁଳ ଅଭିଯୋଗ କରିଥିଲେ। ପୋଲିସ ସୁଶାନ୍ତଙ୍କୁ ଗିରଫ କରିଥିଲା। ସରକାରୀ ପିପି ପ୍ରଦୀପ ଦାସ ମାମଲା ପରିଚାଳନା କରିଥିଲେ।

### ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ୭ ଗିରଫ

**ପାଟଣା, ୪।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ଅନ୍ତର୍ଗତ ପିଛୁଲାବେଡା ତଳସାହି ଗାଁଠାରୁ ୨ କି.ମି. ଦୂରରେ ଥିବା ଅଟେଇ ସଂରକ୍ଷିତ ଘଞ୍ଚ ଜଙ୍ଗଲର ୩ ଏକର ପରିମିତ ଅଞ୍ଚଳ ମଧ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ପକାଇ ଦିଆଯାଇଥିଲା। ଏହି ଖବର ଧରିତ୍ରୀ ଓ ଓରିଶା ପୋଷ୍ଟରେ ଶୁକ୍ରବାର ପ୍ରକାଶ ପାଇବା ପରେ ବନ ବିଭାଗ ତତ୍ପରତା ପ୍ରକାଶ କରି ବେଆଇନ ଭାବେ ଗଛକାଟିବା ଅଭିଯୋଗରେ ଶୁକ୍ରବାର ୭ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ପାଟଣା ରେଞ୍ଜରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ପବିତ୍ର ମୋହନ ନାଏକ କହିଛନ୍ତି। ସମସ୍ତ ଅଭିଯୁକ୍ତ ହେଉଛନ୍ତି ଡୁମୁରିଆ ପଞ୍ଚାୟତ ପିଛୁଲାବେଡା ଗ୍ରାମର। ଅଭିଯୁକ୍ତମାନଙ୍କ ମଧ୍ୟରେ ରହିଛନ୍ତି ଜଙ୍ଗଲ ସୁରକ୍ଷା ପାଇଁ ରଖାଯାଇଥିବା ଜଙ୍ଗଲ କମିଟିର ସଭାପତି ପ୍ରତାପ ମହାକୁଡ଼, କାଣ୍ଡେ ରାମ ମୁଣ୍ଡା, ଛୋଟରାୟ ମୁଣ୍ଡା, ଲକ୍ଷ୍ମଣ ମୁଣ୍ଡା, ମକରଧ୍ୱଜ ମୁଣ୍ଡା, ମନ ମୁଣ୍ଡା ଓ ଟିମା ମୁଣ୍ଡା।

### ଜୀବିକା ହରାଇବେ ଓପିଟିସିଏଲର ୯୦ ସିକ୍ୟୁରିଟି ଗାର୍ଡ

**ଜୟପୁର,୪।୯ (ନି.ପ୍ର.):** ଜୟପୁର ଓପିଟିସିଏଲ ଜୟନଗର ଡିଭିଜନରେ ଦୀର୍ଘ ୧୭ବର୍ଷ ହେଲା ୨୧୯ ଜଣ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଗତ ୧ରେ ଓପିଟଜଏଲ ଏହି ସଂଖ୍ୟାକୁ ୧୩୦ ଜଣରେ ସୀମିତ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଫଳରେ ୯୦ ସିକ୍ୟୁରିଟି ଗାର୍ଡ ଜୀବିକା ହରାଇବା ସୁନିଶ୍ଚିତ ହୋଇଯାଇଛି। ଜୀବିକ ହରାଉଥିବା ଅନେକ ସିକ୍ୟୁରିଟି ଗାର୍ଡମାନେ ସଂସ୍ଥାର ଜୀବିକାମାରଣ ନୀତିକୁ ବିରୋଧ କରି ଜିଏମ୍‌ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଏମ୍‌ଙ୍କୁ ପ୍ରଦାନ କରିଥିଲେ। ସିକ୍ୟୁରିଟି ଗାର୍ଡଙ୍କ ଦାବିକୁ ସମର୍ଥନ କରି ଅଲ ଇଣ୍ଡିଆ ଟ୍ରେଡ ୟୁନିୟନର ଯୁଧିଷ୍ଠିର ରାଉଳ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜିଏମ୍ ଚିତ୍ତ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଉପରୁ ଯାହା ନିର୍ଦ୍ଦେଶ ହୋଇଛି ତାହାକୁ ଆମେ ପାଳନ କରୁଛୁ। ଆମ ହାତରେ କିଛି ନାହିଁ।

### ନଦୀରେ ବୁଡ଼ି ନାବାଳକ ନିଖୋଜ

**କଣିହାଁ,୪।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ମହାଧରପୁର ଗ୍ରାମର ଦୁଇ ନାବାଳକ ସାଙ୍ଗ ଶୁକ୍ରବାର ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ମହାଧରପୁରର ଲିପୁନ ସାହୁ(୧୩) ଓ ଅମିତ ମାହାଲିକ (୧୪) ସମାକୋଇ ନଦୀରେ ଗାଧୋଇବା ସମୟରେ ଗଭୀର ପାଣିକୁ ଚାଲିଯାଇଥିଲେ। ତେବେ ଲିପୁନ କୌଣସି ପ୍ରକାରେ ପାଣିରୁ ବାହାରି ଆସିଥିଲେ ହେଁ ଅମିତ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହ ସମଲ ପୋଲିସ ଓ ତାଳଚେର ଦମକଳ ବାହିନୀକୁ ଖବର ଦେଇଥିଲେ। ଖୋଜାଖୋଜି ପରେ ମଧ୍ୟ ଅମିତଙ୍କ ପତ୍ତା ମିଳିପାରି ନାହିଁ। ଶନିବାର ଢେଙ୍କାନାଳରୁ ଓଡ୍ରାଫ୍ ଟିମ୍ ଆସି ଖୋଜାଖୋଜି କରିବ ବୋଲି ସୂଚନା ମିଳିଛି।

# ଅନ୍ତ୍ୟୋଦୟ ଚାଉଳ ହଡ଼ପ

**ତଦନ୍ତ ପରେ ପଦାକୁ ଆସିଲା ଘଟଣା**

ଭଦ୍ରକ ଅଫିସ, ୪।୯

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତର ୮ନଂ. ୱାର୍ଡ଼ ହାସିନପୁର ଦାସସାହିରେ ବସବାସ କରୁଥିବା ବିଧବା ମନୋରମା ଦାସଙ୍କ ଅନ୍ତ୍ୟୋଦୟ କାର୍ଡ଼ ଯୋଗେ ଚାଉଳ ହଡପ ଘଟଣା ପଦାରେ ପଡ଼ିଛି। ମିଳିଥିବା ସୂଚନା ମୁତାବକ ମନୋରମାଙ୍କ ନାମରେ ପୂର୍ବରୁ ଅନ୍ନପୂର୍ଣ୍ଣା କାର୍ଡ଼ ରହିଥିଲା। କିନ୍ତୁ ମନୋରମା ଏନେଇ ଜାଣି ନ ଥିଲେ। ସେ ଜଣେ ବିଧବା ଓ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ମଧ୍ୟ ତାଙ୍କର ରାଶନ କାର୍ଡ଼ ନ ଥିବା କାରଣରୁ ବହୁବାର ବ୍ଲକ ପ୍ରଶାସନ ଏପରିକି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ହେଲେ ତାଙ୍କର କାର୍ଡ଼ ଥିବା କଥା କେହି କହୁ ନ ଥିଲେ। ବନ୍ତ ଅଞ୍ଚଳର ସାମାଜିକ କର୍ମୀ ପଦ୍ମଲୋଚନ ବେହେରା ଏନେଇ ଟୁଇଟର୍ ଯୋଗେ ଜିଲାପାଳଙ୍କ ସମେତ ବନ୍ତ ବିଡିଓ ଏବଂ ଯୋଗାଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ଘଟଣାର ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାଗଲା ମନୋରମା ଦାସଙ୍କ ନାଁରେ କାର୍ଡ଼ ରହିଥିବା କଥା। ଯଦି ମନୋରମାଙ୍କ ନାଁରେ କାର୍ଡ଼ ଥିଲା ପଞ୍ଚାୟତ କର୍ତ୍ତୃପକ୍ଷ ଉକ୍ତ ଚାଉଳ ଦେଉ ନ ଥିଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ମନୋରମା। ଏବେ ମନୋରମାଙ୍କୁ ୫ ମାସର ଚାଉଳ ଦିଆଯିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ପଣ୍ଡା ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏନେଇ ବନ୍ତ ଏମ୍‌ଆଇ ଅଶୋକ ବେହେରା କୁହନ୍ତି ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ପରେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ।


ମନୋରମା ଦାସଙ୍କ ପରିବାର।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ଗୁଣି ସନ୍ଦେହରେ ଡବଲମର୍ଡର**

ଚମ୍ପୁଆ, ୪।୯(ଡି.ଏନ.ଏ.)

ଗୁଣି ସନ୍ଦେହରେ ଡବଲମର୍ଡର ମାମଲାର ବିଚାର କରି ଶୁକ୍ରବାର ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦଳଗୋବିନ୍ଦ ବାରିକ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

୨୦୧୭ରେ ଜଜାଙ୍ଗ ସ୍ଲବନ ରାଜନ ବସ୍ତିର ଦିବାଇ ନାଗଙ୍କ ପୁଅ ଜ୍ୱରରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଦିବାଇ ଗୁଣିଆଙ୍କ ପାଖକୁ ଯିବାରୁ ଛୁଆକୁ ଗୁଣି କରି ମାରିଦିଆଯାଇଥିବା କୁହାଯାଇଥିଲା। ସେହି ଗ୍ରାମର ଲକ୍ଷ୍ମୀ ନାଏକଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଜାନୁୟାରୀ ୧୯ତାରିଖରେ ଲକ୍ଷ୍ମୀ ନାଏକ ପାଖ ଜଙ୍ଗଲକୁ ନିଜ ୬ ବର୍ଷର ପୁଅ କ୍ଷୀରୋଦଙ୍କୁ ସାଙ୍ଗରେ ଧରି କାଠ ଆଣିବାକୁ ଯାଇଥିବା ବେଳେ ଦିବାଇ ଏକ ଛୁରୀ ସାହାଯ୍ୟରେ ଲକ୍ଷ୍ମୀଙ୍କୁ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଥିଲେ। ହତ୍ୟା ସମୟରେ କ୍ଷିରୋଦ ପାଟି କରିବାରୁ ଦିବାଇ ତାଙ୍କୁ ମଧ୍ୟ ଛୁରୀରେ ଆକ୍ରମଣ କରିଥିଲେ। କ୍ଷିରୋଦ ଉକ୍ତ ସ୍ଥାନରୁ ଦୌଡ଼ି ପଳାଇ ନିକଟସ୍ଥ ରୁଙ୍ଗୁଟା ମାଇନ୍ସର ଡମ୍ପିଂୟାର୍ଡ ପାଖରେ ପହଞ୍ଚିବାରୁ ସେଠାରେ ଉପସ୍ଥିତ କର୍ମଚାରୀମାନେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ କ୍ଷୀରୋଦଙ୍କ ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ପ୍ରଥମେ ବଡବିଲ ଓ ପରେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ କ୍ଷିରୋଦଙ୍କ ଜେଜେ ମା' ରଇବାରୀ ନାଏକ ବାମେବାରୀ ଥାନାରେ ଏତଲା ଦେଇଥିଲେ। ଏନେଇ ମାମଲା (ନଂ. ୧୦/୧୭) ରୁଜୁ ହୋଇଥିଲା। ଡାକ୍ତରଖାନାରେ କ୍ଷୀରୋଦ ରହିବାର ୪ଦିନ ପରେ ଡାକ୍ତର, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଷ୍ଟାଫନର୍ସ, ପୋଲିସ ତଥା ତାଙ୍କ ଜେଜେମାଙ୍କ ଉପସ୍ଥିତିରେ ସେ ମୃତ୍ୟୁକାଳୀନ ଜମାନବନ୍ଦୀ ଦେଇଥିଲେ। ଏହାପର ଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସରକାରଙ୍କ ପକ୍ଷରୁ ଚମ୍ପୁଆ ସରକାରୀ ଓକିଲ ମଧୁସୂଦନ ପତି ମକଦ୍ଦମା ପରିଚାଳନା କରିଥିଲେ।

## ସମୁଦ୍ରରେ ଫସିଲା ୫ଟି ପଥର ବୋଝେଇ ଡମ୍ପର


ଦୀଘା ସମୁଦ୍ରକୂଳରେ ଫସିଥିବା ପଥର ବୋଝେଇ ଡମ୍ପର।

ଭୋଗରାଇ,୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ବେଳାଭୂମିରେ ଓଡ଼ିଶାର ୫ଟି ପଥର ବୋଝେଇ ଡମ୍ପର ଜୁଆର ମାଡ଼ରେ ଫସିଛି। ଏହି ଡମ୍ପରଗୁଡ଼ିକୁ ଉଦ୍ଧାର ପାଇଁ ବଙ୍ଗ ଅଗ୍ନିଶମ ବିଭାଗ ସହ ଦୀଘା ପୋଲିସ ପ୍ରୟାସ ଜାରି ରଖିଛନ୍ତି। ଅଦ୍ୟାବଧି ୨ଟି ଡମ୍ପରକୁ ଭଗ୍ନବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ଟି ଉଦ୍ଧାର କରାଯାଇପାରିନାହିଁ। ୫ଟି ଡମ୍ପର ପଥର ବୋଝେଇ ଟ୍ରକ୍ ଜଣେ ବଙ୍ଗୀୟ ଠିକାଦାରଙ୍କ ମାର୍ଫତରେ ଦୀଘା ସମୁଦ୍ରକୂଳକୁ ଯାଇଥିଲା। ବେଳାଭୂମି ବାଲୁକାରେ ଡମ୍ପରଗୁଡିକ ତଳକୁ ଫସିଯାଇଥିଲା। ସମୁଦ୍ର ଜୁଆରିଆ ହେବାରୁ ଏହି ୫ ଡମ୍ପରକୁ ଉଦ୍ଧାର କରାଯାଇପାରିନାହିଁ। ସୌଭାଗ୍ୟକୁ ଡମ୍ପର ଡ୍ରାଇଭର ଓ ଖଲାସୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଡମ୍ପରଗୁଡ଼ିକର ମାଲିକ ବାଲେଶ୍ୱର ଜିଲାର ବୋଲି ସୂଚନା ମିଳିଛି। ଏହି ଘଟଣାରେ ଦୀଘା ମେରାଇନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଓଡ଼ିଶାରୁ ପ୍ରତ୍ୟେକ ଦିନ ଶହଶହ ପଥର ଓ ବାଲି ବୋଝେଇ ଡମ୍ପର ପୋଲିସ ସହାୟତାରେ ଚୋରାରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ବୋଲି ବାରମ୍ବାର ଅଭିଯୋଗ ହେଉଛି। ଏଥିପାଇଁ ପ୍ରଶାସନର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନାହିଁ।

## ବର୍ଷା, ବନ୍ୟାରେ ୩୩ ହଜାର ପ୍ରଭାବିତ ୧୧ ରାସ୍ତା ବିଚ୍ଛିନ୍ନ

ଜଗତ୍‌ସିଂହପୁର ଅଫିସ,୪।୯

ବର୍ଷା ଓ ବନ୍ୟାରେ ଜଗତ୍‌ସିଂହପୁର ଜିଲାର ୩୩, ୪୮୦ ଲୋକ ପ୍ରଭାବିତ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ ଅଛି ଜିଲାର କୁଜଙ୍ଗ, ତିର୍ତ୍ତୋଲ, ଜଗତ୍‌ସିଂହପୁର, ରଘୁନାଥପୁର ଓ ନାଉଗାଁ ବ୍ଲକର ୨୩ଟି ପଞ୍ଚାୟତ (୪୫ଟି ଗାଁ) ବିଶେଷ ପ୍ରଭାବିତ ହୋଇଛି। ୧୧ଟି ଗାଁର ୪,୯୬୭ ଲୋକ ଜଳବନ୍ଦୀ ହୋଇଥିଲେ। ୧୮ଟି ବନ୍ୟା ଆଶ୍ରୟସ୍ଥଳୀକୁ ୧,୬୨୮ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ପାରାଦୀପ ଓ ଗୋଟିଏ ଓଡ୍ରାଫ ଟିମ୍ ଜଗତ୍‌ସିଂହପୁରଠାରେ ନିୟୋଜିତ ହୋଇଥିଲେ। ୨୪ଟି ପାୱାର ବୋଟ ନିୟୋଜିତ ହୋଇଥିଲା। ଜିଲାରେ କୌଣସି ମଣିଷ କିମ୍ବା ଗୋରୁଗାଈଙ୍କ ମୃତ୍ୟୁ ହୋଇନାହିଁ। ୨୬, ୧୮୪ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବା ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟାଞ୍ଚଳରେ ଲୋକଙ୍କ ପାଇଁ ୬.୧୦ କୁଇଣ୍ଟାଲ ଚୂଡ଼ା, ୧.୭୫ କୁଇଣ୍ଟାଲ ଗୁଡ଼ ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ଗୋରୁଗାଈଙ୍କ ପାଇଁ ୧୫୮.୫ କୁଇଣ୍ଟାଲ ଗୋ ଖାଦ୍ୟ ବଣ୍ଟନ କରାଯାଇଛି। ୪ଟି ମେଡିକାଲ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି। ସେହିପରି ୧୧ଟି ଭେଟେରିନାରୀ ଦଳ ପ୍ରଭାବିତ ଅଞ୍ଚଳରେ ଗୋରୁଗାଈଙ୍କ ଚିକତ୍ସାରେ ନିୟୋଜିତ ଅଛନ୍ତି। ବନ୍ୟା ଜଳରେ ୧୧ଟି ରାସ୍ତା କଟଅପ୍ ହୋଇଯାଇଛି।

## ଅପପୁଷ୍ଟି ବୃଦ୍ଧିକୁ ନେଇ ଅସନ୍ତୋଷ

ଜୁନାଗଡ,୪।୯(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହ ଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ନୂର୍ଯ୍ୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ବିଧାୟକ ପ୍ରତିନିଧି ପ୍ରମୋଦ ବେହେରା, ଜିପିଓ ସିଦ୍ଧେଶ୍ୱର ମେହେର, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଯାଜ୍ଞସେନୀ ମହାନନ୍ଦ, କାଞ୍ଚନ ନାଗ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ପ୍ରମୁଖ ମଞ୍ଚସୀନ ଥିଲେ। ଜୁନାଗଡ ବ୍ଲକରେ ମାସକୁ ୧୭ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଅପପୃଷ୍ଟି ବୃଦ୍ଧି ପାଉଥିବା ନେଇ ବୈଠକରେ ଏମ୍‌ପି ପ୍ରତିନିଧି ଅଗ୍ରୱାଲ ଅଭିଯୋଗ କରିଥିଲେ। ତେବେ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ମାରାଣ୍ଡି କହିଥିଲେ। ସେହିପରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କରୋନା ସମ୍ପର୍କରେ ସଚେତନ କରିଥିଲେ । ଏହି ବୈଠକରେ ଶିକ୍ଷା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ


ଢେଙ୍କାନାଳ ଅଫିସ,୪।୯

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧିକାରୀ ଶିବରଞ୍ଜନ ସିଙ୍ଗାଙ୍କ ବିରୋଧରେ ନେଉଳପୋଇ ଗ୍ରାମର ରୁକୁନୁ ଗଡନାୟକ ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ଗୁରୁବାର ଏସ୍‌ପି ଅନୁପମା ଜେମ୍‌ସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗର ଏକ ନକଲ ସେ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ଶୁକ୍ରବାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି ଯେ, ଗତ ୨ ତାରିଖ ରାତି ପ୍ରାୟ ସାଢେ ୧୧ଟାରେ ଫାଣ୍ଡି ଅଧିକାରୀ କେତେଜଣ ଲୋକଙ୍କ ସହ ଆସି ରୁକୁନଙ୍କ ଘର କବାଟ ବାଡେଇଥିଲେ। ପରେ ଫାଣ୍ଡି ଅଧିକାରୀ ଘରେ ପଶି ରୁକୁନଙ୍କୁ ଗାଳିଗୁଲଜ କରି ନିସ୍ତୁକ ମାଡ ମାରିଥିଲେ। ତାଙ୍କ ସ୍ତ୍ରୀ ଅଞ୍ଜଳି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଫାଣ୍ଡି ଅଧିକାରୀ ମାଡ ମାରିବା ସହ ଅସଦାଚରଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଯୋରନ୍ଦା ଫାଣ୍ଡି ଅଧିକାରୀ ସିଙ୍ଗା କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ରାତିରେ ନେଉଳପୋଇ ଗ୍ରାମକୁ ଅନ୍ୟ ଏକ ମାମଲାର ତଦନ୍ତ ପାଇଁ ସାଦା ପୋଷାକରେ ଯାଇଥିଲି। କିନ୍ତୁ ରୁକୁନଙ୍କ ଘରକୁ ଯାଇ କୌଣସି ଅସଦାଚରଣ କି ମାଡ ମାରିନାହିଁ। ଏସ୍‌ପି ଅନୁପମା ଜେମ୍‌ସ କୁହନ୍ତି, ଅଭିଯୋଗ ପାଇବା ପରେ ସଦର ଏସ୍‌ଡିପିଓଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି । ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।


ନ୍ୟାୟ ପାଇଁ ପରିବାର ସହ ଅଞ୍ଜଳି ଏସ୍‌ପିଙ୍କୁ ଅଭିଯୋଗ କରି ଫେରୁଛନ୍ତି।

## ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି



**ଗତ ବର୍ଷ ତୁଳନାରେ ୯,୨୫୨ ବଢ଼ିଛନ୍ତି**

ରାଜନଗର, ୪।୯(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଅଭୟାରଣ୍ୟରେ ଦେଶୀୟ ପକ୍ଷୀଙ୍କ ଗଣନା ଶେଷ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୯,୨୫୨ ଦେଶୀୟ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୮୮,୬୧୪ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୯୭,୮୬୬ରେ ପହଞ୍ଚିଛି ବୋଲି ରାଜନଗର ଡିଏଫଓ ବିକାଶ କୁମାର ଦାଶ ଶୁକ୍ରବାର ସୂଚନା ଦେଇଛନ୍ତି। ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ୭ ଦିନ ଧରି ଏହି ପକ୍ଷୀଗଣନା ହୋଇଥିଲା। ଏଥିରେ ବନ ବିଭାଗର ୩ ଟିମ୍ ସାମିଲ ହୋଇଥିଲେ। ଭିତରକନିକା ଅନ୍ତର୍ଗତ ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆରେ ଏହି ପକ୍ଷୀ ଗଣନା ହୋଇଥିଲା। ଗଣନା ସମୟରେ ଏହି ଅଭୟାରଣ୍ୟରେ ୧୦ ପ୍ରକାର ଦେଶୀୟ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଗେଣ୍ଡାଳିଆ ସବୁଠୁ ଅଧିକ ୧୪,୮୪୬ଟି ବସା ବାନ୍ଧିଛନ୍ତି। ଏଥିସହ ଫେଟେଡ ଷ୍ଟର୍କ, ଆଇବିସ, ଡାର୍ଟର, ଇଗ୍ରେଟ ଆଦି ପକ୍ଷୀ ଚିହ୍ନଟ କରାଯାଇଛି।

## ମହିଳାଙ୍କ ଜୀବନ ନେଲା ହାତୀ

କଣିହାଁ,୪।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ହନୁମାନପୁର ପଞ୍ଚାୟତ ବଉଦବେଡ଼ା ଗ୍ରାମର ଜଣେ ମହିଳାଙ୍କୁ ଗୁରୁବାର ବିଳମ୍ବିତ ରାତିରେ ହାତୀ କଚାଡ଼ି ମାରିଦେଇଛି। ଖବରପାଇ ବନ ବିଭାଗ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ କ୍ଷତିପୂରଣ ବାବଦରେ ୪୦ ହଜାର ଟଙ୍କା ପ୍ରଦାନ କରିଥିଲା। ପରେ ଅବଶିଷ୍ଟ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଉତ୍ତେଜନା ଥମିଥିଲା। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ବଉଦବେଡ଼ା ଗ୍ରାମର ଗିନୀ ଦେହୁରୀ (୬୫) ଶୋଇଥିବା ବେଳେ ଏକ ଦନ୍ତା ହାତୀ ଘର ଭାଙ୍ଗିବା ସହ ଗିନିଙ୍କୁ କଚାଡ଼ି ଦେଇଥିଲା। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କଣିହାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସ୍ୱର ନୂଆ ଓଡିଶାର ଭର୍ଚୁଆଲ ବୁଦ୍ଧିଜୀବୀ ସମ୍ମିଳନୀ

ଜୁନାଗଡ,୪।୯(ଡି.ଏନ୍.ଏ)

ସ୍ୱର ନୂଆଁ ଓଡିଶା ପକ୍ଷରୁ ବଲାଙ୍ଗୀର ଓ କଳାହାଣ୍ଡି ଲୋକସଭା କ୍ଷେତ୍ରର ବୁଦ୍ଧିଜୀବୀ ମାନଙ୍କୁ ନେଇ ଶୁକ୍ରବାର ଜୁମ୍ ଆପ୍ ମାଧ୍ୟମରେ ଭର୍ଚୁଆଲ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭାଜପା ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର ପରିଚାଳନା କରିଥିଲେ। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଓଡିଶା ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ଲୋଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ସଭାପତି ଶିବାଜୀ ମହାନ୍ତି, ସଭାପତି ସୁବ୍ରତ ଠାକୁର, ସଭାପତି ପ୍ରମୋଦ ପାତ୍ର, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।

## ତହସିଲ ଅଫିସ ସମ୍ମୁଖରେ କୃଷକଙ୍କ ଅନଶନ



ତହସିଲ ଅଫିସ ସମ୍ମୁଖରେ କୃଷକମାନେ ଅନଶନ କରିଛନ୍ତି।

ଏରସମା,୪।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ଏରସମା ତହସିଲ ଅଫିସ ସମ୍ମୁଖରେ ଶୁକ୍ରବାର ଅଖିଳ ଭାରତ କୃଷକ ସଭା ଏରସମା ଶାଖା ପକ୍ଷରୁ ଶତାଧିକ କୃଷକ ୧୭ ଦଫା ଦାବି ନେଇ ଅନଶନ କରିଛନ୍ତି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନରେ ଅନୁଷ୍ଠିତ ଅନଶନରେ ସଭାର ସିପିଆଇ ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, କୃଷକ ସଭା ଏରସମା ବ୍ଲକ ସଭାପତି ଦାମୋଦର ବେହେରା ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ। ଭାରତୀୟ କୃଷି କ୍ଷେତ୍ରରୁ କର୍ପୋରେଟ କମ୍ପାନୀକୁ ହଟାଇବା, କୃଷକ ବିରୋଧୀ ଅଧ୍ୟାଦେଶ ପତ୍ୟାହାର, ଚାଷୀଙ୍କୁ ଋଣମୁକ୍ତ କରିବା, ଫସଲର ଉଚିତ ଦାମ ପ୍ରଦାନ, ବର୍ଷା କାରଣରୁ ଫସଲ କ୍ଷତିର କ୍ଷତିପୂରଣ ଏକର ପିଛା ୧୦ ହଜାର ପ୍ରଦାନ ଓ ସମସ୍ତ ପରିବାରକୁ ରିଲିଫ ପ୍ରଦାନ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା।

# ତାଲାବନ୍ଦ ସ୍ଥଗିତ, ଧାରଣା ଜାରି

**ଏନଏଲସି ବିରୋଧରେ ମିଳିତ ସ୍ୱର**

ସମ୍ବଲପୁର,୪।୯(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଖୀଣ୍ଡାରେ ଥିବା ତଲାବିରା-୧ ଓ ୨ କୋଇଲା ଖଣି ବିରୋଧରେ ବିସ୍ଥାପିତଙ୍କ ଆନ୍ଦୋଳନ ଥମୁନାହିଁ । ବିସ୍ଥାପିତମାନଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ,ବିଜେଡି ଓ ଭାଜପା ସମର୍ଥନ କରିଛନ୍ତି । ବିଭିନ୍ନ ଦାବି ନେଇ ସମଲେଇଶ୍ୱରୀ ବିସ୍ଥାପିତ ବେରୋଜଗାର ଯୁବ ସଂଘ ପକ୍ଷରୁ ଶୁକ୍ରବାର ଦିଆଯାଇଥିବା ତାଲା ବନ୍ଦ ଆନ୍ଦୋଳନ ଡାକରା ସ୍ଥଗିତ ରହିଥିଲେ ହେଁ ବୀରସୁରେନ୍ଦ୍ର ସାଏ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଜାରି ରହିଛି । ଆଦାନୀ କମ୍ପାନୀ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଆସି ସ୍ଥାୟୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେବା ପରେ ବିସ୍ଥାପିତମାନେ ତାଲା ବନ୍ଦରୁ ଓହରି ଯାଇ ଏହି ନିଷ୍ପତ୍ତି ନେଇଥିଲେ । ତେବେ ଏକ ମାସ ଭିତରେ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ମରାଯିବ ବୋଲି ସେମାନେ କମ୍ପାନୀକୁ ଧମକ ଦେଇଥିଲେ। ଆଲୋଚନା ସମୟରେ ଆଦାନୀ କମ୍ପାନୀ ଅଧିକାରୀ ପ୍ରଶ୍ନ ପଣ୍ଡା, ମାନବ ସମ୍ବଲ ଅଧିକାରୀ ଅମର ସିଂ, ରେଙ୍ଗାଲି ତହସିଲଦାର ସରୋଜ ମେହେର, ଠେଲକୋଲି ଥାନା ଅଧିକାରୀ ସୁରୁବାରୁ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧ ତାରିଖରୁ ବିସ୍ଥାପିତମାନେ ସାତଗୋଛିଆରେ ଥିବା ଅଦାନୀ କମ୍ପାନୀ ଅଫିସ ମୁଖ୍ୟଗେଟ ସମ୍ମୁଖରେ ଆନ୍ଦୋଳନ ଚଳାଇଥିଲେ। ସେ ସମୟରେ କମ୍ପାନୀକୁ ୨ ଦିନ ଭିତରେ ନିଯୁକ୍ତି ଦେବା ପାଇଁ ସମୟ ଦିଆଯାଇଥିଲା । ତେବେ ନିର୍ଦ୍ଧାରିତ ସମୟ ଭିତରେ ନିଯୁକ୍ତି ନ ଦେବାରୁ ଆଜି ପୁଣି ଆନ୍ଦୋଳନ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା ।

ସେହିପରି ୫ ଦିନ ହେଲା ବୀରସୁରେନ୍ଦ୍ର ସାଏ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଚାଲୁ ରହିଛି । ଏଥିଯୋଗୁ କମ୍ପାନୀର କୋଇଲା ଉତ୍ପାଦନ ବନ୍ଦ ରହିଛି । ଏ ସମ୍ପର୍କରେ ମଞ୍ଚର ସଦସ୍ୟ ମୋତିଲାଲ ତନ୍ତି କହିଛନ୍ତି ଯେ, ଡିସେମ୍ବର ମାସରେ ପ୍ରଶାସନ, ଏନଏଲସି କମ୍ପାନୀ ଓ ବିସ୍ଥାପିତମାନଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ପରେ ବିସ୍ଥାପିତମାନଙ୍କ ଦାବିକୁ ମାନି ନେବାକୁ କମ୍ପାନୀ ରାଜି ହୋଇଥିଲା । ହେଲେ ୮ ମାସ ବିତି ଯାଇଥିଲେ ମଧ୍ୟ କମ୍ପାନୀ କୌଣସି ପ୍ରତିଶ୍ରୁତି ପାଳନ କଲାନାହିଁ। ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ପ୍ରଦାନ, ଜମିର ମୂଲ୍ୟ, ଘର ଯୋଗାଇ ଦେବା ଆଦି ଦାବି ପୂରଣ ହେଲାନାହିଁ । ଅନ୍ୟପଟେ ବଳ ପୂର୍ବକ ଭାବେ କୋଇଲା ଉତ୍ପାଦନ କରୁଥିଲା । ଫଳରେ ଅଗଷ୍ଟ ୩୧ ତାରିଖ ଠାରୁ ଆନ୍ଦୋଳନ ଜାରି ରହିଛି । ବିସ୍ଥାପିତଙ୍କ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ ।

## କନଷ୍ଟେବଳଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

**ପୁରୀ ଅଫିସ :** ଜଣେ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପେଣ୍ଠକଟା ଭୁଦାନ ନଗରର ରବି ସୁବୁଦ୍ଧି। ଅଭିଯୋଗ ଅନୁଯାୟୀ, ଗତ ୨ତାରିଖ ସକାଳେ ପେଣ୍ଠକଟା ଫାଣ୍ଡିର କନଷ୍ଟେବଳ ପ୍ରଫୁଲ୍ଲ ମଲ୍ଲିକ ଏକ ମାମଲାରେ ସମ୍ପୃକ୍ତ ରବିଙ୍କୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ। ମାତ୍ର ରବି ଓ ତାଙ୍କ ପରିବାର ସଦସ୍ୟ ପ୍ରଫୁଲ୍ଲଙ୍କୁ ଦୁର୍ବ୍ୟବହାର କରିବା ସହିତ ତାଙ୍କ ବାଇକ୍‌କୁ ବାଡ଼େଇ ଭାଙ୍ଗିଥିଲେ। ପ୍ରଫୁଲ୍ଲଙ୍କ ଅଭିଯୋଗ ଆଧାରରେ ସମୁଦ୍ରକୂଳ ଥାନାରେ ଏକ ମାମଲା (ନଂ.୧୪୩/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

## ସଂକ୍ଷେପରେ

### ଲୁଟେରାଙ୍କ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

**ପିପିଲି,୪।୯(ଡି.ଏନ୍.ଏ.):** ଚନ୍ଦନପୁର ଥାନା ସମ୍‌ସାଜପୁର ବ୍ରିଜ୍ ଉପରେ ବୁଧବାର ଲୁଟେରାମାନେ ଜଣେ ମହିଳାଙ୍କୁ ଆକ୍ରମଣ କରି ଲୁଟ୍ କରିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଏହି ମହିଳା ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ସେ ହେଲେ ପିପିଲି ଏନ୍‌ଏସି‌ର କ୍ଲର୍କ ଭାବେ କାର୍ଯ୍ୟରତ ପୁରୀ ବଳଗଣ୍ଡିର ମନସ୍ୱିନୀ ମହାନ୍ତି। ମନସ୍ୱିନୀ ବୁଧବାର କାର୍ଯ୍ୟ ସାରି ଅଫିସ୍‌ର ଜଣେ ସହକର୍ମୀଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ବ୍ରିଜ ଉପରେ ଲୁଟେରାମାନେ ମନସ୍ୱିନୀଙ୍କୁ ଆକ୍ରମଣ କରି ଭ୍ୟାନିଟି ନେଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପିପିଲି,୪।୯(ସ୍ୱ.ପ୍ର.):** ପିପିଲି ଥାନା ଅଧୀନ ପୋପରଙ୍ଗା ଦୟାନଦୀ ବ୍ରିଜ ତଳୁ ଶୁକ୍ରବାର ଏକ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ଖୁଣ୍ଟିଆ ସାହିର ମଧୁସୂଦନ ଖୁଣ୍ଟିଆ ଓରଫ ମଣ୍ଟୁ (୨୭)। ଏ ନେଇ ପୋଲିସ ନଂ.୧୧/୨୦ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଗୁରୁବାର ମଣ୍ଟୁ ନଦୀକୁ ଡେଇଁ ପଡ଼ିଥିଲେ।

### ଔଷଧ ଦୋକାନ ସିଲ୍

**ପୁରୀ ଅଫିସ,୪।୯:** ପିପିଲି-ହରିରାଜପୁର ରାସ୍ତାର କଣ୍ଟି ଛକରେ ବିନା ଲାଇସେନ୍ସରେ ଚାଲୁଥିବା ଏକ ଔଷଧ ଦୋକାନକୁ ଶୁକ୍ରବାର ପୁରୀ ଜିଲା ଭେଷଜ ନିରୀକ୍ଷକ ସତ୍ୟବ୍ରତ ଗିରି ସିଲ୍ କରିଛନ୍ତି। ଦୋକାନରେ ଥିବା ୪୨,୮୫୨ ଟଙ୍କାର ଔଷଧ ଜବତ କରାଯାଇଛି। ଏ ନେଇ ପିପିଲି ଜେଏମ୍‌ଏଫ୍‌ସି କୋର୍ଟରେ ସମ୍ପୃକ୍ତ ଔଷଧ ଦୋକାନ ମାଲିକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଚନ୍ଦକାରେ ହରିଣ ଶିକାର ର‌୍ୟାକେଟ୍

**୨ ଶିକାରୀ ସମେତ ୯ ଗିରଫ**

**ବନ୍ଧୁକ, ହରିଣ ମାଂସ ଜବତ**





**ବାରଙ୍ଗ,୪।୯(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଚନ୍ଦକା ଜଙ୍ଗଲରେ ଅବାଧରେ ଚାଲିଥିବା ହରିଣ ଶିକାର ର‌୍ୟାକେଟ୍‌ର ଶୁକ୍ରବାର ପର୍ଦ୍ଦାଫାଶ ହୋଇଛି। ଚନ୍ଦକା ଥାନା ଅଞ୍ଚଳରେ ହରିଣ ମାଂସ ବିକ୍ରି ହେଉଥିବା ଜାଣିବା ପରେ ପୋଲିସ ଓ ବନ ବିଭାଗ ମିଳିତ ଚଢ଼ାଉ କରି ୨ଜଣ ଶିକାରୀ ଓ ୭ଜଣ ଗ୍ରାହକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶିକାରୀଦ୍ୱୟ ହେଲେ ଏହି ଥାନା ଅର୍ନ୍ତଗତ ସିମୁଳିପାଟଣା ଗ୍ରାମର ନିର୍ମଳ ଶ୍ରୀଚନ୍ଦନ, ଫିଙ୍ଗିନାଳ ଗ୍ରାମର ଗଣ୍ଡ ହେମ୍ବ୍ରମ ଓ ଗ୍ରାହକମାନେ ହେଲେ ସିମୁଳିପାଟଣା ଗ୍ରାମର କହ୍ନେଇ ନାୟକ, ଅନିଲ ଚେମି, ପ୍ରଦ୍ୟୁମ୍ନ ସାହୁ ଓ ଚନ୍ଦକା ଗ୍ରାମର ତରୁଣକାନ୍ତ ସାମନ୍ତରାୟ, ବିକାଶ କୁମାର ପ୍ରଧାନ, ଶ୍ରୀକାନ୍ତ ସାମନ୍ତରାୟ ଓ ଜଗମୋହନ ମଙ୍ଗରାଜ। ପୋଲିସ ସେମାନଙ୍କଠାରୁ ପ୍ରାୟ ୧୧କେଜି ହରିଣ ମାଂସ, ଗୋଟିଏ ଦେଶୀ ବନ୍ଧୁକ ଓ ଭୁଜାଲି ଜବତ କରିଛି। ଏ ନେଇ ପୋଲିସ ଓ ବନ ବିଭାଗ ଉଭୟ ପୃଥକ ମାମଲା(ନଂ.୧୪୩/୨୦, ୬/୨୦) ରୁଜୁ କରି ତଦନ୍ତ ଚଳାଇଛନ୍ତି।

ସୂଚନା ଅନୁଯାୟୀ, କିଛିଦିନ ହେବ ଚନ୍ଦକା ଜଙ୍ଗଲରୁ ସ୍ଥାନୀୟ ଗ୍ରାମର କେତେଜଣ ଶିକାରୀ ହରିଣ ଶିକାର କରି ଖୁଲମ୍‌ଖୁଲା ବିକ୍ରି କରୁଥିବାର ପୋଲିସ ପାଖରେ ଅଭିଯୋଗ ହୋଇଆସୁଥିଲା। ବାରମ୍ବାର ଏଭଳି ଅଭିଯୋଗ ହେବା ପରେ ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ଓ ଚନ୍ଦକା ବନ ବିଭାଗ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଶିକାରୀଙ୍କୁ ଧରିବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ବଡ଼ିଭୋର ସମୟରେ ଫିଙ୍ଗିନାଳି ଗ୍ରାମରେ ହରଣି ମାଂସ ବିକ୍ରି ହେଉଥିବାର ଥାନାଧିକାରୀଙ୍କ ନିକଟକୁ ସୂଚନା ଆସିଥିଲା। ଫଳରେ ପୋଲିସ ଓ ବନ ବିଭାଗର କର୍ମଚାରୀମାନେ ସଦଳବଳ ଫିଙ୍ଗିନାଳି ଗ୍ରାମର ଶିକାରୀ ଗଣ୍ଡଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପୋଲିସ ୨କେଜି ହରିଣ ମାଂସ ଜବତ କରିଥିଲା। ପରେ ଗଣ୍ଡଙ୍କୁ ପଚରାଉଚରା କରିବାପରେ ତା'ଙ୍କ ସହଯୋଗୀ ଶ୍ରୀଚନ୍ଦନଙ୍କୁ ଧରିବା ସହ ସେମାନଙ୍କଠାରୁ ବନ୍ଧୁକ, ବାରୁଦ ୧୦ଟି ଗୁଳି, ହରିଣ ଚମଡ଼ା, ଭୁଜାଲି ଓ ୧୦କେଜି ଶିଶା ଜବତ କରିଥିଲା। ଏହାପରେ ଉଭୟ ଶିକାରୀଙ୍କୁ ପଚରାଉଚରା ପରେ ସେମାନେ ଅନ୍ୟ ୯ଜଣଙ୍କୁ ହରିଣ ମାଂସ ବିକ୍ରି କରିଥିବା କହିଥିଲେ। ପୋଲିସ ସେହି ୯ଜଣଙ୍କ ଘରେ ଚଢ଼ାଉ କରି ଧରିବା ସହ ସେମାନଙ୍କଠାରୁ ୯କେଜି ମାଂସ ମଧ୍ୟ ଜବତ କରାଯାଇଛି।

## ଏନ୍‌ଡିଏ ଓ ନାଭାଲ ଏକାଡେମୀ ପରୀକ୍ଷା ପାଇଁ ୮ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର(ବ୍ୟୁରୋ),୪।୯**

ଆସନ୍ତା ୬ ତାରିଖରେ ଏନ୍‌ଡିଏ ଓ ନାଭାଲ ଏକାଡେମୀ ପରୀକ୍ଷା ଅନୁଷ୍ଠିତ ହେବ। କଟକ, ସମ୍ବଲପୁର ଓ ବିଶାଖାପାଟଣାରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କ ଯାତାୟାତ ସୁବିଧା ପାଇଁ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୫ ଅପରାହ୍ନ ୫ଟାରେ ବିଭିନ୍ନ ଷ୍ଟେଶନରୁ ଏହି ଟ୍ରେନ୍‌ଗୁଡ଼ିକ ଯାତ୍ରା ଆରମ୍ଭ କରିବ ଓ ୬ ତାରିଖ ଦିନ ସେଠାରୁ ଫେରିବ। ଚଳାଚଳ କରିବାକୁ ଥିବା ଏହି ଟ୍ରେନ୍‌ଗୁଡ଼ିକ ମଧ୍ୟରେ ବ୍ରହ୍ମପୁର-କଟକ ମେମୁ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ଅନୁଗୋଳ-କଟକ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, କେନ୍ଦୁଝରଗଡ଼-କଟକ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ପାରାଦୀପ-କଟକ ମେମୁ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ରାଉରକେଲା-ସମ୍ବଲପୁର ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, କଣ୍ଟାବାଞ୍ଜି- ସମ୍ବଲପୁର ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ଇଛାପୁରମ-ବିଶାଖାପାଟଣା ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ବାଲେଶ୍ୱର-ଭୁବନେଶ୍ୱର ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ରହିଛି। ସମସ୍ତ ଟ୍ରେନ୍ ୫ ତାରିଖ ସନ୍ଧ୍ୟାରେ ନିର୍ଦ୍ଧାରିତ ଷ୍ଟେଶନରେ ପହଞ୍ଚିବ। ୬ ତାରିଖ ସକାଳେ ପରୀକ୍ଷା ସରିବା ପରେ ପୁଣିଥରେ ପରୀକ୍ଷାର୍ଥୀଙ୍କୁ ନେଇ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବ।

## କରୋନାରେ ଏସ୍‌ସିବି କର୍ମଚାରୀ ମୃତ

**କଟକ ଅଫିସ,୪।୯**

କରୋନାରେ ଶୁକ୍ରବାର ଏସ୍‌ସିବି ମେଡିକାଲର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। କିଛିଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା। ପରୀକ୍ଷା କରିବାରୁ ରିପୋର୍ଟ ପଜିଟିଭ ଥିବା ଜଣାପଡିଥିଲା। ଏଥିପାଇଁ ଗତ ୨୯ ତାରିଖରେ ତାଙ୍କୁ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ଗୁରୁବାର ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ଦୀର୍ଘବର୍ଷ ଧରି ଏସ୍‌ସିବି ମେଡିକାଲର ମୁଖ୍ୟ ଓପିଡିରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୫ ଉଚ୍ଛେଦ ପ୍ରତ୍ୟାହାର ଦାବି

**କଟକ ଅଫିସ,୪।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୫ ଉଚ୍ଛେଦ କରିବାକୁ ସରକାର ଶୁକ୍ରବାର କ୍ୟାବିନେଟରେ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ସଙ୍ଗଠନ ସଭାପତି ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି, ଏହି ନିଷ୍ପତ୍ତି ଉଚ୍ଚ ଗବେଷଣା ଓ ଗୁଣାତ୍ମକଶିକ୍ଷାରେ ଚରମ ଅଧୋଗତି ଆଣିବ। ଏହା ଶିକ୍ଷା, ଛାତ୍ରସ୍ୱାର୍ଥ ବିରୋଧି।

## ପରମ୍ପରାଗତ କୃଷିର ବିକାଶ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୪।୯:** ଖୋର୍ଦ୍ଧା ଜିଲା ଉନ୍ନୟନ ସମନ୍ୱୟ ଓ ନୀରିକ୍ଷଣ କମିଟି(ଦିସା)ର ଦ୍ୱିତୀୟ ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧକ୍ଷତା କରିବା ସହ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ମାଟି ପରୀକ୍ଷା ଏବଂ ପରମ୍ପରାଗତ କୃଷିର ବିକାଶ ଉପରେ ଏମ୍‌ପି ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ଚାଷଜମି, ଫସଲ ନଷ୍ଟର ତୁରନ୍ତ ଆକଳନ ଲାଗି ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଭିଡିଓ କନଫେରେନ୍ସରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ବନ୍ୟା ସ୍ଥିତି ଉପରେ ଆଲୋଚନା କରିଥିଲେ। ଜିଲାପାଳ ସନତ୍ କୁମାର ମହାନ୍ତି ଜିଲାର ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଗ୍ରାମୀଣ ଆବାସରେ ଧାର୍ଯ୍ୟ ଲକ୍ଷ୍ୟ ୨୯୨୭ ମଧ୍ୟରୁ ୨୧୮୯ ଗୃହ ସମ୍ପୂର୍ଣ୍ଣ ନିର୍ମାଣ ସରିଥିବା ଜିଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି। ଜିଲାରେ ୧୪,୯୮୨ ହିତାଧିକାରୀ ଆବାସ ଯୋଜନା ଘର ପାଇବା ଲାଗି ଅଛନ୍ତି। ଏଥିଲାଗି ଆବଶ୍ୟକ ଅର୍ଥ ମଞ୍ଜୁର ଲାଗି ବ୍ୟବସ୍ଥା କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ କୁମାର ଦଳେଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ ଜଣଙ୍କଠାରୁ ୪ ଲକ୍ଷ ସାଇବର ଠକେଇ

**ଭୁବନେଶ୍ୱର,୪।୯ (ବ୍ୟୁରୋ)** ରାଜଧାନୀରେ ପୁଣି ୩ଜଣ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ସେମାନେ ହେଲେ ଜାଗମରାର ନୀହାର ରଞ୍ଜନ ବେହେରା। ତାଙ୍କ ଆକାଉଣ୍ଟରୁ ସାଇବର ଠକ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଶୈଳଶ୍ରୀବିହାର ସନ୍ତୋଷ ପଟ୍ଟନାୟକଙ୍କ ଆକାଉଣ୍ଟରୁ ୨ଲକ୍ଷ ଟଙ୍କା ଲୁଟି ନେଇଥିବା ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ଖାରବେଳନଗର ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ଅଶୋକ ସେଠୀ ୨ ଲକ୍ଷ ଟଙ୍କା ହରାଇଛନ୍ତି।


OMC | ODISHA NEW OPPORTUNITIES

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**Corrigendum to NIT NO.20/OMC/CIVIL/2020**

No. CAD-446:- Considering the request from the bidders for extension of time for tender submission on account of Pandemic Covid-19 (Containment zone shutdown) of their respective offices the critical dates of NIT-20 is hereby extended as follows:

1. Last date of online submission of Tender – 10/09/2020 up-to 5.00 P.M.
2. Date of opening of Tender – 11/09/2020 at 11.00 A.M.

All other terms and conditions shall remain unchanged.

Sd./- Chief General Manager (Civil)
OIPR-30005/11/0066/2021


## ପାନ୍ଥିକା, ପାନ୍ଥନିବାସ ଚଳାଇବାକୁ ଟେଣ୍ଡର ଡାକିଲା ପର୍ଯ୍ୟଟନ ବିଭାଗ

**ଭୁବନେଶ୍ୱର,୪।୯**

କରୋନା ମହାମାରୀ ପର୍ଯ୍ୟଟନ ଶିଳ୍ପକୁ ଏକ ପ୍ରକାର ବିପର୍ଯ୍ୟସ୍ତ କରି ଦେଇଛି। ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ପାନ୍ଥିକା ଓ ପାନ୍ଥନିବାସଗୁଡିକୁ ରାଜ୍ୟ ସରକାର ଚଳାଇବା ଅବସ୍ଥାରେ ନାହାଁନ୍ତି। ବିଭାଗ ଅଧୀନରେ ଥିବା ୫ ଟି ପାନ୍ଥିକା ଓ ପାନ୍ଥ ନିବାସଗୁଡିକୁ ନିଲାମ କରିବା ସକାଶେ ରିକ୍ୟୁଏଷ୍ଟ ଫର ପ୍ରପୋଜାଲ (ଆରଏଫପି) ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେଗୁଡିକ ହେଲା ଗୋପାଳପୁର, ବଲେଶ୍ୱର, ଭଦ୍ରକ, ତପ୍ତପାଣି ପାନ୍ଥ ନିବାସ ଏବଂ ଧଉଳି ପାନ୍ଥିକା। ଆସନ୍ତା ୨୨ ତାରିଖରେ ଏ ନେଇ ପ୍ରି ବିଡିଂ ବୈଠକ ଅନୁଷ୍ଠିତ । ଅକ୍ଟୋବର ୧୪ ତାରିଖ ସୁଦ୍ଧା ଏ ନେଇ ଆବେଦନ କରିବାକୁ କୁହାଯାଇଛି। ସେହିଦିନ ଟେଣ୍ଡର ଖୋଲାଯିବ। ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ଗୋଟିଏ ପାନ୍ଥିକା ଓ ୪ଟି ପାନ୍ଥନିବାସକୁ ସରକାରୀ ଓ ଘରୋଇ ଭାଗିଦାରୀ (ପିପିପି )ମୋଡରେ ଘରୋଇ ସଂସ୍ଥାକୁ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଉକ୍ତ ସଂସ୍ଥା ସେଗୁଡିକର ବିକାଶ ଓ ରକ୍ଷଣା ବେକ୍ଷଣ ପାଇଁ ଏହି ଟେଣ୍ଡର ଡକାଯାଇଛି। ପାନ୍ଥନିବାସ ଓ ପାନ୍ଥିକା ପାଇଁ ୩୦ ବର୍ଷ ସକାଶେ ଲିଜ ପ୍ରଦାନ କରାଯିବ। ଟେଣ୍ଡର ଖୋଲା ହେବାର ୩୦ ଦିନ ମଧ୍ୟରେ ପର୍ଯ୍ୟଟନ ବିଭାଗ ଓ ସମ୍ପୃକ୍ତ ଘରୋଇ ସଂସ୍ଥା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବ।

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ୟୁପି ପୋଲିସ

**ରାଜଦ୍ରୋହ ମାମଲାରେ ଯୁବକ ଗିରଫ ଘଟଣା:**

**ସାଲେପୁର,୪।୯:** ରାଜଦ୍ରୋହ ଅଭିଯୋଗରେ ସାଲେପୁରରୁ ଗିରଫ ହୋଇଥିବା ଅଭିଯୁକ୍ତ ସାଲେପୁର ବ୍ଲକ କୁସମ୍ବୀ ଗ୍ରାମର ସୟଦ ହସନ ଅହମ୍ମଦଙ୍କୁ ଉତ୍ତରପ୍ରଦେଶ ପୋଲିସ ୪ ଦିନ ପାଇଁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେଇଛି। ୟୁପି ପୋଲିସ ପ୍ରଥମେ ସୟଦଙ୍କୁ କଟକସ୍ଥିତ ସିଜେଏମ୍ କୋର୍ଟରେ ହାଜର କରିଥିଲେ। ସେଠାରୁ ମାମଲାକୁ ସାଲେପୁର ଜେଏମ୍‌ଏଫ୍‌ସିକୁ ପଠାଯାଇଥିଲା। ପରେ ଜେଏମ୍‌ଏଫ୍‌ସି କୋର୍ଟରେ ୟୁପି ପୋଲିସ ଅଭିଯୁକ୍ତ ସୟଦଙ୍କୁ ୫ଦିନ ଟ୍ରାନ୍‌ଜିଟ୍ ରିମାଣ୍ଡ ନେବାକୁ ଆବେଦନ କରିଥଲା। କୋର୍ଟ ୪ଦିନ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ସୟଦ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସମେତ ଧର୍ମ, ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଜରଙ୍ଗଦଳ ଓ ଗୋରକ୍ଷକ ସଂଗଠନ ବିରୋଧରେ ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେଇ ଭାଇରାଲ କରୁଥିଲେ। ଏନେଇ ଉତ୍ତରପ୍ରଦେଶସ୍ଥିତ ସିଙ୍ଗାବଲି ଥାନାରେ ମାମଲା (ନଂ-୨୦୧/୨୦) ରୁଜୁ ହୋଇଛି।

## ବିଶ୍ୱ ହକର ଦିବସ ପାଳିତ

**କଟକ ଅଫିସ,୪।୯:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁବାଗଠାରେ ଶୁକ୍ରବାର ବିଶ୍ୱ ହକର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀ ସମସ୍ତ ହକର ଭାଇଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ୨୦୧୩ରୁ ପ୍ରତିବର୍ଷ ସେପ୍ଟେମ୍ବର ୪ରେ ବିଶ୍ୱସ୍ତରରେ ହକର ଦିବସ ପାଳିତ ହେଉଛି। ଖବରକାଗଜ ବିତରକଙ୍କ ସେବା ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ। ସଂଘର କର୍ମକର୍ତ୍ତାମାନେ ହକର ଦିବସ ଉପଲକ୍ଷେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ସଂଘ ଉପସଭାପତି ଶ୍ରୀନିବାସ ରେଡ୍ଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ସନ୍ତୋଷ ମହାନ୍ତି, ପ୍ରଭାସ ପ୍ରଧାନ, ହାଡିବନ୍ଧୁ ବେହେରା, ମହନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**Government of Odisha**
**Higher Education Department**

**e-Admission Dateline for Admission into Degree/ Autonomous Colleges coming under Higher Education Department for the Session 2020-21**

No. N-27: Dateline for e-Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under project Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. Call Sanjog Helpline Toll Free (155335 and 1800-345-6770) Number for any further assistance. Any changes to the timelines will be published in the newspapers & www.dheodisha.gov.in and **www.samsodisha.gov.in**. Kindly refer the Common Prospectus (CP) before filling up the CAF.

| Sl # | Items | Timeline |
|---|---|---|
| a) | Availability of the Online Common Application Form (CAF) in the H.E. Dept. website **www.dheodisha.gov.in / www.samsodisha.gov.in**. | 08th Sep. 2020 **(11.00 A.M.)** |
| b) | Last date for applying online CAF through **www.dheodisha.gov.in / www.samsodisha.gov.in**. | 22nd Sep. 2020 **(11.45 P.M.)** |
| c) | Publication of **First Selection Merit List** | 28th Sep. 2020 **(11.00 A.M.)** |
| d) | Online deposit of admission fees by Students through SAMS [Student] account | 28th Sep. to 1st Oct. 2020 **(11.45 P.M.)** |
| e) | Admission and online updation of students data selected in **First Selection Merit List** | 29th to 02nd Oct. 2020 |
| f) | Final admission data updation in the e-Space of the student who took admission in the **First Selection Merit List** | 03rd Oct. 2020 **(05.00 P.M.)** |
| g) | Updation of **Slide-Up Option Form** online by students taken admission in **First Selection Merit List** | 29th to 03rd Oct. 2020 **(11.45 P.M.)** |
| h) | Publication of **Second Selection Merit List** | 08th Oct. 2020 **(11.00 A.M.)** |
| i) | Online deposit of admission fees by Students through SAMS [Student] account | 08th to 10th Oct. 2020 **(11.45 P.M.)** |
| j) | Admission and online updation of students data selected in **Second Selection Merit List** | 09th to 12th Oct. 2020 **(11.45 P.M.)** |
| k) | Final admission data updation in the e-Space of the students who took admission in the **Second Selection Merit List** | 13th Oct. 2020 **(05.00 P.M.)** |

**SPOT Selection:** Guidelines will be provided separately to all Colleges by Higher Education Department.

**For more details please contact**
**e-Admission Helpline (Toll free) Number 155335/ 1800-345-6770**

**Sd./- OIC, PTC**

**ଉଚ୍ଚଶିକ୍ଷା ବିଭାଗ**
**ଓଡ଼ିଶା ସରକାର**
**ଡିଗ୍ରୀ ମହାବିଦ୍ୟାଳୟରେ ଇ-ଆଡ୍‌ମିଶନ (୨୦୨୦-୨୧ ଶିକ୍ଷାବର୍ଷ) ସମ୍ବନ୍ଧୀୟ ଜରୁରୀ ସୂଚନା**

୧. ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ SAMS ଇ-ଆଡମିଶନ (e-Admission) ମାଧ୍ୟମରେ କରାଯାଇଥାଏ।
୨. ଯୁକ୍ତ ଦୁଇ ପରୀକ୍ଷା ପରେ କେତେକ ଶିକ୍ଷାନୁଷ୍ଠାନ ଗ୍ରୀଷ୍ମ ଅବକାଶ କାର୍ଯ୍ୟକ୍ରମ (Summer Course and Crash Course) ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେଇ ଇ-ଆଡମିଶନ ସମ୍ପର୍କିତ ବିଭିନ୍ନ ପ୍ରମାଣପତ୍ର ଯଥା: **ଯୁକ୍ତ ଦୁଇ ମାର୍କଶିଟ୍ ଓ ସାର୍ଟିଫିକେଟ୍** ଇତ୍ୟାଦି ସଂଗ୍ରହ କରିଥାନ୍ତି। ଏଭଳି ପ୍ରଲୋଭନଠାରୁ ଶିକ୍ଷାର୍ଥୀମାନେ ଦୂରେଇ ରୁହନ୍ତୁ ଏବଂ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର କାଗଜାତ କୌଣସି ଶିକ୍ଷାନୁଷ୍ଠାନକୁ ଦିଅନ୍ତୁ ନାହିଁ।
୩. ଇ-ଆଡ୍‌ମିଶନ ସମ୍ବନ୍ଧୀୟ ସମସ୍ତ ଟଙ୍କା ପଇସା ଦେଣନେଣ କାରବାର ଅନ୍‌ଲାଇନ ମାଧ୍ୟମରେ କରାଯାଏ। ତେଣୁ କୌଣସି ବ୍ୟକ୍ତିଙ୍କୁ ଆଡ୍‌ମିଶନ ପାଇଁ ଟଙ୍କା ଦିଅନ୍ତୁ ନାହିଁ।
୪. ଇ-ଆଡ୍‌ମିଶନ ଚୟନ ପ୍ରକ୍ରିୟା (Selection) ସମ୍ପୂର୍ଣ୍ଣ ଭାବେ ମେଧା (Merit) ଭିତ୍ତିରେ କରାଯାଇଥାଏ। ତେଣୁ ମହାବିଦ୍ୟାଳୟ ଚୟନ କରିବା ପୂର୍ବରୁ ସେ ମହାବିଦ୍ୟାଳୟର ଗଲା ବର୍ଷର ଶେଷ ନମ୍ବର (CUT-OFF Mark) ଦେଖି ଚୟନ କରିବା ଉଚିତ୍, ନଚେତ୍ ଚୟନ ପ୍ରକ୍ରିୟାରୁ ନିଜ ନାମ ବାଦ ପଡ଼ିବାର ସମ୍ଭାବନା ଅଛି।
୫. ୨୦୨୦-୨୧ ଶିକ୍ଷା ବର୍ଷରୁ Annexure - 7 ଓ Auto Slide Up ନିୟମ ପ୍ରକ୍ରିୟାକୁ ଉଚ୍ଛେଦ କରାଯାଇଅଛି। Slide Up ପଦ୍ଧତି କେବଳ Online ମାଧ୍ୟମରେ କରାଯିବ। ଛାତ୍ରଛାତ୍ରୀମାନେ ଗୋଟିଏ କଲେଜରେ ନାମ ଲେଖାଇ ସାରିବା ପରେ ଯଦି ଉପର ପସନ୍ଦ (Higher Option) କଲେଜକୁ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ Slide-Up ଫର୍ମ ପୂରଣ କରିବାକୁ ପଡ଼ିବ, ନଚେତ୍ Slide-Up ପ୍ରକ୍ରିୟାରେ ସେମାନେ ଭାଗ ନେଇପାରିବେ ନାହିଁ। Slide-Up କ ପଦ୍ଧତିରେ ସମ୍ମତି ପ୍ରଦାନ କରିସାରିବା ପରେ ଉପର ପସନ୍ଦ (Higher Option) କଲେଜରେ ନାମ ଲେଖାଇବାକୁ ସେ ବାଧ୍ୟ। Slide-Up କଲେଜରେ ନାମ ନ ଲେଖାଇଲେ, ପ୍ରଥମେ ନାମ ଲେଖାଇଥିବା କଲେଜରୁ ବି ତାଙ୍କ ନାମ କଟିଯିବ। ଏହା ଫଳରେ ସେମାନେ ଚୟନ ଓ ନାମଲେଖା ପ୍ରକ୍ରିୟାରୁ ବାଦ ପଡ଼ିବେ।
୬. Common Application Form ଅନ୍‌ଲାଇନ୍‌ରେ ଦାଖଲ କରିବା ସମୟରେ ନିଜର User ID ଓ Password କୁ ସୁରକ୍ଷିତ ରଖନ୍ତୁ। ଯଦି କୌଣସି କାରଣରୁ ଏହା ଅନ୍ୟ କେହି ଜାଣନ୍ତି, ତେବେ ତାହାର ଦୁରୁପଯୋଗ ହେବାର ସମ୍ଭାବନା ରହିଛି। ତେଣୁ ଯଦି ଆବଶ୍ୟକ ପଡ଼େ, Passwordକୁ ବଦଳାଇ ପାରିବେ।
୭. Common Application Form ପୂରଣ କରିବା ସମୟରେ ନିଜର ବା ଅଭିଭାବକଙ୍କ ସଠିକ୍ ଫୋନ୍ ନମ୍ବର, ଇ-ମେଲ୍ ତଥା ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦି ବ୍ୟବହାର କରନ୍ତୁ। ଫୋନ ନମ୍ବର ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଆଦିର ନାମଲେଖା ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ବଦଳ ବା ବନ୍ଦ କରିବେ ନାହିଁ। ନଚେତ୍ ନାମଲେଖା ସମ୍ବନ୍ଧୀୟ ସୂଚନା ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିବ ନାହିଁ କିମ୍ବା ଫେରସ୍ତ ପାଇବାକୁ ଥିବା ଅର୍ଥରାଶି ମଧ୍ୟ ପାଇପାରିବେ ନାହିଁ।
୮. ଇ-ଆଡ୍‌ମିଶନ ସମ୍ବନ୍ଧୀୟ ନୂତନ ଦରକାରୀ ସୂଚନା ପାଇଁ ଏସ୍‌ଏମ୍‌ଏସ୍, ଇମେଲ ଓ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟ (**www.samsodisha.gov.in and www.dheodisha.gov.in**)କୁ ନାମଲେଖା ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ନିୟମିତ ଭାବେ ଯାଞ୍ଚ କରନ୍ତୁ।
୯. ଛାତ୍ରଛାତ୍ରୀମାନେ ଯଦି ଦେଇଥିବା କୌଣସି ଟଙ୍କା ଫେରସ୍ତ ପାଇବାକୁ ଥାଏ, ତେବେ ସେ ଟଙ୍କା ସେମାନଙ୍କ Common Application Form ରେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଦିଆଯିବ।

**Common Application Form (CAF) ପୂରଣ କରିବା ପୂର୍ବରୁ Common Prospectus (CP)ରେ ଦର୍ଶାଯାଇଥିବା Admission ସମ୍ବନ୍ଧୀୟ ସୂଚନାବଳୀକୁ ଭଲଭାବରେ ପଢ଼ିବା ଅତ୍ୟନ୍ତ ଜରୁରୀ।**

OIPR-11001/11/0012/2021



# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ **4G/5G** ର **Digital Mobile Network** ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
**ADVANCE-60LAKH**
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି ।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**VINAYAK Finance**
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛାତ୍ରବତ୍ସଳ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ଦେବଭୂମି ପବିତ୍ର ଭାରତବର୍ଷରେ ଯେଉଁ କେତେଜଣ ମହାନ୍ ଦାର୍ଶନିକ, ରାଷ୍ଟ୍ରନାୟକ, ଚିନ୍ତାନାୟକ, ମାନବପ୍ରେମୀ ସେମାନଙ୍କର ଉତ୍ସର୍ଗୀକୃତ ସେବା, ତ୍ୟାଗ, ପ୍ରେମର ପ୍ରତିଦାନରେ ଭାରତବର୍ଷକୁ ସମଗ୍ର ବିଶ୍ୱରେ ଶକ୍ତିଶାଳୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଥିଲେ ସେମାନଙ୍କ ମଧ୍ୟରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ଜଣେ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ। ପିଲାଦିନୁ ସେ ଖୁବ୍ ଈଶ୍ୱରବିଶ୍ୱାସୀ ଥିଲେ। ହିନ୍ଦୁ ଧର୍ମ ପ୍ରତି ତାଙ୍କର ଯଦିଓ ଅଗାଧ ବିଶ୍ୱାସ ଓ ଭଲପାଇବା ଥିଲା ତଥାପି ସେ ସବୁ ଧର୍ମକୁ ଆନ୍ତରିକତାର ସହ ଭଲ ପାଉଥିଲେ ଏବଂ ସମ୍ମାନ ମଧ୍ୟ ଦେଉଥିଲେ। ପିଲାଦିନେ ଚୁପ୍‌ଚାପ୍ ଲାଜକୁଳା ସ୍ୱଭାବର ଥିବା ଏହି ପିଲାଟି ଯେ ଭବିଷ୍ୟତରେ ଜଣେ ଜ୍ଞାନୀ, ଦାର୍ଶନିକ, କୂଟନୀତିଜ୍ଞ, ମହାନ୍ ଶିକ୍ଷାବିତ୍ ଭାବରେ କେବଳ ନିଜ ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ଯଶ ଅର୍ଜନ କରିବେ ଏ କଥା କାହାକୁ ବି ଜଣା ନ ଥିଲା।

ସେ ପୁଣି ଥିଲେ ଆମ ଭାରତବର୍ଷର ପ୍ରଥମ ଉପ ରାଷ୍ଟ୍ରପତି ଏବଂ ଦ୍ୱିତୀୟ ରାଷ୍ଟ୍ରପତି। ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ଆଜିର ଦିନରେ ମାଡ୍ରାଜର ସର୍ବପଲ୍ଲୀ ନାମକ ଏକ ଛୋଟିଆ ଗରିବ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପିତା ପୁରୋହିତ ଥିଲେ। ନାମ ଥିଲା ତାଙ୍କର ବୀରସ୍ୱାମୀ। ପିତା ପୁରୋହିତ ଥିବା ହେତୁ ଭଗବାନ କୃଷ୍ଣ ଓ ଶ୍ରୀରାଧାଙ୍କୁ ଖୁବ୍ ଭଲ ପାଉଥିଲେ। ତେଣୁ ପୁତ୍ରର ନାମ ଅତି ଆଦରରେ ରାଧାକ୍ରିଷ୍ଣନ୍ ରଖିଥିଲେ।

ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିବାରୁ ରାଧାକ୍ରିଷ୍ଣନ୍ ଖ୍ରୀଷ୍ଟିଆନ୍ ମିଶ୍‌ନାରୀ ସ୍କୁଲରେ ବିଦ୍ୟାରମ୍ଭ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିବା ପରି ଅଳ୍ପ ବୟସରୁ ଇଂଲିଶ ଭାଷାରେ ତାଙ୍କର ଖୁବ୍ ଜ୍ଞାନ ଲାଭ ହେଲା। ଏହାପରେ ସେ ମାଡ୍ରାଜ ସହରର ଖ୍ରୀଷ୍ଟିଆନ୍ କଲେଜରେ ଉଚ୍ଚଶିକ୍ଷା ଲାଭ କଲେ। ସେ ତାଙ୍କ ଅସାଧାରଣ ଜ୍ଞାନ ବଳରେ ଛାତ୍ର, ଶିକ୍ଷକ, ଅଧ୍ୟାପକ, ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେ ପରୀକ୍ଷାରେ ଦର୍ଶନ ଶାସ୍ତ୍ରରେ ଅନର୍ସ (ସମ୍ମାନ) ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କଲେ। ଏହାପରେ ଶିକ୍ଷା ଶେଷ ପରେ ସେ ପ୍ରଥମେ ମାଡ୍ରାଜର ପ୍ରେସିଡେନ୍‌ସି କଲେଜରେ ଅଧ୍ୟାପକ ହୋଇଥିଲେ। ତାଙ୍କର ଖାଦ୍ୟଶୈଳୀ ଓ ଜୀବନପ୍ରଣାଳୀ ଅତି ସରଳ ଥିଲା। ସେ ଧୋତି, ଲମ୍ବା କୋଟ ଓ ମଥାରେ ପଗଡ଼ି ପିନ୍ଧୁଥିଲେ।

ସେ ଅଧ୍ୟାପକ ଥିବା ସମୟରେ ଅନେକ ଅସହାୟ, ଦରିଦ୍ର ମେଧାବୀ ଛାତ୍ରଙ୍କୁ ନିଜ ଦରମାରୁ ବହିପତ୍ର, ପୋଷାକ, ପାଠ୍ୟସାମଗ୍ରୀ କିଣିଦେଇ ଅପାର ଆନନ୍ଦ ଲାଭ କରୁଥିଲେ। ଛାତ୍ରୀଛାତ୍ରମାନେ ତାଙ୍କୁ ଖୁବ୍ ଭଲ ପାଉଥିଲେ। ପରେ ପରେ ଏହି ଦର୍ଶନ ଶାସ୍ତ୍ରରେ ଗବେଷଣା କରି ଡକ୍ଟରେଟ୍ ଉପାଧି ଲାଭ କଲେ। ଏହାପରେ ଭାରତବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଏବଂ କୁଳପତି ରୂପେ କାର୍ଯ୍ୟ କରିଥିଲେ। ଭାରତର ଧର୍ମ, ସଂସ୍କୃତି, ଭାଗବତ, ଉପନିଷଦ୍, ପରମ୍ପରାକୁ ସେ ଦେଶ ବିଦେଶରେ ପ୍ରଚାର କରି ଆନନ୍ଦ ପାଉଥିଲେ। ଯଦିଓ ହିନ୍ଦୁଧର୍ମକୁ ଭଲ ପାଉଥିଲେ ତଥାପି ସେ ନିରପେକ୍ଷ ଭାବେ ସର୍ବଧର୍ମର ଲୋକଙ୍କୁ ସମ୍ମାନ ଦେବା ସହ ଭଲ ପାଉଥିଲେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ସେ ୧୯୫୨ ମସିହାରେ ହେଲେ ଭାରତର ଉପ ରାଷ୍ଟ୍ରପତି ଏବଂ ୧୯୬୨ ମସିହାରେ ହେଲେ ଭାରତର ପ୍ରଥମ ନାଗରିକ ଅର୍ଥାତ ରାଷ୍ଟ୍ରପତି। ପ୍ରକୃତରେ ସେ ଏଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଯେ, ସବୁ ଦେଶ ସହ ସେ ସୁସମ୍ପର୍କ ରକ୍ଷା କରିଥିଲେ। ସେ ହିଁ ଥିଲେ ଭାରତମାତାର ପ୍ରକୃତ ଉପଯୁକ୍ତ ସନ୍ତାନ, ଯିଏକି ନିଜର ମିଷ୍ଟଭାଷା, ଭଲପାଇବା, ପ୍ରେମ, ସ୍ନେହ, ସଦାଚାର ଦ୍ୱାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରି ବିସ୍ମୟ ସୃଷ୍ଟି କରିଥିଲେ। ତାଙ୍କର ଜନ୍ମଦିନ (ସେପ୍ଟେମ୍ବର ୫)କୁ ଗୁରୁଦିବସ ଭାବରେ ପାଳନ କରାଯାଇଆସୁଅଛି।

**-ମୀରା ବେଉରା,** ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, କଟକ

## ଆ ଇ ନା




## କ ବି ତା



### ସର୍ବପଲ୍ଲୀ ବାଣୀ

ଆସିଛି ପବିତ୍ର ଗୁରୁଙ୍କ ଦିବସ
ଏ ବରଷ ପାଳି ହେବନି,
ଗୁରୁ ମାତାପିତା ଜୀବନ୍ତ ଦେବତା
ଏ କଥା ପାସୋର ଯିବନି।
ସଭିଙ୍କର ଖୁସି ଦେଇଅଛି ନାଶି
କରୋନା ଭୂତାଣୁ ଦାନବ,
ଗୁରୁଙ୍କୁ ଧ୍ୟାୟିବା ଉଦ୍ଧାର ପାଇବା
ଥରହର ଯେବେ ମାନବ।
ଗୁରୁ ସର୍ବପଲ୍ଲୀ କହୁଛନ୍ତି ଖୋଲି
ଗୁରୁଙ୍କୁ ସମ୍ମାନ ମିଳୁନି,
ସେ ଗୁରୁ ନାହାନ୍ତି ଶିଷ୍ୟ ବି ନାହାନ୍ତି
ପୂର୍ବ ପରମ୍ପରା ଚଳୁନି।
ନାହିଁ ଗୁରୁ ଆସ୍ଥା ନାହିଁ ସେ ବ୍ୟବସ୍ଥା
ଦଣ୍ଡ ନାହିଁ ଛାତ୍ର ନିର୍ଭୟ,
ସମର୍ପଣ ଭାବ ହେଉଛି ଅଭାବ
ବେପରୁଆ ଆଜି ଉଭୟ।
ଗୁରୁ ମାତାପିତା ଚଳନ୍ତି ଦେବତା
ରହିଅଛି ଖାଲି କଥାରେ,
ଶିକ୍ଷାର ଉନ୍ନତି ହୋଇବ କେମିତି
ଢୁକୁ ନାହିଁ କାହା ମଥାରେ।
ଏ ଦିବସ ପାଳି ଖାଲି ମୋତେ ଭାଳି
କୁହ କି ଉନ୍ନତି ହୋଇବ,
ଶିଷ୍ୟ ହେଲେ ଦକ୍ଷ ସମାଜର ମୁଖ୍ୟ
ଗୁରୁ ଶିଷ୍ୟ ଯଶ ପାଇବ।

**-କବିଜ୍ୟୋତି ନିରଞ୍ଜନ ପତି,** *ଗାନ୍ଧୀମାର୍ଗ, ଅନୁଗୋଳ*

### ସର୍ବଦା ସେ ପୂଜ୍ୟସ୍ପଦ

ଅସଜଡା ଜୀବନକୁ ଦିଅନ୍ତି ସୁଧାରି
ଅଜ୍ଞାନ ଅମାରୁ ସିଏ ନିଅନ୍ତି ଉଦ୍ଧାରି।
ଜ୍ଞାନ ଚକ୍ଷୁ ଖୋଲି ଭଲ ବାଟ ସେ ଦେଖାନ୍ତି
ନ୍ୟାୟ ଅନ୍ୟାୟ ବିଚାର ହୃଦୟେ ଭରନ୍ତି।
ପିତା-ମାତା ଗୁରୁ ଆମ ପ୍ରଥମ ଜୀବନେ
ଶିକ୍ଷା ଗୁରୁ ଦୀକ୍ଷା ଗୁରୁ ଦ୍ୱିତୀୟରେ ନମେ।
ଗ୍ରନ୍ଥ ଗୁରୁ ତୃତୀୟରେ ଆସନ୍ତି ଓହ୍ଲାଇ
ଆତ୍ମକୃପା ବିଭୁ କୃପା ଦିଅନ୍ତି ବଢ଼ାଇ।
ସତ୍ୟ କ୍ଷମା ସଦା ଶିକ୍ଷା ଗୁରୁଙ୍କ ବଚନ
ପରୋ ଉପକାର ସଦା ଜୀବନର ପଣ।
ପ୍ରତି ପଦେ ଗୁରୁ ଆମ ଜୀବନେ ଆଲୋକ
ସର୍ବଦା ସେ ପୂଜ୍ୟସ୍ପଦ ପଥ ପ୍ରଦର୍ଶକ।

**-ବିଦ୍ୟୁତପ୍ରଭା କର,** *ଯାଜପୁର*

### ସେ ନୁହନ୍ତି ସାଧାରଣ ନର

ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ନଇଁପଡେ ମଥା ତାଙ୍କ ଶ୍ରୀଚରଣେ
ସେ ନୁହନ୍ତି ସାଧାରଣ ନର।
ତାଙ୍କଠାରୁ ବେତ ମାଡ଼ ଗାଳି ସହି
ଭଲ ମଣିଷଟେ ହୋଇପାରିଛି ମୁଁ
ତାଙ୍କୁ କେବେ ନୁହେଁ ଭୁଲିବାର।
ଗୁରୁଙ୍କର ମାଡ଼ଗାଳି ସହି
ତାଙ୍କ ଉପଦେଶ ଭରିଛି ସାହସ
କେଉଁଠାରେ ନାହିଁ ହାରିବାର।
ଆଜି ବସି ଭାବେ ନୀରବରେ
ଗୁରୁ ଆଶୀର୍ବାଦ ବିନା କେହି କେବେ
ହୋଇପାରିବନି ଅଗ୍ରସର।
ବାରି ସମ ଝରୁ ଶୁଭାଶିଷ
ହେ ଗୁରୁ ମହାତ୍ମା ଧରିନିଅ କର
ଦୁଃଖ, କଷ୍ଟ, ବିଘ୍ନ ହେଉ ଦୂର।
ତୁମ ବିନା ନାହିଁ ଗତି ମୁକ୍ତି
ତୁମେ ତ୍ରାଣକର୍ତ୍ତା ଆରାଧ ଦେବତା
ଯୁଗେ ଯୁଗେ ଶିଷ୍ୟା ଶିଷ୍ୟଙ୍କର।

**-ବସନ୍ତ କୁମାର ଦାସ,** ଭୁବନେଶ୍ୱର

## ମୋ ଅନୁଭୂତି

# ଆମକୁ ଭୂତ ଦେଖାଉଥିବା ଗୁରୁଦେବ

**-ପ୍ର.ରମେଶ ଚନ୍ଦ୍ର ପରିଡ଼ା**

ଆଜି ଗୁରୁଦିବସ। ମନେ ପଡୁଛନ୍ତି ମୋର ଅନେକ ଅନେକ ନମସ୍ୟ ଗୁରୁଜୀ ଏବଂ ଗୁରୁମା। ସେମାନଙ୍କ ମଧ୍ୟରୁ ଯାହାଙ୍କ ସହିତ ମୁଁ ଅତି ନିବିଡ଼ଭାବେ ଜଡ଼ିତ ସେମାନେ ହେଲେ ନିଜ ଗାଁ ଯମପଡ଼ା (କେନ୍ଦ୍ରାପଡ଼ା) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବଡ଼ ମାଷ୍ଟ୍ରେ କୃଷ୍ଣଚନ୍ଦ୍ର ବେଉରା, ରେଭେନ୍‌ଶା ମହାବିଦ୍ୟାଳୟର ପ୍ରଫେସର ମହେନ୍ଦ୍ର ରାଉତ ଏବଂ ମୋ ଗବେଷଣାର ଦିଗ୍‌ଦର୍ଶକ ପ୍ରଫେସର ଜ୍ଞାନେନ୍ଦ୍ର ନାଥ ମିତ୍ର (କୃଷି ବିଶ୍ୱବିଦ୍ୟାଳୟ)। ଏ ସମସ୍ତେ ଏବେ ସ୍ୱର୍ଗବାସୀ। ତେବେ ଯାହାଙ୍କର ଆଶୀର୍ବାଦର ହାତ ଏବେ ବି ମୋ ମୁଣ୍ଡ ଉପରେ ରହିଛି ଏବଂ ମୋର ସବୁଠାରୁ ଆତ୍ମୀୟ ହୋଇପାରିଥିବା ଗୁରୁ ହେଲେ ଆମ ଗ୍ରାମ ପାଖ କରିଲୋପାଟଣାର ଜୟରାମ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଶତପଥୀ (ଶତପଥୀଙ୍କ ଜନ୍ମ ୧୯୩୫ ମସିହା ସେପ୍ଟେମ୍ବର ୧୮ ତାରିଖ କେନ୍ଦ୍ରାପଡ଼ା ଜିଲାର ନରହରିପୁର ଗ୍ରାମରେ, ପିତା-ଗୋପୀନାଥ ଏବଂ ମା-ଇନ୍ଦୁମତୀ)। ତାଙ୍କ ଆତ୍ମଜୀବନୀ 'କଣ୍ଟାବାଡ଼ର ଜୀବନ' ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷାପ୍ରେମୀ ତଥା ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ମାର୍ଗଦର୍ଶକ ଗ୍ରନ୍ଥ। ଏବେ ମଧ୍ୟ ତାଙ୍କ ପରି ଚିରନମସ୍ୟ ଗୁରୁ ମନେ ପଡୁଛନ୍ତି। କାରଣ ତାଙ୍କୁ ନେଇ ରହିଛି ଏକ ଅଭୁଲା କାହାଣୀ। ସେତେବେଳେ (୧୯୬୦ ମସିହା) ମୁଁ ପଢୁଥାଏ ନବମ ଶ୍ରେଣୀରେ। ସ୍କୁଲକୁ ଲାଗିଥିବା ହଷ୍ଟେଲରେ ଅଳ୍ପ କିଛି ଛାତ୍ରବନ୍ଧୁଙ୍କ ସହିତ ରହୁଥାଏ। ଆମ ରୋଷେୟା ନନା ଥିଲେ ଜଣେ ମଧ୍ୟବୟସ୍କ ଲୋକ। ଦିନେ ସେ ଆମକୁ କହିଥିଲେ, 'ଆମ ସ୍କୁଲ ଘରେ ଜଣେ ବୟସ୍କ ଶିକ୍ଷକଙ୍କର ମୃତ୍ୟୁ ଘଟିଥିଲା। ସେ କଠଉ ପିନ୍ଧୁଥିଲେ। ଏବେ ରାତି ହେଲେ ତାଙ୍କ ଭୂତ(ପ୍ରେତାତ୍ମା) ବାରଣ୍ଡାରେ ଯା'ଆସ କରୁଛି। ଏଣୁ କଠଉର ଠକ୍ ଠକ୍ ଶବ୍ଦ ଶୁଣି ହେଉଛି।' ସେ ସମୟରେ ସମସ୍ତଙ୍କର ଭୂତପ୍ରେତ ପ୍ରତି ଭାରି ଭୟ ଥିଲା। ଏଣୁ ସେଦିନ ରାତିରେ ଆମେ ନନାଙ୍କ ସହିତ ହଷ୍ଟେଲରେ ବାହାରକୁ ଆସି କାନପାତି ବସିଲୁ ଏବଂ ସେ ଶବ୍ଦ ମଧ୍ୟ ଶୁଣିଲୁ। ତା'ପରଠାରୁ ରାତି ହେଲେ ଆମେ କ୍ୱଚିତ୍ ପଦାକୁ ବାହାରୁଥିଲୁ। ଏହାର କିଛି ମାସ ଆଗରୁ ଶତପଥୀ ସାର୍ ଆମ ସ୍କୁଲରେ ଯୋଗ ଦେଇଥାନ୍ତି ପ୍ରଧାନ ଶିକ୍ଷକ ରୂପେ। ଛାତ୍ରୀଛାତ୍ରଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କକୁ ସେ ଭଲ ପାଉଥିଲେ। ସେଥିପାଇଁ ଆମେ ତାଙ୍କ ସହିତ ସହଜରେ ମିଶି ପାରୁଥିଲୁ। ଥରେ ସ୍କୁଲରେ ଭୂତ ଥିବାରୁ ଆମେ କିପରି ଡରିମରି ଅଛୁ ସେକଥା ତାଙ୍କ କାନକୁ ଗଲା। ସେ ଦିନ ରାତି ପ୍ରାୟ ୧୧ଟା ହେବ। ଆମ ହଷ୍ଟେଲ କବାଟ ଠକ୍ ଠକ୍ ହେଲା। ଭାବିଲୁ ଭୂତ ଆସିଛି। ସେଥିପାଇଁ ଚୁପ୍ ରହିଲୁ। ହେଲେ କିଛି ସମୟ ପରେ ଶତପଥୀ ସାର୍‌ଙ୍କ ସ୍ୱର ଶୁଭିଲା। ଫଳରେ ଆମ ଡର ଭାଙ୍ଗିଲା ଏବଂ ଆମେ କବାଟ ଖୋଲିଲୁ।


ହରେକୃଷ୍ଣ ଶତପଥୀ

ସେ ହାତରେ ଧରିଥିବା ଲଣ୍ଠନଟିକୁ ଉପରକୁ ଟେକି କହିଲେ, 'ଶୁଣି ପାରୁଛ ତ ଭୂତର କଠଉ ଶବ୍ଦ।' ଆମେ ସବୁ ହଁ ମାରିଲୁ। ସେ ପୁଣି କହିଲେ-ଚାଲ ଦେଖିବା ଭୂତଟା କେମିତିକା।

ଏକଥା ଶୁଣି ଆମ ପିଳେହି ପାଣି। ତଥାପି ଡରିମରି ତାଙ୍କ ପଛେ ପଛେ ଚାଲିଲୁ। ତା'ପରେ ସେ ସିଧା ଗଲେ ସ୍କୁଲର ଅଫିସ ପାଖକୁ। ଚାବିରେ ଦରଜା ଖୋଲି କହିଲେ- ଏଇ ଦେଖ ସେ ଭୂତଟା କିପରି କାନ୍ଥରେ ଲଟକିଛି।

ଆମେ ଆଶ୍ଚର୍ଯ୍ୟ ହୋଇ ଚାହିଁଲୁ। ଦେଖିଲୁ ପେଣ୍ଡୁଲମ୍ ଲଗା ୱାଲ୍ କ୍ଲକ୍(କାନ୍ଥଘଣ୍ଟା)ଟା ଟିକ୍ ଟିକ୍ ଶବ୍ଦ କରି ଚାଲିଛି। ତା' ପରେ ସେ ହସିଲେ ଖୁବ୍ ଜୋରରେ ଏବଂ କହିଲେ- ବୁଝିଲ ପିଲାଏ, 'ଭୂତ ଫୁତ ବୋଲି କିଛି ନାହିଁ।' ଏହାପରେ ଆମ ଭୂତ ଡର ପୂରା ଛାଡ଼ି ନ ଥିଲେ ବି ତାହା ବେଶ୍ କମିଗଲା। ଆଜିର ଏ ଗୁରୁଦିବସରେ ମୁଁ ତାଙ୍କୁ ମୋର ଶତକୋଟି ପ୍ରଣାମ ଜଣାଉଛି।

*-ଉଷା ନିବାସ, ୧୨୪-୨୪୪୫*
*ଖଣ୍ଡଗିରି ବିହାର, ଭୁବନେଶ୍ୱର*
*ମୋ- ୯୯୩୭୯୮୪୬୬୭*

## ଖିଲିଖିଲି ହସ

► ଥରେ ହରି ମାର୍କେଟକୁ ମଶାରି କିଣିବାକୁ ଗଲା। ଦୋକାନୀ କହିଲା, ଦେଖନ୍ତୁ, ଏହି ମଶାରି ଭିତରକୁ ମଶା ଆଦୌ ଯାଇପାରିବେ ନାହିଁ। ହରି ପଚାରିଲା, ଆରେ ଯଦି ମଶା ଭଳି ଏତେ ଛୋଟ ଜୀବ ତା' ଭିତରକୁ ଯାଇ ନ ପାରିବେ ତେବେ ମୁଁ କେମିତି ତା' ଭିତରକୁ ଯିବି ?

► ଥରେ ସ୍କୁଲରେ ପହଞ୍ଚିଲା ବେଳକୁ ରାମୁର ଡେରି ହୋଇଗଲା। କ୍ଲାସରେ ତାକୁ ସାର୍ କହିଲେ, ଆରେ ତୋର କାହିଁକି ଡେରି ହେଲା ? ଏକଥା ଶୁଣି ରାମୁ କହିଲା, ସାର୍, ମୁଁ ସ୍କୁଲକୁ ଆସିବା ଏକ ଟ୍ରେନ୍ ଲାଇନ୍ ପଡିଲା। ସେଠାରେ ଲେଖାହୋଇଥିଲା ଯେ 'ରୁହନ୍ତୁ, ଟ୍ରେନ୍‌କୁ ଦେଖି ଯାଆନ୍ତୁ। ତେଣୁ ମୋର ଡେରି ହେଲା।

► ସୋନୁର ଦେହ ଖରାପ ହେଲେ ସେ ସହଜରେ ଔଷଧ ଖାଇ ନ ଥାଏ। ଥରେ ତା' ଦେହ ଖରାପ ହୋଇଥିଲା। ତା' ମା' ତାକୁ ଏକ ପାଚିଲା କଦଳୀରେ ଔଷଧ ଭର୍ତ୍ତି କରି ଖାଇବାକୁ ଦେଲେ। କିଛି ସମୟରେ ପରେ ଆସି ତା' ମା' କହିଲେ, କଦଳୀକୁ ଖାଇ ଦେଲୁ ତ ? ସୋନୁ କହିଲା, ମା' ପାଚିଲା କଦଳୀ ଖାଇଦେଲି, ହେଲେ ତା ଭିତରେ ଥିବା ମଞ୍ଜିକୁ କାଢ଼ି ଫୋପାଡି ଦେଲି।

## ଟଗଲା ଭୀମୁ




## କହିଲ ଦେଖି

୧. ଆମ ପିତାମାତା ସିଏ ନୁହନ୍ତି
କେତେ ଭଲ କଥା ସିଏ ଶିଖାନ୍ତି
କରୁ କେତେ ଆମେ ଜ୍ଞାନ ଅର୍ଜନ
ଯାହାଙ୍କ ପାଖେ ଆମେ ଅଟନ୍ତି ଶିଷ୍ୟ
ଅଟନ୍ତି ସିଏ ସଦା ଚିର ନମସ୍ୟ।
**ଉତ୍ତର : ଗୁରୁ**

୨. ଧାଡ଼ି ଧାଡ଼ି ହୋଇ ଥାଏ ଅନେକ ଘର
ସେଠାକୁ ଯାଉ ଆମେ ହେଲେ ସକାଳ
ପ୍ରଥମରେ କରୁ ଆମେ ସେଠି ପ୍ରାର୍ଥନା
ତା'ପରେ କରିଥାଉ ଗୁରୁ ବନ୍ଦନା




ଯେଉଁଠାରେ ଗଢ଼ା ହୁଏ ଆମ ଜୀବନ
କିଏ ସେ ପାରିବ କହି ସେ କେଉଁ ସ୍ଥାନ।
**ଉତ୍ତର : ବିଦ୍ୟାଳୟ**

୩. ଭରି ରହିଥାଏ ଅନେକ ଜ୍ଞାନ
ଦେଇଥାଏ ଆମକୁ ସେ ଶିକ୍ଷାଦାନ
ଇତିହାସ ଆଉ ସଂସ୍କୃତି କଥା
ସାହିତ୍ୟ ସାଥୀରେ ଗଳ୍ପ କବିତା
ଯାହା ପଢୁ ଶିଖୁ ସବୁ ସେଥିରେ ଥାଏ
ନାମଟି ତାହାର କୁହ କହିବ କିଏ।
**ଉତ୍ତର : ବହି**

୪. ସେମାନେ ଅଟନ୍ତି ଆମ ପ୍ରଥମ ଗୁରୁ
ଯାହା ଶିଖୁ ଆମେ ତାଙ୍କରି ଠାରୁ
ଦେଇଥାନ୍ତି ଆମକୁ ସିଏ ଜୀବନ
ଆମ ପାଇଁ ପରା ସିଏ ଈଶ୍ୱର
କିଏ ପାରିବ କହି ନାମ ତାଙ୍କର।
**ଉତ୍ତର : ପିତାମାତା**


*-ପ୍ରଶାନ୍ତ କୁମାର ନାଥ*
*ନାଥପୁର, ଯାଜପୁର*

## ତୁମ ତୁଳୀରୁ





ନିତ୍ୟାଶା ପାଣିଗ୍ରାହୀ
କ୍ଲାସ-୬, ବିଜେଇଏମ୍ ସ୍କୁଲ
ବିଜେବି ନଗର, ଭୁବନେଶ୍ୱର





ଜାଗୃତି ବାରିକ
କ୍ଲାସ-୭, ସେଣ୍ଟ୍ରାଲ ପବ୍ଲିକ ସ୍କୁଲ
ମେନ୍ ରୋଡ୍, ଆଦିତ୍ୟପୁର, ଝାଡ଼ଖଣ୍ଡ






ତ୍ରିନାଥ ନନ୍ଦୀ
କ୍ଲାସ-୯, ଜଳେଶ୍ୱର
ସରକାରୀ ଉଚ୍ଚ ବିଦ୍ୟାଳୟ
ବାଲେଶ୍ୱର

# ମେଡଭେଡେଭ, ମୁରେ ପରାସ୍ତ

ନ୍ୟୁୟର୍କ, ୪।୯ (ପି.ଟି.)



ଫେଲିକ୍ସ ଅଗର ଆଲିଆସିମ

ଚଳିତ ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟରୁ ଭାରତୀୟ ଯୁବ ଖେଳାଳି ସୁମିତ ନାଗାଲ ବାଦ୍ ପଡିଛନ୍ତି। ଗୁରୁବାର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସେ ବିଶ୍ୱର ୩ ନମ୍ବର ଖେଳାଳି ଅଷ୍ଟ୍ରିଆର ଡୋମିନିକ ଥିମ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଥିମ୍ ୬-୩, ୬-୩, ୬-୨ ସେଟ୍‌ରେ ନାଗାଲଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଥିମ୍ ଏବେ ତୃତୀୟ ସିଡ୍ କ୍ରୋଏସିଆର ତାରକା ମାରିନ ସିଲିକଙ୍କୁ ଭେଟିବେ। ସିଲିକ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ଲୋଭାକିଆର ନରବେର୍ଟ ଗୋମ୍ବୋସଙ୍କୁ ୬-୩,୧-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବ୍ରିଟେନର ଆଣ୍ଡି ମୁରେ ୨-୬,୩-୬, ୪-୬ ସେଟ୍‌ରେ ୧୫ତମ ସିଡ୍ ଖେଳାଳି କାନାଡ଼ାର ଫେଲିକ୍ସ ଅଗର ଆଲିଆସିମଙ୍କଠାରୁ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି।

### ୟୁଏସ୍ ଓପନ୍: ନାଗାଲ ଆଉଟ୍

୨୩ ବର୍ଷୀୟ ନାଗାଲ ଥିମ୍‌ଙ୍କଠାରୁ ସିଧାସଳଖ ସେଟ୍‌ରେ ପରାସ୍ତ ହୋଇଥିଲେ। ନିଜର ୨୭ତମ ଜନ୍ମ ଦିବସରେ ଥିମ୍ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିଥିଲେ। ନାଗାଲଙ୍କୁ ସେ କୌଣସି ସୁଯୋଗ ପ୍ରଦାନ କରି ନ ଥିଲେ। ଥିମ୍ ଚଳିତ ବର୍ଷ ଅଷ୍ଟ୍ରେଲିଆ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ନାଗାଲ ଭିଡିଓ ଦେଖି ମ୍ୟାଚ୍ ପାଇଁ ପ୍ରସ୍ତୁତି କରିଥିଲେ ବୋଲି ଥିମ୍ କହିଛନ୍ତି। ପୂର୍ବରୁ ପ୍ରଥମ ରାଉଣ୍ଡରେ ନାଗାଲ ୬-୧, ୬-୩, ୩-୬, ୬-୧ ସେଟ୍‌ରେ ଆମେରିକାର ବ୍ରାଡଲି କ୍ଲାହନଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ କାନାଡ଼ାର ଭାସେକ ପସ୍‌ପିସିଲ ୬-୭, ୬-୩, ୭-୬, ୬-୩ ସେଟ୍‌ରେ ୨୫ତମ ସିଡ୍ କାନାଡାର ମିଲୋସ ରାଓନକଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପସ୍‌ପିସିଲ ଅଷ୍ଟମ ସିଡ ସ୍ପେନର ରେବେର୍ଟୋ ବତିସ୍ତା ଅଗୁଟଙ୍କୁ ଭେଟିବେ। ଅଗୁଟ୍ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସର୍ବିଆର ମିଓମୀର କେକ୍‌ମାନୋଭିକ୍ ୬-୩, ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ତୃତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୨, ୬- ୪ ସେଟ୍‌ରେ ଅଷ୍ଟ୍ରେଲିଆର ଖ୍ରୀଷ୍ଟୋଫୋର ଓ'କନେଲଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମେଡଭେଡେଭ ଏବେ ଆମେରିକାର ଜେ.ଜେ. ଉଲ୍ଫଙ୍କୁ ଭେଟିବେ। ଉଲ୍ଫ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନ୍‌ର ରୋବେର୍ଟୋ କର୍ବାଲେସ୍ ବାଏନାଙ୍କୁ ୬-୨, ୬-୪, ୬-୩ ସେଟ୍‌ରେ ଅଗ୍ରଗତି କରିଛନ୍ତି।

# ତୃତୀୟ ରାଉଣ୍ଡରେ, ସେରେନା ଆଜାରେଙ୍କା

ନ୍ୟୁୟର୍କ,୪।୯(ପି.ଟି.)



ଭିକ୍ଟୋରିଆ ଆଜାରେଙ୍କା

ୟୁଏସ୍ ଓପନ ମହିଳା ସିଙ୍ଗଲ୍ସରେ ସିଡେଡ ଖେଳାଳିମାନେ ଅଗ୍ରଗତି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ସୋଫିଆ କେନିନ୍, ଭିକ୍ଟୋରିଆ ଆଜାରେଙ୍କା, ମାଡିନସନ କେଜ୍ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି।

ସପ୍ତମ ସିଡ୍ ମାନ୍ୟତା ପାଇଥିବା ଆମେରିକାର କେଜ୍ ୬-୨, ୬-୧ ସେଟ୍‌ରେ ସ୍ପେନ୍‌ର ଅଲିଓନା ବୋଲସୋଭାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାଡିନ୍‌ସନ ଏବେ ଫ୍ରାନ୍ସର ଅଲିଜ୍ କର୍ନେଟଙ୍କୁ ଭେଟିବେ। କର୍ନେଟ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବେଲଜିୟମ୍‌ର ୟସାଲାଇନ୍ ବୋନାଭେନ୍‌ଚ୍ୟୁରଙ୍କୁ ୭-୬, ୬-୩ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ତୃତୀୟ ସିଡ୍ ମାନ୍ୟତା ପାଇଥିବା ସେରେନା ୱିଲିୟମ୍ସ ୬-୨, ୬-୪ ସେଟ୍‌ରେ ରୁଷିଆର ମାର୍ଗାରିଟା ଗ୍ୟାସପାରିୟାନଙ୍କୁ ଅତି ସହଜରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେରେନା ଏବେ ୨୬ତମ ସିଡ୍ ନିଜ ଦେଶର ସ୍ଲୋଆନ ଷ୍ଟିଫେନ୍ସଙ୍କୁ ଭେଟିବେ। ଷ୍ଟିଫେନ୍ସ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୨ ସେଟ୍‌ରେ ବେଲାରୁଷର ଓଲଗା ଗୋଭୋରଶୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ବେଲାରୁଷର ଅନ୍ୟତମ ଖେଳାଳି ଭିକ୍ଟୋରିଆ ଆଜାରେଙ୍କା ୬-୧, ୬-୩ ସେଟ୍‌ରେ ଅତି ସହଜରେ ନିଜ ଦେଶର ପଞ୍ଚମ ସିଡ୍ ଖେଳାଳି ଅରିନା ସାବାଲେଙ୍କାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ସୋଫିଆ କେନିନ୍ ୬-୪, ୬-୩ ସେଟ୍‌ରେ କାନାଡ଼ାର ଲିୟଲା ଫର୍ଣ୍ଣାଣ୍ଡେଜଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ବୁଲଗେରିଆର ସେଭେଟାନା ପିରଙ୍କୋଭା ୭-୫, ୬-୩ ସେଟ୍‌ରେ ଦଶମ ସିଡ୍ ସ୍ପେନର ଗାର୍ବାଇନ ମୁଗୁରୁଜାଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ସଂକ୍ଷେପରେ


### ସୁଦୀପ ଡୋପିଂ କଣ୍ଟ୍ରୋଲ ଅଫିସର ନିଯୁକ୍ତ



ଭୁବନେଶ୍ୱର, ୪।୯ (ସ୍ପୋର୍ଟ୍ସ ବ୍ୟୁରୋ): କିଟ୍ ୟୁନିଭର୍ସିଟି, କିମ୍ସ ପ୍ରଫେସର ସୁଦୀପ ଶତପଥୀ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-ୱେଷ୍ଟ ୨୦୨୦ ପାଇଁ ମେଡିକାଲ ପ୍ରତିନିଧି ଦଳରେ ଡୋପିଂ କଣ୍ଟ୍ରୋଲ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଏହି ଇଭେଣ୍ଟ ସେପ୍ଟେମ୍ବର ୧୪ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ କାତାରର ଦୋହାରେ ଅନୁଷ୍ଠିତ ହେବ। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)ରେ ସ୍ପୋର୍ଟ୍ସ ମେଡିସିନରେ ଡିପ୍ଲୋମା ହାସଲ କରିଥିବା ସୁଦୀପ ଏହା ପୂର୍ବରୁ ରିଓ ଅଲିମ୍ପିକ୍ସ ଓ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଜଣେ ସ୍ପୋର୍ଟ୍ସ ମେଡିସନ ଡାକ୍ତର ଭାବେ କାର୍ଯ୍ୟ କରିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ୨୦୧୫ରେ ସଚିନ ତେନ୍ଦୁଲକରଙ୍କ ମାଲିକାନାରେ ଥିବା କେରଳ ବ୍ଲାଷ୍ଟର୍ସ ଏଫ୍‌ସିର ଜଣେ ଟିମ୍ ଡାକ୍ତର ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସୁଦୀପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


### ରମଜାନଙ୍କ ପରଲୋକ

କଟକ ଅଫିସ, ୪।୯: ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ରମଜାନ ଖାଁଙ୍କର ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ରାଜ୍ୟ ସିନିୟର ଦଳ ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅନେକ କ୍ରୀଡାବିତ, କ୍ରୀଡା ସଂଗଠକ ମକରାବାଗସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।



ରମଜାନ ଖାଁ

# ୟୁଇଏଫ୍‌ଏ ନେଶନ୍ସ ଲିଗ୍: ସ୍ପେନ୍-ଜର୍ମାନୀ ମ୍ୟାଚ୍ ଡ୍ର



ସ୍ପେନ୍-ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଷ୍ଟୁଟ୍‌ଗାର୍ଟ,୪।୯(ଏପି):** ଦୀର୍ଘ ୧୦ ମାସର ଅନ୍ତର୍ଜାତୀୟ ବ୍ରେକ୍ ପରେ ୟୁଇଏଫ୍‌ଏ ନେଶନ୍ସ ଲିଗ୍ ଆରମ୍ଭ ହୋଇଛି। ବିନା ଦର୍ଶକରେ ସ୍ପେନ୍ ଓ ଜର୍ମାନୀ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ୧-୧ ଗୋଲ ବ୍ୟବଧାନରେ ଡ୍ର ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ୫୧ତମ ମିନିଟ୍‌ରେ ଟିମୋ ୱେର୍ନରର ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ସ୍ପେନ ଡିଫେଣ୍ଡର ଜୋସ ଲୁଇସ୍ ଗାୟା ଗୋଲ ଦେଇ ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲେ। ସେହିପରି ଏକ ମ୍ୟାଚ୍‌ରେ ରୁଷିଆ ୩-୧ ଗୋଲରେ ସର୍ବିଆକୁ ପରାସ୍ତ କରିଥିବା ବେଳେ ବୁଲଗେରିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଅନ୍ୟପଟେ ଫାରେ ଆଇଲାଣ୍ଡ ୩-୨ ଗୋଲରେ ମାଲଟାକୁ ହରାଇଛି। ସେହିପରି ୱେଲ୍ସ ୧-୦ ଗୋଲରେ ଫିନ୍‌ଲାଣ୍ଡକୁ ହରାଇଛି। ହଙ୍ଗେରୀ ୧-୦ ଗୋଲରେ ତୁର୍କୀକୁ ହରାଇଛି। ମୋଲଡୋଭା ଓ କୋସୋଭୋ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ସେହିପରି ଲାଟଭିଆ ଓ ଆଣ୍ଡୋରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବିନା ଗୋଲରେ ଡ୍ର ରହିଛି।

# ସିଏସ୍‌କେର ନେଟ୍ସ ଆରମ୍ଭ

**ଦୁବାଇ, ୪।୯ (ପି.ଟି.):** କରୋନା ଭାଇରସ୍ ପାଇଁ ତୃତୀୟ ରାଉଣ୍ଡ ଟେଷ୍ଟିଂ ପରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଶେଷରେ ଶୁକ୍ରବାର ନେଟ୍ସ ଆରମ୍ଭ କରିଛି। କୋଭିଡ୍-୧୯ ପଜିଟିଭ୍ ପାଇଁ କ୍ୱାରାଣ୍ଟାଇନ୍‌ରେ ଥିବା ଦୀପକ ଚହର ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ଛାଡ଼ି ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏବଂ ଚେନ୍ନାଇ ସୁପର କିଙ୍ଗ୍ସର ଅନ୍ୟ ସମସ୍ତ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଗତ ସପ୍ତାହରେ ଦୀପକ ଓ ଋତୁରାଜଙ୍କ ବ୍ୟତୀତ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ୧୧ଜଣ ସଦସ୍ୟ ଟେଷ୍ଟିଂରେ ପଜିଟିଭ ଆସିବାରୁ ୬ଦିନିଆ କ୍ୱାରାଣ୍ଟାଇନ ଶେଷ ହେବା ପରେ ମଧ୍ୟ ଦଳର ଟ୍ରେନିଂରେ ବିଳମ୍ବ ଘଟିଥିଲା। ଅଗଷ୍ଟରେ ଦଳ ଏଠାରେ ପହଞ୍ଚିବା ପରେ ସମସ୍ତେ ୬ଦିନ କ୍ୱାରାଣ୍ଟାଇନ୍‌ରେ ଥିଲେ। ସମସ୍ତ ସଦସ୍ୟଙ୍କର ୩ଥର ଟେଷ୍ଟ ହୋଇଥିଲା। କରୋନା ଭାଇରସ୍ ମୁକ୍ତ ଖେଳାଳିଙ୍କର ଅତିରିକ୍ତ ରାଉଣ୍ଡ ଟେଷ୍ଟିଂ ଗୁରୁବାର ହୋଇଥିଲା। ଏଥିରେ ସେମାନେ ଉତ୍ତୀର୍ଣ୍ଣ ହେବା ପରେ ଟ୍ରେନିଂ ଆରମ୍ଭ ହୋଇଥିଲା। ୧୪ ଦିନିଆ ଆଇସୋଲେଶନ ପରିୟଡ ଶେଷ ହେବା ପରେ ୧୧ଜଣ ଷ୍ଟାଫ୍ ସଦସ୍ୟଙ୍କ ବ୍ୟତୀତ ଦୀପକ ଓ ଋତୁରାଜଙ୍କୁ ଦୁଇଥର କୋଭିଡ୍-୧୯ ଟେଷ୍ଟ ହେବ। ଏଥିରେ ନେଗେଟିଭ୍ ଆସିଲେ ସେମାନେ ଟ୍ରେନିଂରେ ସାମିଲ ହୋଇ ପାରିବେ। ବର୍ତ୍ତମାନର ଲାଇନ୍ ଅପ୍‌ରେ ଦୀପକଙ୍କୁ ପ୍ରଥମ ଟିମ୍ ଷ୍ଟାର୍ଟର ବିବେଚନା କରାଯାଉଛି। ଟୁର୍ନାମେଣ୍ଟରୁ ଓହରିଯାଇଥିବା ଭେଟେରାନ ସୁରେଶ ରାଇନାଙ୍କୁ ସ୍ଥାନରେ ଟପ୍ ଅର୍ଡରରେ ଋତୁରାଜଙ୍କୁ ଖେଳାଇବା ଲାଗି ଯୋଜନା କରାଯାଇଛି। ସିଏସ୍‌କେର ଟ୍ରେନିଂ ଆରମ୍ଭ ଆଇପିଏଲ୍ ପାଇଁ ଏକ ଭଲ ଖବର। କାରଣ ସେପ୍ଟେମ୍ବର ୧୯ରେ ଚେନ୍ନଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଥର ଆଇପିଏଲର ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ନେଟ୍ସରେ ଧୋନୀଙ୍କ ଅଭ୍ୟାସ।

# ଆଇପିଏଲ୍‌ରୁ ଓହରିଲେ ହରଭଜନ

**ନୂଆଦିଲ୍ଲୀ, ୪।୯(ପି.ଟି.):** ସିନିୟର ଅଫ୍‌ସ୍ପିନର ହରଭଜନ ସିଂ ବ୍ୟକ୍ତିଗତ କାରଣ ଦର୍ଶାଇ ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରି ଯାଇଛନ୍ତି। ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଟିମ୍ ମ୍ୟାନେଜମେଣ୍ଟକୁ ଅବଗତ କରାଇଛନ୍ତି। ଏଥର ଆଇପିଏଲ୍‌ରୁ ଓହରିବାରେ ସେ ହେଉଛନ୍ତି ଦ୍ୱିତୀୟ ହାଇପ୍ରୋଫାଇଲ ଖେଳାଳି। ୪୦ବର୍ଷୀୟ ହରଭଜନ ଗତ ଦୁଇ ସିଜନ ଧରି ସିଏସ୍‌କେ ତରଫରୁ ଖେଳି ଆସୁଥିଲେ। ବର୍ତ୍ତମାନ ସେ ନିଜ ପରିବାର ସହ ପଞ୍ଜାବର ଜଳନ୍ଧରରେ ଅବସ୍ଥାନ କରୁଛନ୍ତି। କାରଣକୁ ସେ ଗୋପନ ରଖିବାକୁ ଚାହୁଁଥିବା କହିଛନ୍ତି। ନିଷ୍ପତ୍ତିରେ ସହଯୋଗ କରିବା ଲାଗି ସେ ଅନୁରୋଧ କରିଛନ୍ତି। କୋଭିଡ୍-୧୯ ମାହାମାରୀ ଯୋଗୁ ଏଥର ଆଇପିଏଲ୍ ୟୁଏଇରେ ଆୟୋଜନ କରାଯାଇଛି। ଚଳିତ ସିଜନ ପାଇଁ ଫ୍ରାଞ୍ଚାଇଜ୍ ତାଙ୍କୁ ୨ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା। ପୂର୍ବରୁ ଅଲରାଉଣ୍ଡର ସୁରେଶ ରାଇନା ବ୍ୟକ୍ତିଗତ କାରଣ ଦର୍ଶାଇ ସିଏସ୍‌କେ ଦଳରୁ ଓହରିଯାଇଥିଲେ। ଆଇପିଏଲ୍ ଇତିହାସରେ ଅନ୍ୟତମ ସଫଳ ବୋଲର। ଲସିଥ ମାଲିଙ୍ଗା (୧୭୦) ଓ ଅମିତ ମିଶ୍ର(୧୫୭)ଙ୍କ ପରେ ସେ ତୃତୀୟ ସର୍ବାଧିକ ୧୫୦ ଉଇକେଟ ଅକ୍ତିଆର କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ନିଜ ପରିବାର ପ୍ରତି ଧ୍ୟାନ ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ହରଭଜନ କରିଛନ୍ତି।



# ଅନୁବନ୍ଧିତ ୟୁନିଟ୍, କ୍ଲାଏଣ୍ଟଙ୍କୁ ୪୬.୮୯ କୋଟି ଦେଇଛି ବିସିସିଆଇ

**ନୂଆଦିଲ୍ଲୀ, ୪।୯:** କୋଭିଡ୍-୧୯ ମହାମାରୀ ପାଇଁ ସାରା ବିଶ୍ୱ ଅର୍ଥନୀତି ସଙ୍କଟରେ ପଡିଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଅନୁବନ୍ଧିତ ୟୁନିଟ୍ ଓ ସଦସ୍ୟମାନଙ୍କୁ ୪୬.୮୯ କୋଟି ଟଙ୍କା ପ୍ରଦାନ କରିଛି। ଏଥିସହିତ ବିସିସିଆଇ ଇନ୍‌କମ୍ ଟ୍ୟାକ୍ସ ଓ ଜିଏସ୍‌ଟି ମଧ୍ୟ ପ୍ରଦାନ କରିଛି। ବିସିସିଆଇ ତା'ର ୱେବ୍‌ସାଇଟ୍‌ରେ ଏ ନେଇ ଘୋଷଣା କରିଛି। ଜୁଲାଇରେ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ସବୁଠାରୁ ଅଧିକ ଲାଭବାନ ହୋଇଛି। ଏଚ୍‌ପିସିଏକୁ ୧୬.୨୦ କୋଟି ଟଙ୍କା ପ୍ରଦାନ କରିଛି। ସେହିପରି ଝାଡଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ) ୧୦.୮୦ କୋଟି ଟଙ୍କା ପାଇଛି। ବିସିସିଆଇ ମଧ୍ୟ ଜିଏସ୍‌ଟି ବାବଦରେ ୫୪ ଲକ୍ଷ ଟଙ୍କା ପୈଠ କରିଛି। ଜୁଲାଇ ୪ ତାରିଖରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ୨.୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଦିନ ଇନ୍‌କମ୍ ଟ୍ୟାକ୍ସ ବାବଦରେ ବୋର୍ଡ ୩.୫୨ କୋଟି ଟଙ୍କା ମଧ୍ୟ ପ୍ରଦାନ କରିଛି। ସେହିପରି ଜୁଲାଇ ୧୫ ତାରିଖରେ ଜିଏସ୍‌ଟି ବାବଦରେ ୪୧.୧୬ କୋଟି ଟଙ୍କା ପ୍ରଦାନ କରିଛି। ଏଚ୍‌ପିସିଏକୁ ୧୬.୨୦ କୋଟି ଟଙ୍କା ଦେବା ପରେ ଜୁଲାଇ ୨୨ ତାରିଖରେ ୧୦.୮୦ କୋଟି ଟଙ୍କା ପ୍ରଦାନ କରିଛି। ସେହିପରି ଜୁଲାଇ ୩୦ ତାରିଖରେ ଅରୁଣାଚଳ, ମିଜୋରାମ ଓ ସିକ୍କିମ ଆସୋସିଏଶନକୁ ୩.୨୪ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ପୂର୍ବରୁ ବିଭିନ୍ନ ରାଜ୍ୟ କ୍ରିକେଟ ଆସୋସିଏଶନ ଅର୍ଥ ଦେବାକୁ ବିସିସିଆଇକୁ ଅନୁରୋଧ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ